


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୩ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 March 2026

Vol.No. 36 ■ No.78 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଇରାନକୁ ଡୋନାଲ୍ଡଙ୍କ ଡେଡ୍‌ଲାଇନ୍ : ହର୍ମୁଜ ନ ଖୋଲିଲେ ଭୟଙ୍କର ହେବ ପରିଣାମ



ନୂଆଦିଲ୍ଲୀ,୨୨/୩ : ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ଏବେ ନୂଆ ମୋଡ଼ ନେବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଇରାନ ବିରୋଧରେ ସବୁଠାରୁ ଭୟଙ୍କର ରୂପ ଧାରଣ କରିଛନ୍ତି । ଟ୍ରମ୍ପ ସ୍ପଷ୍ଟ ଭାବେ ଚେତାବନୀ ଦେଇଛନ୍ତି କି, ଯଦି ଆଗାମୀ ୪୮ ଘଣ୍ଟା ମଧ୍ୟରେ ଇରାନ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ'କୁ ସମ୍ପୂର୍ଣ୍ଣ ଭାବେ ନଖୋଲେ, ତେବେ ଆମେରିକା ଇରାନର ସମସ୍ତ ପାୱାର ପ୍ଲାଣ୍ଟକୁ ଧ୍ୱଂସ କରିଦେବ । ଟ୍ରମ୍ପଙ୍କ ଏହି ଖୋଲା ଧମକ ପରେ ସାରା ଦୁନିଆ ଏକ ବଡ଼ ଧରଣର ବିଶ୍ୱଯୁଦ୍ଧ ଆଡ଼କୁ ଗତି କରୁଛି କି? ବିଶ୍ୱ ଅର୍ଥନୀତିର ଜୀବନରେଖା କୁହାଯାଉଥିବା 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଏବେ ରଣକ୍ଷେତ୍ରରେ ପରିଣତ ହୋଇଛି । ଇରାନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥରେ କଟକଣା ଲଗାଯିବା ପରେ କ୍ଷୁବ୍ଧ ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ବିସ୍ଫୋରକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି । ଯଦି ୪୮ ଘଣ୍ଟା ମଧ୍ୟରେ ଏହି ପଥ ସମ୍ପୂର୍ଣ୍ଣ ମୁକ୍ତ ନହୁଏ, ତେବେ ଆମେରିକା ଇରାନର ବିଦ୍ୟୁତ ଶକ୍ତି କେନ୍ଦ୍ରଗୁଡ଼ିକୁ ମାଟିରେ ମିଶାଇ ଦେବ । ଏଥିସହ ସେ ଏହା ମଧ ସ୍ପଷ୍ଟ କରିଛନ୍ତି କି, ପ୍ରଥମ ଆକ୍ରମଣ ଇରାନର ସବୁଠାରୁ ବଡ଼ ପାୱାର ପ୍ଲାଣ୍ଟ ଉପରେ କରାଯିବ । ଏହି ଚେତାବନୀ ପରେ ସାରା ବିଶ୍ୱରେ ଆତଙ୍କ ଖେଳିଯାଇଛି । କାରଣ ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ କାରବାର ହୋଇଥାଏ । ଏହାର ବନ୍ଦ ହେବା ଅର୍ଥ ବିଶ୍ୱରେ ତୈଳ ସଙ୍କଟ ସହ ଆକାଶଛୁଆଁ ଦରବୃଦ୍ଧି । କିନ୍ତୁ କେବଳ ଆର୍ଥିକ କାରଣ ନୁହେଁ, ଏହି ବିବାଦ ଏବେ ଏକ ବଡ଼ ଯୁଦ୍ଧ ମୁହାଁ ହେବାରେ ଲାଗିଛି । ଟ୍ରମ୍ପଙ୍କ ଏହି ଧମକ ପରେ ଇରାନ ମଧ ଚୁପ୍ ବସିନାହିଁ । ତେହେରାନ ପକ୍ଷରୁ ଜବାବ ମିଳିଛି କି, ଯଦି ଇରାନର ଭିତ୍ତିଭୂମି ଉପରେ କୌଣସି ଆକ୍ରମଣ ହୁଏ, ତେବେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସମସ୍ତ ସାମରିକ ଘାଟିକୁ ଇରାନ ନିଜ କ୍ଷେପଣାସ୍ତ୍ର ସାହାଯ୍ୟରେ ପାଉଁଶ କରିଦେବ । ଇସ୍ରାଏଲ ମଧ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହୋଇସାରିଛି । ଗତକାଲି ଇରାନର ମିସାଇଲ ମାଡ଼ରେ ଇସ୍ରାଏଲର ଦିମୋନା ପାରମାଣବିକ କେନ୍ଦ୍ର ନିକଟରେ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବା ରିପୋର୍ଟ ମିଳିଛି । ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଏହା କେବଳ ଦୁଇଟି ଦେଶର ଲଢ଼େଇ ନୁହେଁ । ଯଦି ଆମେରିକା ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରେ, ତେବେ ଏଥିରେ ରୁଷ ଓ ଚୀନ୍ ଭଳି ଶକ୍ତିଶାଳୀ ଦେଶ ମଧ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ସାମିଲ ହୋଇପାରନ୍ତି । ଯାହା ତୃତୀୟ ବିଶ୍ୱଯୁଦ୍ଧର ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ୪୮ ଘଣ୍ଟାର ଏହି ସମୟସୀମା ଶେଷ ହେବାକୁ ଆଉ ମାତ୍ର କିଛି ଘଣ୍ଟା ବାକି ଅଛି । ଇରାନ ନିଜ ଜିଦ୍‌ରେ ଅଟଳ ରହିବ ନା ଟ୍ରମ୍ପଙ୍କ ଭୟରେ ହର୍ମୁଜରୁ କଟକଣା ଉଠାଇବ ? ଏବେ ଯୁଦ୍ଧ ଭିତରେ ଏହି ଶକ୍ତି ପ୍ରଦର୍ଶନରେ ସାଧାରଣ ଜନତା ଏବେ ବିନାଶର ଦ୍ୱାରଦେଶରେ ଛିଡ଼ା ହୋଇଛନ୍ତି ।

## ଏଲପିଜି ଆସୁଛି: ସଙ୍କଟ ଟଳୁନି

ନୂଆଦିଲ୍ଲୀ,୨୨/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ପ୍ରଭାବିତ ହୋଇଛି ଏଲପିଜି ଯୋଗାଣ। ହର୍ମୁଜ ପ୍ରଣାଳି ଦେଇ ସ୍ୱାଭାବିକ ଭାବେ ଗ୍ୟାସ ଜାହାଜ ଆସୁନଥିବାରୁ ଆମ ଦେଶରେ ଏଲପିଜି ଅଭାବ ଦେଖାଦେଇଛି। ଯାହାର ପ୍ରଭାବ ସିଧାସଳଖ ରୋଷେଇ ଘର, ହୋଟେଲ ରେଷ୍ଟୁରାଣ୍ଟ, ଟିଫିନ୍ ଷ୍ଟଲ ଓ ଫାଷ୍ଟଫୁଡ ସେଣ୍ଟର ଉପରେ ପଡିଛି। ତେବେ ଏହାରି ଭିତରେ ଭାରତରେ ଆମେରିକାରୁ ଆସି ପହଁଚିଛି ଆଉ ଏକ ଏଲପିଜି ଜାହାଜ। ଗ୍ୟାସ ସଂକଟ ଭିତରେ ଆଶାର କିରଣ ଭାବେ ଭାରତରେ ପହଁଚିଛି ଆଉ ଏକ ଏଲପିଜି ଜାହାଜ। ହର୍ମୁଜ ଦେଇ ଆସିପାରୁନଥିବାବେଳେ ଆମେରିକାରୁ ଆସି ନ୍ୟୁ ମାଙ୍ଗାଲୁରୁରେ ପହଞ୍ଚିଛି ଗ୍ୟାସ୍ ଜାହାଜ ପାଇକ୍ସିସ୍ ପାୟୋନିୟର । ଏହି ଜାହାଜଟି ଆମେରିକାର ଟେକ୍ସାସରୁ ଏଲ୍‌ପିଜି ଧରି ଭାରତ ପହଁଚିଛି। ଇରାନ- ଇସ୍ରାଏଲ-ଆମେରିକା ଯୁଦ୍ଧ ଯୋଗୁଁ ଗତ କିଛି ଦିନ ଭିତରେ ହର୍ମୁଜରେ ପ୍ରାୟ ୭ଶହ ଜାହାଜ ହର୍ମୁଜ ପ୍ରଣୀଳୀରେ ଫସି ରହିଛି। ଏଲପିଜି ଅଭାବ ମଧ୍ୟରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଆଶ୍ୱସ୍ତି ଦେବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ସକର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଗୁଡିକ ପାଇଁ ବାଣିଜ୍ୟିକ ଏଲ୍‌ପିଜି କୋଟା ୩୦ରୁ ୪୦ପ୍ରତିଶତକୁ ବୃଦ୍ଧି କରାଯିବ। ଏହା ସହିତ, ପ୍ରବାସୀ ଶ୍ରମିକମାନେ ସେମାନଙ୍କର ୫ କିଲୋଗ୍ରାମ୍ ଛୋଟ ଗ୍ୟାସ୍ ସିଲିଣ୍ଡରକୁ ରିଫିଲ୍ କରିପାରିବେ। ଗତ ସପ୍ତାହରେ ଏଲପିଜି ଜାହାଜ ଆସିଥିଲେ ବି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ଏଲପିଜି ଅଭାବରୁ ଠେଲା ଜଳଖିଆ ଦୋକାନ ବନ୍ଦ ହୋଇଯାଇଛି । ଟ୍ରଲିରେ ବସିଗଲାଣି ଧୂଳି। ବହୁ ଦୋକାନ ବନ୍ଦ ହୋଇଯାଇଥିବାରୁ ଯେଉଁଠି ଖୋଲା ଅଛି ସେଠି ଗହଳି ଲାଗିଛି। ଚାହିଦା ବଢ଼ିବା ପରେ ଜଳଖିଆ ଦାମ ବଢ଼ାଇ ଦେଇଛନ୍ତି ବ୍ୟବସାୟୀ ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୨/୩ (ନି.ପ୍ର): ଆଜି ଲୋକସେବା ଭବନ ଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ମୁଖ୍ୟତଃ ସରକାରୀ ହସ୍ପିଟାଲ ଗୁଡିକରେ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ଯାଂଚ କରେଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୟ ସମୟରେ ନିରୀକ୍ଷଣ କରିବା, ଅଗ୍ନି ସୁରକ୍ଷା ମାନର ସଠିକ ଭାବେ ପାଳନ କରିବା ନିମନ୍ତେ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଛନ୍ତି । ବୈଠକରେ ଆଲୋଚିତ ବିଷୟଗୁଡ଼ିକୁ ଗୁରୁତ୍ୱ ସହ କାର୍ଯ୍ୟକାରୀ କରିବା ଓ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## କଳାବାଘର ଛାଲ ଜବତ: ୨ଜଣ ଅଟକ

ବାରିପଦା, ୨୨/୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ବାରିପଦା ବନଖଣ୍ଡ ବନବିଭାଗ ପକ୍ଷରୁ ରବିବାର ସକାଳେ ଏକ କଳାବାଘର ଛାଲ ଜବତ କରାଯିବା ସହିତ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । କୁଳିଅଣା ଅଞ୍ଚଳରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନବିଭାଗ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢାଉ କରାଯାଇଥିଲା । ଘଟଣାସ୍ଥଳରୁ ଏକ କଳାବାଘର ଚମଡ଼ା ଜବତ କରିବା ସହିତ ଏଥିରେ ଜଡିତ ୨ଜଣ ଅଭିଯୁକ୍ତଙ୍କୁ ବାରିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଜାରି ରଖିଛି ବନବିଭାଗ । ସୂଚନାଯୋଗ୍ୟ, କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ଦେଖିବାକୁ ମିଳିଥାଏ। କଳାବାଘ ବା' ମିଲାନିଷ୍ଟିକ୍ ଟାଇଗର ପ୍ରତି ବିପଦ ଘନେଇଛି। ଏଥିରେ ଏକ ବଡ଼ ବାଘଛାଲ ରାକେଟ୍ କାମ କରୁଥିବା ସନ୍ଦେହରେ ବାରିପଦା ବନଖଣ୍ଡ ଅଧିକାରୀ ଓ ଶିମିଳିପାଳ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ପୁରା ପ୍ରକ୍ରିୟା ସରିଲେ ସାମ୍ବାଦିକ ସମ୍ମିଳନୀ ଜରିଆରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳ ସୂଚନା ଦେଇଛନ୍ତି।

## ନିଲାମ ହେବ ଓଡ଼ିଶାର ୩୪ଟି ଖଣି



ଭୁବନେଶ୍ୱର, ୨୨/୩ (ନି.ପ୍ର): ଆଗାମୀ ଦିନରେ ରାଜ୍ୟରେ ୩୪ଟି ଖଣି ନିଲାମ କରାଯିବ। ଲୁହାପଥର, ବକ୍ସାଇଟ୍, ଲୁହାପଥର ଓ ମାଙ୍ଗାନିଜ, ଚୂନପଥର, ମାଙ୍ଗାନିଜ, ତମ୍ବା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଖଣି ଓ ସୁନା ଖଣି ଆଦିକୁ ନିଲାମ କରାଯିବ। ଏହି ଖଣିଗୁଡ଼ିକ ମାଲକାନଗିରି, ସୁବର୍ଣ୍ଣପୁର, କଳାହାଣ୍ଡି, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, ରାୟଗଡ଼ା, କୋରାପୁଟ, ନୂଆପଡ଼ା ଓ ନୟାଗଡ଼ ଜିଲ୍ଲାରେ ରହିଛି। ରାଜ୍ୟ ସରକାର ରାଜ୍ୟରେ ଥିବା ୨୫ଟି ଓ କେନ୍ଦ୍ର ସରକାର ୯ଟି ଖଣି ନିଲାମ କରିବେ। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ନିୟମ ୨୦୧୫ ଅନୁସାରେ ୫୦ ବର୍ଷିଆ ଲିଜ ଅବଧି ସହ ଏହି ଖଣିଗୁଡ଼ିକୁ ନିଲାମ କରାଯିବ। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଆସନ୍ତା ଆର୍ଥିକ ବର୍ଷରେ ନିଲାମ ହେବାକୁ ଥିବା ଖଣିଗୁଡ଼ିକ ମଧ୍ୟରୁ ୨୫ଟି ପ୍ରମୁଖ ଖଣିଜ ପଦାର୍ଥ ଥିବା ଖଣି ଓ ୯ଟି ହେଉଛି କ୍ରିଟିକାଲ୍ ମିନେରାଲ ଖଣି। ୨୦୨୬-୨୬ରେ ଦେଶବ୍ୟାପୀ ୨୨ଟି ଖଣି ନିଲାମ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ସୁନା, ହୀରା ଓ ମାଣିକ ଖଣି ଠାବ କରାଯାଇଥିବା ନେଇ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ବିଧାନସଭାରେ ସୂଚନା ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାର ମଦନସାହି-କାଞ୍ଜିଆ ଓ କେନ୍ଦୁଝର ଜିଲ୍ଲାର ଜଲଡିହ ସୁନା ଖଣିର ନିଲାମ କରିବାକୁ ସରକାର ଯୋଜନା ରଖିଛନ୍ତି। ଦେବଗଡ଼ର ଅଡସ-ରାମପଲ୍ଲୀରେ ଠାବ କରାଯାଇଥିବା ସୁନା ଖଣିର ମଧ ନିଲାମ କରାଯିବ। ନୟାଗଡ଼, ରାୟଗଡ଼ା ଓ ବଲାଙ୍ଗୀରରେ ଗ୍ରାଫାଇଟ୍ ଖଣି, ବଲାଙ୍ଗୀରରେ ଭାନାଡିୟମ, ଦେବଗଡ଼ରେ ସୁନା ଓ ମାଲକାନଗିରିରେ ଟିଣ ଖଣି ନିଲାମ କରାଯିବ। ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ସଂସ୍ଥା ଏହି ଖଣିଗୁଡ଼ିକୁ ଠାବ କରିବା ସହ ଅନୁସନ୍ଧାନ କରିଛନ୍ତି।୨୦୨୩ ପରଠାରୁ ରାଜ୍ୟରେ ଖଣି ନିଲାମ ହୋଇନଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ନିଲାମ ପାଇଁ ୩୦ଟି ଖଣିକୁ ପ୍ରସ୍ତୁତ କରିଥିଲେ। ସେଥିରୁ ୮ଟି ଖଣି ନିଲାମ ହୋଇଛି। ୧୨ଟି ଖଣିକୁ ନିଲାମ କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଆଉ ୧୦ଟି ଖଣି ନିଲାମ କରାଯିବ।

## ବିଶ୍ୱ ଜଳ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆହ୍ୱାନ : ନଷ୍ଟ ନହେଉ ବୁନ୍ଦାଏ ପାଣି



ଭୁବନେଶ୍ୱର, ୨୨/୩ (ନି.ପ୍ର): ବିଶ୍ୱ ଜଳ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ୨ ହଜାର ୬୧୨ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯିବ। ଏହା ସହ କୌଣସି ଚାଷଜମି ଜଳାଭାବର ଶିକାର ହେବନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ବିଶ୍ୱ ଜଳ ଦିବସରେ ପ୍ରତିଟି ଘରେ ଜଳ ଅପଚୟ ନ କରିବାର ବାର୍ତ୍ତା ପହଞ୍ଚିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚାଇବାର ଶିକ୍ଷା ଦେବା ଆବଶ୍ୟକ। କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ। ପାଣି ନଷ୍ଟ କରିବାନି, ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବା। ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହରେ ସାମିଲ ହୋଇ ମୋହନ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିସନ୍ ଏକ ବୈପ୍ଲବିକ ଯୋଜନା। କୌଣସି ଚାଷଜମି ଜଳାଭାବର ଶିକାର ହେବନାହିଁ। ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସରକାରଙ୍କ ସଂକଳ୍ପ। ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯିବ। ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ୨୦୪୭ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରୁ ବଢୁଥିବା ଚାହିଦାକୁ ପୂରଣ ପାଇଁ ନିହାତି ଆବଶ୍ୟକ ଜଳ ସୁରକ୍ଷା। ରାଜ୍ୟରେ ଜଳସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତାକୁ ୨୦୩୬ ସୁଦ୍ଧା

◆◆ପୃଷ୍ଠା ୭

## ସାବରମତୀ ଆଶ୍ରମ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୩ (ନି.ପ୍ର): ଆଜି ଗୁଜରାଟର ଅହମ୍ମଦାବାଦ ସ୍ଥିତ ସୁପ୍ରସିଦ୍ଧ ସାବରମତୀ ଆଶ୍ରମ ପରିଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପବିତ୍ର ଭୂମି ମହାତ୍ମା ଗାନ୍ଧୀ ଜୀଙ୍କ ଆଦର୍ଶ, ବ୍ୟକ୍ତିତ୍ୱ ଏବଂ ସେବା ମନୋଭାବର ସ୍ମୃତି ବହନ କରୁଛି । ସତ୍ୟ ଓ ଅହିଂସାର ମାର୍ଗ ଦେଖାଇ ସମଗ୍ର ବିଶ୍ୱର ଅଗଣିତ ଜନତାଙ୍କୁ ପ୍ରେରଣା ଦେଇଆସିଥିବା ସାବରମତୀ ମାଟିକୁ କୋଟି କୋଟି ପ୍ରଣାମ ଜଣାଉଛି।

## ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ



ନୂଆଦିଲ୍ଲୀ,୨୨/୩ : ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଦେଶର ଶକ୍ତି ସୁରକ୍ଷାକୁ ନେଇ ସଜାଗ କେନ୍ଦ୍ର ସରକାର। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଉଚ୍ଚସ୍ତରୀୟ ବୈଠକରେ ପେଟ୍ରୋଲିୟମ, ଗ୍ୟାସ, ବିଦ୍ୟୁତ ଏବଂ ସାର ଯୋଗାଣର ସମୀକ୍ଷା କରିଛନ୍ତି। ଯୁଦ୍ଧ ସମୟରେ ଅଶୋଧିତ ତୈଳ ଏବଂ ଗ୍ୟାସର ନିରନ୍ତର ଯୋଗାଣ ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଖଚଏ ସିଲିଣ୍ଡର ଯୋଗାଣ ସ୍ୱାଭାବିକ ରହିଛି। ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାକୁ ଅଗ୍ରାଧିକାର ଭିତ୍ତିରେ ବାଣିଜ୍ୟିକ ଖଚଏ ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଛି। ଖଚଏ ହୋର୍ଡିଂ ଏବଂ କଳାବଜାରୀ ରୋକିବାକୁ ବିଭିନ୍ନ ରାଜ୍ୟରେ ଚଢ଼ାଉ ଜାରି ରହିଛି। ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର, ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ନିବାସରେ ଏହି ବୈଠକ ହୋଇଥିଲା। ଶିପିଂ ମନ୍ତ୍ରଣାଳୟର ବିଶେଷ ସଚିବ ରାଜେଶ କୁମାର ସିଂହ କହିଛନ୍ତି, ପର୍ସିଆନ୍ ଗଲ୍ଫରେ ଥିବା ୨୨ଟି ଭାରତୀୟ ଜାହାଜ ଓ ୬୧୧ ଜଣ ନାବିକ ନିରାପଦ ଅଛନ୍ତି। ଗତ ୨୪ ଘଣ୍ଟାରେ କୌଣସି ସମୁଦ୍ରୀୟ ଘଟଣା ଘଟିନାହିଁ। ପରିସ୍ଥିତିକୁ ନିରନ୍ତର ନିରୀକ୍ଷଣ କରାଯାଉଛି। ଏହି ସମୀକ୍ଷା ପଶ୍ଚିମ ଏସିଆ ସଂଘର୍ଷର ଚତୁର୍ଥ ସପ୍ତାହରେ ହୋଇଛି। ଫେବୃଆରୀ ୨୮ରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖାମେନେଇ (୮୬)ଙ୍କ ମୃତ୍ୟୁ ହୋଇଥିଲା। ପ୍ରତିଶୋଧ ସ୍ୱରୂପ ଇରାନ୍ ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ଆମେରିକାର ବେସ ଉପରେ ଆକ୍ରମଣ କରିଛି, ଯାହା ହର୍ମୁଜ୍ ଜଳସଂଯୋଗକୁ ବ୍ୟାହତ କରିଛି ଏବଂ ଆନ୍ତର୍ଜାତିକ ଶକ୍ତି ବଜାର ଓ ଅର୍ଥନୀତିକୁ ପ୍ରଭାବିତ କରିଛି।

## ଆକ୍ରମଣ ଭୟରେ ଲୁଚିଛନ୍ତି ମୋଜତବା ଖେମିନି: ଠିକଣା ପାଉନାହାନ୍ତି ଇସ୍ରାଏଲ-ଆମେରିକା



ନୂଆଦିଲ୍ଲୀ,୨୨/୩ : ଫେବ୍ରୁଆରି ୨୮ରେ ଆମେରିକା-ଇସ୍ରାଏଲ ବିମାନ ଆକ୍ରମଣରେ ପିତାଙ୍କ ମୃତ୍ୟୁ ପରେ ମୋଜତବା ଖେମିନି ମାର୍ଚ୍ଚ ୯ରେ ଇରାନର ସର୍ବୋଚ୍ଚ ନେତା ହୋଇଛନ୍ତି। ତଥାପି ନୂତନ ସର୍ବୋଚ୍ଚ ନେତା ଏପର୍ଯ୍ୟନ୍ତ ସର୍ବସାଧାରଣରେ ମୁହଁ ଦେଖାଇ ନାହାନ୍ତି। ଇସ୍ରାଏଲ-ଆମେରିକା ତାଙ୍କୁ ଖୋଜି ପାଉନାହାନ୍ତି। ମାର୍ଚ୍ଚ ୧୨ରେ ତାଙ୍କର ପ୍ରଥମ ସାର୍ବଜନୀନ ବିବୃତି ଓ ମାର୍ଚ୍ଚ ୨୦ରେ ତାଙ୍କର ନୌରୋଜ୍ (ପାରସ୍ୟ ବା ଇରାନୀ ନବବର୍ଷ) ବାର୍ତ୍ତା ରାଜ୍ୟ ଗଣମାଧ୍ୟମ ଦ୍ୱାରା ପଢ଼ି ଶୁଣାଯାଇଥିଲା, ଯାହା ତାଙ୍କ ଠିକଣା ବିଷୟରେ ରହସ୍ୟକୁ ଆହୁରି ଗଭୀର କରିଥିଲା। ଇସ୍ରାଏଲ ଓ ଆମେରିକାର ସଦ୍ୟତମ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନୂତନ ସର୍ବୋଚ୍ଚ ନେତା ଜୀବିତ ଅଛନ୍ତି, କିନ୍ତୁ ଦେଶ ତାଙ୍କ ନିୟନ୍ତ୍ରଣରେ ନାହିଁ। ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆରଜିସି) ଇରାନରେ ପ୍ରକୃତ କ୍ଷମତା ଉପଭୋଗ କରୁଥିବାବେଳେ ମୋଜତବା ରାଜନୈତିକ କଳ ଉପରେ ନିଜର କ୍ଷମତା ସମ୍ପୂର୍ଣ୍ଣ ଭାବରେ ପ୍ରୟୋଗ କରିବାରେ ଅସମର୍ଥ। ଏକ ଇସ୍ରାଏଲୀ ପ୍ରକାଶନ ଆମେରିକା-ଇସ୍ରାଏଲୀ ଗୁଇନ୍ଦା ସୂତ୍ରକୁ ଉଦ୍ଧୃତ କରି କହିଛି ଯେ, ଫେବ୍ରୁଆରି ୨୮ରେ ଅଲି ଖେମିନିଙ୍କ ମୃତ୍ୟୁ ସହ ମୋଜତବା ଆହତ ହୋଇଥିଲେ ମଧ ସେ କାର୍ଯ୍ୟ କରିବାକୁ ଶାରୀରିକ ଭାବରେ ସକ୍ଷମ ଅଛନ୍ତି। କିନ୍ତୁ ସେ ନେତୃତ୍ୱ ନେଉଛନ୍ତି ବୋଲି ଆମ ପାଖରେ କୌଣସି ପ୍ରମାଣ ନାହିଁ ବୋଲି ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି। ତେଲ୍ ଅଭିଭ୍‌ରେ ଥିବା ଇନଷ୍ଟିଚ୍ୟୁଟ୍ ଫର୍ ନ୍ୟାସନାଲ ସିକ୍ୟୁରିଟି ଷ୍ଟଡିଜ୍‌ର ରାଜ୍ ଜିମଟଙ୍କ ପରି ଇରାନ ବିଶେଷଜ୍ଞମାନେ କହିଛନ୍ତି ଯେ, ଚାଲିଥିବା ସୁରକ୍ଷା ପରିସ୍ଥିତି ହେତୁ ନୂତନ ସର୍ବୋଚ୍ଚ ନେତା ସର୍ବସାଧାରଣରେ ଉପସ୍ଥିତ ହେବାର ସମ୍ଭାବନା ନାହିଁ। ତାଙ୍କ ଆଘାତ ତାଙ୍କୁ ଏକ ରେକର୍ଡ ହୋଇଥିବା ଭିଡିଓ ଜାରି କରିବାକୁ ମଧ ଅନୁମତି ଦିଏ ନାହିଁ ଯାହାଦ୍ୱାରା ତାଙ୍କ ଅବସ୍ଥାର ଗମ୍ଭୀରତା ବିଷୟରେ ଜନସାଧାରଣ ଜାଣିପାରିବେ।

◆◆ପୃଷ୍ଠା ୭

## ଜେଏନୟୁ ଓଡ଼ିଶା ଆଲୁମନି ସଂଘର ବାର୍ଷିକ ସମ୍ମିଳନୀରେ ଯୋଗ ଦେଲେ ରାଜ୍ୟପାଳ




ଭୁବନେଶ୍ୱର, ୨୨/୩ (ନି.ପ୍ର): ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ର ସଂଘର ବିଶେଷ ଭୂମିକା ରହିଛି। ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଓ ଦୃଷ୍ଟିକୋଣ ଯୁବ ଛାତ୍ରଛାତ୍ରୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ଆଜି ଓୟୁଏଟିର ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ଓଡ଼ିଶା ଆଲୁମନି ସଂଘର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ ହରିବାବୁ କମ୍ଭମପାଟି ଏହା କହିଛନ୍ତି।
କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ ଓ ରାଜ୍ୟପାଳ ନିଜ ବକ୍ତବ୍ୟରେ କହିଛନ୍ତି, ଜେଏନ୍‌ୟୁ ଦଶନ୍ଧି ଦଶନ୍ଧି ଧରି ଭାରତର ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇଛି। ଏହା କେବଳ ଶିକ୍ଷାଗତ ଶ୍ରେଷ୍ଠତ୍ୱ ପାଇଁ ନୁହେଁ ବରଂ ସମାଲୋଚନାତ୍ମକ ଚିନ୍ତାଧାରା, ବିଚାରର ଉନ୍ମୁକ୍ତତା ଏବଂ ଗଭୀର ସାମାଜିକ ଦାୟିତ୍ୱବୋଧ ପାଇଁ ମଧ ପରିଚିତ। ଜେଏନୟୁ ସର୍ବଦା ଛାତ୍ରଛାତ୍ରୀମାନଙ୍କୁ ପ୍ରଶ୍ନ କରିବା, ଚିନ୍ତନ କରିବା ଏବଂ ବିଶ୍ୱ ସହିତ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ି ହେବାକୁ ପ୍ରୋତ୍ସାହିତ କରିଆସିଛି।
ଓଡ଼ିଶାରେ ଏପରି ଏକ ପ୍ରତିଷ୍ଠିତ ଏବଂ ଜୀବନ୍ତ ପୂର୍ବତନ ଛାତ୍ର ସଂଘର ଉପସ୍ଥିତି ଗର୍ବର ବିଷୟ ବୋଲି ରାଜ୍ୟପାଳ କହିଥିଲେ। ସେମାନଙ୍କ ଭଳି ପୂର୍ବତନ ଛାତ୍ର ସଂଘ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରେ। ଏହି ସଂଘ ସହଯୋଗ, ମାର୍ଗଦର୍ଶନ ଏବଂ ସେବା ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଅଭିଜ୍ଞତା ଓ ଆକାଂକ୍ଷା, ଜ୍ଞାନ ଓ ଉର୍ଜାକୁ ଏକତ୍ରିତ କରେ। ଭବିଷ୍ୟତ ପିଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ର ସଂଘର ଅଭିଜ୍ଞତା, ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ଯୁବ ଛାତ୍ରମାନଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ରାଜ୍ୟପାଳ ମତ ଦେଇଥିଲେ। ସଭାରେ, ଓଡ଼ିଶାର ମୁଖ୍ୟ ସୂଚନା କମିଶନର ମନୋଜ କୁମାର ପରିଡ଼ା ଓ ଓୟୁଏଟିର କୁଳପତି ଡ଼ ପ୍ରଭାତ କୁମାର ରାଉଳ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ସଭାପତି ସଂଗ୍ରାମ କେଶରୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସାଧାରଣ ସମ୍ପାଦକ ଡ ମାନସ ରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ, ଅତିଥିଙ୍କ ଦ୍ୱାରା ସଂଘର ସ୍ମରଣିକା ମଧ ଉନ୍ମୋଚିତ ହୋଇଥିଲା।

## ଆଦର୍ଶ ଶିକ୍ଷକ ସ୍ୱର୍ଗତ ଶମ୍ଭୁନାଥ ସାମଲ ଓ ଶାନ୍ତିଲତା ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ

ଭଦ୍ରକ, ୨୨/୩ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ଖଡିପଦା ପଂଚାୟତ ଅନ୍ତର୍ଗତ କୋରକଦା ଗ୍ରାମରେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଶମ୍ଭୁନାଥ ସାମଲ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ଶାନ୍ତିଲତା ନାୟକଙ୍କ ଆବକ୍ଷ ପ୍ରତିମୂର୍ତି ଅନାବରଣ ଓ ସ୍ମୃତିଚାରଣ ସଭା ଶନିବାର ଗମ୍ଭୀର ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଅନାବରଣ ସମାରୋହରେ ହେମେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବାବେଳେ ସଭାକୁ ହେମେନ୍ଦ୍ରନାଥ ମହାନ୍ତି ସଂଚାଳନ କରିଥିଲେ। ପ୍ରାରମ୍ଭିକ ସୂଚନା ପୁଅ ଓ ଆଇନଜୀବୀ ଦେବାଶିଷ ସାମଲ ପ୍ରଦାନ କରିଥିଲେ। ସେ ତାଙ୍କ ପିତା ସ୍ୱର୍ଗତ ଶମ୍ଭୁନାଥ ସାମଲଙ୍କୁ ଏକ ନିଷ୍ଠାବାନ ଶିକ୍ଷକ ଓ ସମାଜପ୍ରେମୀ ବ୍ୟକ୍ତିତ୍ୱ ଭାବେ ସ୍ମରଣ କରିଥିଲେ। ସ୍ୱର୍ଗତ ଶମ୍ଭୁନାଥ ସାମଲ ୧୯୩୯ ମସିହାରେ ଜନ୍ମଗ୍ରହଣ କରିଥିବାବେଳେ ୧୯୮୨ ମସିହାରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ସେ ଜୀବନଭରି ଶିକ୍ଷାକ୍ଷେତ୍ରରେ ନିଷ୍ଠାର ସହିତ ସେବା କରିଥିଲେ ଏବଂ ସରଳ ଜୀବନ ଓ ଉଚ୍ଚ ଆଦର୍ଶ ପାଇଁ ଅଂଚଳରେ ସମ୍ମାନିତ ଥିଲେ। ସେହିପରି ସ୍ୱର୍ଗତା ଶାନ୍ତିଲତା ନାୟକ ୧୯୪୨ ମସିହାରେ ଜନ୍ମଗ୍ରହଣ କରିଥିବାବେଳେ ୧୯୬୭ ମସିହାରେ ପରଲୋକଗମନ କରିଥିଲେ। ସମାଜପ୍ରତି ତାଙ୍କର ସେବାଭାବ ଓ ସରଳ ଚରିତ୍ର ପାଇଁ ସେ ମଧ ସମସ୍ତଙ୍କ ମନରେ ସ୍ମରଣୀୟ ହୋଇରହିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ପ୍ରତିମୂର୍ତି ଅନାବରଣ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ ଯେ ଏପରି ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତି ସଂରକ୍ଷଣ ନୂତନ ପିଢିକୁ ପ୍ରେରଣା ଦେଇଥାଏ। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ସାମଲ ଦମ୍ପତିଙ୍କ ଆଦର୍ଶମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି, କିଶୋର ସାମଲ, ରବୀନ୍ଦ୍ର ବେହୁରିଆ, ହୃଦାନନ୍ଦ ମହାନ୍ତି, ଅବନୀ ପ୍ରଧାନ, ରବିନାରାୟଣ ନନ୍ଦ, ନିତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲାପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ଅଭିଷେକ ରାଉତ, ପ୍ରତାପ ସାମଲ, ଅରବିନ୍ଦ ପତି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ ବିଶ୍ୱକେତନ ସାମଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପାନ ଦୋକାନରୁ ଦେଶି ଓ ବିଦେଶି ମଦ ଜବତ

ଜୟପୁର, ୨୨/୩ (ନି.ପ୍ର): ଦେଶି ଓ ବିଦେଶି ମଦ ବିକ୍ରି କରୁଥିବା ଅଭିଯୋଗ ରେ କୋରାପୁଟ ଜିଲ୍ଲା ଜୟପୁର ସଦର ପୋଲିସ ଚଢାଉ କରିଛି। ସୁଚନା ଅନୁଯାଇ ଜୟପୁର ସଦର ପୋଲିସ ଏସଆଇ ବୁଲୁ ତାଣ୍ଡି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପେଟ୍ରୋଲିଂ ସହ ଅବକାରି ଚଢାଉ କରୁଥିଲେ। ଅଭିଯୁକ୍ତ ଫାମ୍ପୁଣି ଗ୍ରାମର ନାବାଳକ କୁ କାବୁ କରିଛି। ବେଆଇନ ଭାବେ ବିଦେଶି ମଦ ବିକ୍ରୟ କରୁଥିଲେ। ପାନ ଦୋକାନରେ ରଖି ବିକ୍ରୟ କରୁଥିଲେ। ସୁଚନା ପାଇ ଚଢାଉ କରିଥିଲେ। ବିଭିନ୍ନ ବ୍ରାଣ୍ଡର ୧୪.୦୭୫ ଲିଟର ବିଦେଶି ମଦ, ସହ ୪.୪ ଦେଶି ମଦ, ୪୦ ପ୍ଲାଷ୍ଟିକ ଗ୍ଲାସ ଜବତ କରିଛି। ବିନା ଲାଇସେନ୍ସରେ ବିକ୍ରୟ କରୁଥିଲେ। ନାବାଳକର ବାପା କେଶବ ନାୟକ ମେଡିକାଲରେ ଭର୍ତି ହୋଇଛନ୍ତି। ବାପାଙ୍କ ନିଦ୍ଦେଷ ପ୍ରକାରେ ପୁଅ ବିକ୍ରି କରୁଥିଲେ। ଏନେଇ ପୋଲିସ ଅଭିଯୁକ୍ତ କେଶବ ନାୟକ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି।

## ଥାପାଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି, ୨୨/୩ (ନି.ପ୍ର): ମାଲକାନଗିରି ବ୍ଲକ ମାର୍କା ପାଲ୍ଲୀ ପଂଚାୟତ ଥାପାଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ପ୍ରଧାନସେବିକା ଆରତୀ ଚାଟର୍ଜୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମାଝୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣ ଚନ୍ଦ୍ର ଅନୁଗୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଂଚ ହାତୀରାମ ଗାଡ଼ିଲି, ମାଲାଲିଗୁଡା ୱାର୍ଡ ମେମ୍ବର ସମରା ଗାରାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକୃଷ୍ଣ ପୂଜାରୀ, ସାଉଲିଗୁଡା ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ସେବକ କବିରାଜ ପ୍ରଧାନ, ସି ଆର ସି ସି ଅମ୍ରିତ ବିଶ୍ୱାସ, ମହିଳାସ୍ୱାସ୍ଥ୍ୟ କର୍ମୀ ଭି. ପୁଷ୍ପାବତୀ ପ୍ରମୁଖ ମଂଚାସିନ ଥିଲେ।
ସଭା ଆରମ୍ଭରେ ପ୍ରଧାନସେବିକା ଶ୍ରୀମତୀ ଚାଟର୍ଜୀ ବିଦ୍ୟାଳୟର ବାର୍ଷିକ ବିବରଣି ପଠନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଅନ୍ତେବାସୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ସେବକ ହରି ହର ମାଢି, ଅନିରୁଦ୍ଧ ଦାସ, ମମତା ଚାଲାଣ ଆରତୀ ପ୍ରଧାନ, ମେଟ୍ରୋନ ପ୍ରଭାତୀ ସାହୁ,ସିସିଏ ସବିତା ମାଛା, ସୋଭା ମାଡକାମୀ, ସୀତାରାଣୀ ନାୟକ ଓ ଲକ୍ଷ୍ମୀ ମାଡକାମୀ ସହଯୋଗ କରିଥିଲେ। ସର୍ବ ଶେଷରେ ସେବକ ପ୍ରସନ୍ନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଖା ଅନୁଷ୍ଠାନ ତରଫରୁ ସଚେତନତା କର୍ମଶାଳା

ପୁରୀ, ୨୨/୩ (ନି.ପ୍ର): ସଖା ଅନୁଷ୍ଠାନ ତରଫରୁ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଟ୍ରାନ୍ସଜେଣ୍ଡର ମାନଙ୍କର ସୁରକ୍ଷା ଆଇନ ୨୦୧୯ -୨୦ ରେ ଟ୍ରାନ୍ସଜେଣ୍ଡର ଗୋଷ୍ଠୀଙ୍କ ପାଇଁ ଯେଉଁ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି ତାହା କେବଳ ଆଇନରେ ସୀମିତ ନ ରହି ସାମାଜିକ, ଅର୍ଥନୈତିକ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟରେ ପରିଣତ ହେବା ଦରକାର । ଭାରତ ସରକାର ତଥା ଓଡିଶା ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ଯଥା ଏସ ଏସ ଇ ପି ଡି ଡିପାର୍ଟମେଣ୍ଟ ଅଧୀନରେ ସ୍ୱୀକୃତି ଯୋଜନା, ଗାରିମା ଗୃହ ମାଧ୍ୟମରେ ସୀମିତ ସମୟ ପାଇଁ ବାସସ୍ଥାନର ବ୍ୟବସ୍ଥା, ଧନ୍ଦାମୂଳକ ତାଲିମ ଆଦିର ବ୍ୟବସ୍ଥା ରହିଛି । ଏହି ସବୁ ବ୍ୟବସ୍ଥାର ସୁବିନିଯୋଗ ସେତେବେଳେ ସମ୍ଭବ ଯେତେବେଳେ ଜଣେ ବ୍ୟକ୍ତି ସମ୍ମାନର ସହ ଓ ନିଜର ଉଚିତ ପରିଚୟ ସହ ବଂଚିବାର ଅଧିକାର ପାଇପାରିବ । ସେଥିପାଇଁ ପରିବାର ସ୍ତରରୁ ସଚେତନତା ସହ ଟ୍ରାନ୍ସଜେଣ୍ଡର ପିଲାଟିକୁ ପିତାମାତା ତାର ପରିଚୟ ସହ ଆଗକୁ ବଢିବା ଓ ପାଠ ପଢିବାରେ ସମ୍ପୂର୍ଣ ସୁଯୋଗ ଯୋଗାଇଦେବା ଦରକାର । ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ସୁବିଧା ସୁଯୋଗ ସୃଷ୍ଟିକରିବା ସହ ସେମାନଙ୍କର ଯୋଗଦାନକୁ ସୁନିଶ୍ଚିତ କରିବାରେ ସାମାଜିକ ବ୍ୟବସ୍ଥା ବାଧା ସୃଷ୍ଟି ନ କରିବା ପାଇଁ ଆୟୋଜକଙ୍କ ତରଫରୁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଦେବଦତ ଚୌଧୁରୀ, ସାମାଜିକ କର୍ମୀ ଡ଼ଃ. ମିତାଲି ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ସଖା ତରଫରୁ ନେହା ମହାପାତ୍ର, ସସ୍ମିତା ସାହୁ ଓ ପୁରୀ କିନ୍ନର ସଂଘର ସଭାନେତ୍ରୀ ପ୍ରିୟାଂଶି ଦାସ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଆଶୀର୍ବାଦ କୋଚିଂ ସେଂଟରର ରୌପ୍ୟ ଜୟନ୍ତୀ ସମାରୋହ

ଭୁବନ, ୨୨/୩ (ନି.ପ୍ର): ଭୁବନ ଅଂଚଳର ବହୁ ପୁରାତନ ଶିକ୍ଷାନୁଷ୍ଠାନ ଆଶୀର୍ବାଦ କୋଚିଂ ସେଂଟର ର ୨୫ ତମ ବାର୍ଷିକ ଉତ୍ସବ (ରୌପ୍ୟ ଜୟନ୍ତୀ ) ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଅନୁ ଚରଣ ଦାସଙ୍କ ସଭାପତିତ୍ୱ ରେ ଭୁବନ ହାଇସ୍କୁଲ ପଡ଼ିଆରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଶିକ୍ଷା ହିଁ ସମାଜର ଆଲୋକ ବର୍ତିକା ଓ ଦର୍ପଣ। ଯେଉଁ ଅଂଚଳ ଯେତେ ଶିକ୍ଷିତ ସେହି ଅଂଚଳ ସେତେ ସମୃଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ଆଶୀର୍ବାଦ କୋଚିଂ ସେଂଟର ପ୍ରତି ଆପଣ(ଅଭିଭାବକ)ମାନଙ୍କର ଆଶୀର୍ବାଦ ରହିଲେ ଅନୁଷ୍ଠାନ ଆହୁରି ଆଗକୁ ବଢ଼ିବ ବୋଲି ନଗରପାଳ ଶ୍ରୀ ସାହୁ କହିଥିଲେ। ମୁଖ୍ୟବକ୍ତା ଭାବେ ଭୁବନ ମହିଳା ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଯେଉଁ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଓ ଶିକ୍ଷାଦାନ ଯେତେ ଉନ୍ନତ ସେଠାରେ ଛାତ୍ର ଛାତ୍ରୀ ସେତେ ଉନ୍ନତି କରନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଶୀର୍ବାଦ କୋଚିଂ ସେଂଟର। ଏହି ଅନୁଷ୍ଠାନ ଭୁବନର ଗର୍ବ ଓ ଗୌରବ ପାଲଟିଛି। ଛାତ୍ର ଛାତ୍ରୀ ମାନେ ରାଷ୍ଟ୍ର ନିର୍ମାଣ ରେ ବ୍ରତୀ ହେବାକୁ ମୁଖ୍ୟବକ୍ତା ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଦର୍ଶ ଶିକ୍ଷକ ସତ୍ୟବାଦୀ ସେନାପତି,ବ୍ୟଙ୍ଗକବି ପ୍ରତାପ ରଶ୍ମି ନାୟକ, ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା କମଳ ଲୋଚନ ରଣା ଯୋଗଦେଇଥିଲେ। ଶିକ୍ଷକ ବସନ୍ତ ଦାସ ଓ ସୁଶାନ୍ତ କୁମାର ଦାସ ମଂଚ ପରିଚାଳନା କରିଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନକୁ ବିଜେଡିର ପ୍ରତିବାଦ

ସମ୍ବଲପୁର, ୨୨/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କୁ ଧମକ ଓ ତାଙ୍କ ବାସଭବନ ସମ୍ମୁଖରେ କିଛି ଦୁର୍ବୃତମାନେ ଯେପରି ଆତଙ୍କରାଜ ପ୍ରଦର୍ଶନ କରିଥିଲେ ତାହା କୌଣସି ସୁସ୍ଥ ବାତାବରଣ ଯୁକ୍ତ ଶାସନକଳରେ ଶୋଭାପାଏ ନାହି। ଜଣେ ପୂର୍ବତନ ମନ୍ତ୍ରୀ ପ୍ରତି ଏଭଳି ଅଭଦ୍ର ଆଚରଣକୁ ସମ୍ବଲପୁର ବିଜୁ ଛାତ୍ର ଜନତା ଦଳ ତୀବ୍ର ପ୍ରତିବାଦ କରି ଆଜି ରାଜ ରାସ୍ତାକୁ ଓହ୍ଲାଇଛି। ସବୁଠାରୁ ବଡ଼କଥା ହେଲା ରାଜ୍ୟରେ ବର୍ତମାନ ସମୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ରାଜ୍ୟ ଗୃହ ବିଭାଗକୁ ସିଧା ସଳଖ ଭାବେ ଟାର୍ଗେଟ କରିଛି ସମ୍ବଲପୁର ବିଜୁ ଛାତ୍ର ଜନତା ଦଳ ।

## ଆଇଆଇଟି ବମ୍ବେରେ ଭାରତ ଇନୋଭେଟ୍ସ ଡିପ୍-ଟେକ୍ ପ୍ରି-ସମିଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ,୨୨/୩ : 'ଭାରତ ଇନୋଭେଟ୍ସ' ଆମ ଦେଶର 'ଡିପ୍-ଟେକ୍' ଇନୋଭେସନକୁ ବିଶ୍ୱ ଦରବାରରେ ପହଞ୍ଚାଇବ ବୋଲି ରବିବାର ଆଇଆଇଟି ବମ୍ବେ ପରିସରରେ ଆୟୋଜିତ 'ଭାରତ ଇନୋଭେଟ୍ସ ଡିପ୍-ଟେକ୍ ପ୍ରି-ସମିଟ୍ - ୨୦୨୬' ର ଉଦ୍ ?ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତୀୟ 'ଭାରତ ଇନୋଭେଟ୍ସ ୨୦୨୬' ସମ୍ମିଳନୀ ପୂର୍ବରୁ ଏହି ଦୁଇ ଦିନିଆ ପ୍ରି-ସମିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଉଭା ହୋଇଛି । କାର୍ଯ୍ୟକ୍ରମ ଅବସରରେ ଶ୍ରୀ ପ୍ରଧାନ ଶିକ୍ଷ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ନିବେଶକମାନଙ୍କ ସହ ଏକ ଗୋଲଟେବୁଲ ବୈଠକରେ ଆଲୋଚନା କରିଥିଲେ । ଡିପ୍-ଟେକ୍ କ୍ଷେତ୍ରରେ ନବସୃଜନ, ଶିକ୍ଷ ଓ ଶିକ୍ଷାନୁଷ୍ଠାନ ମଧରେ ସହଭାଗିତା ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ସ୍ଥାୟୀ ପୁଞ୍ଜିନିବେଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଭାରତର ଗବେଷଣା- ଭିତ୍ତିକ ଉଦ୍ୟୋଗୀକରଣ ଏବଂ ନବସୃଜନ ଶକ୍ତିର ଉଚ୍ଚ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶିକ୍ଷା ମନ୍ତ୍ରଣାଳୟର ନେତୃତ୍ୱରେ 'ଭାରତ ଇନୋଭେଟ୍ସ'ର ଲକ୍ଷ୍ୟ ହେଉଛି ଦେଶର କୋଣ ଅନୁକୋଣରେ ଥିବା ଗବେଷଣା ଏବଂ ବିକାଶ(ଆର୍ ଆଣ୍ଡ୍ ଡି) ଭିତ୍ତିକ ନବସୃଜନକୁ ବିଶ୍ୱ ଦରବାରକୁ ନେବା । ଏହା ମାଧ୍ୟମରେ ଭାରତର ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରାଯିବା ସହ ବିଶ୍ୱସ୍ତରୀୟ ସହଭାଗିତା ଏବଂ ନିବେଶର ସୁଯୋଗ ସୃଷ୍ଟି ହୋଇପାରିବ । 'ଭାରତ ଇନୋଭେଟ୍ସ ୨୦୨୬ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଭାରତର ପ୍ରତିଭାଶାଳୀ ଯୁବକମାନଙ୍କୁ ବିଶ୍ୱ ନେତୃତ୍ୱ ପାଇଁ ପ୍ରସ୍ତୁତ କରିବାର ଏକ ସଂକଳ୍ପ । ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ଆଜି କେବଳ ପରୀକ୍ଷା ନୁହେଁ, ବରଂ ସମାଜରେ ପରିବର୍ତ୍ତନ ଆଣିବା ଭଳି ପ୍ରତିଭା ସୃଷ୍ଟି କରୁଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଏହି ଡିପ୍-ଟେକ୍ ଉଦ୍ୟୋଗୀମାନଙ୍କର ପ୍ରମୁଖ ଭୂମିକା ରହିବ । ଶ୍ରୀ ପ୍ରଧାନ ସେଠାରେ ଆୟୋଜିତ ଷ୍ଟାର୍ଟଅପ୍ ପ୍ରଦର୍ଶନୀ ବୁଲି ଦେଖିବା ସହ ଉର୍ଜା, ଜଳବାୟୁ ସ୍ଥାୟୀତ୍ୱ, ସେମିକଣ୍ଡକ୍ଟର, ମହାକାଶ ଏବଂ ପ୍ରତିରକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବାୟୋଟେକ୍ନୋଲୋଜି ଭଳି ବିଭିନ୍ନ କ୍ଷେତ୍ରର ନବସୃଜନକାରୀଙ୍କ ସହ ମତ ବିନିମୟ କରିଥିଲେ । ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ବାସ୍ତବ ଦୁନିଆର ସମସ୍ୟା ସମାଧାନ ପାଇଁ ଥିବା ଗଭୀରତା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ ଯେ, ଦେଶର ୩୦୦୦ ରୁ ଅଧିକ ଆବେଦନ ମଧ୍ୟରୁ ମନୋନୀତ ୧୩୭ଟି ଶ୍ରେଷ୍ଠ ଡିପ୍-ଟେକ୍ ଷ୍ଟାର୍ଟଅପ୍ ଏହି ପ୍ରି-ସମିଟ୍‌ରେ ସାମିଲ ହୋଇଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ ଓ ରାମନବମୀ ଉପଲକ୍ଷେ ଗଣଦୌଡ଼

ଭଦ୍ରକ, ୨୨/୩ (ନି.ପ୍ର): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଘଂଟେଶ୍ୱର ଠାରେ ରାଷ୍ଟ୍ରୀୟ ଏକତା ଦିବସ ଓ ରାମନାବାମୀ ଉପଲକ୍ଷେ ଭଦ୍ରକ ଜିଲ୍ଲାର ସମସ୍ତ ଅଂଚଳ ଉତ୍ସବ ମୁଖର ହୋଇଉଠିଛି।ରାମ ନାମରେ ପ୍ରାକମ୍ପିତ ହେଉଛି ପୁରପଲ୍ଲୀ। ଭଦ୍ରକ ସହର ତଥା ଜିଲ୍ଲାର ପ୍ରତ୍ୟକ ଛକ ଗଳିରେ ରାମ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଶନିବାର ଦିନ ୮.୩୦ ମିନିଟ ଠାରୁ ଘଂଟେଶ୍ୱର ର ଡାକୁଆ ଦେବତା ମହିମାମଣିଙ୍କ ମନ୍ଦିର ପ୍ରାଙ୍ଗଣରୁ ହିନ୍ଦୁତ୍ୱ ଜାଗରଣ ଗଣ ଦୌଡ଼ ଆରମ୍ଭ ହୋଇ ସମଗ୍ର ଘଂଟେଶ୍ୱର ପରିକ୍ରମା ସାରି ଘଂଟେଶ୍ୱର ବସଷ୍ଟାଣ୍ଡ ଠାରେ୧୦.୩୦ ମିନିଟ ସମୟରେ ସମାପ୍ତ ହୋଇଥିଲା । ଏହି ଗଣ ଦୌଡ଼ରେ ବରିଷ୍ଠ ନେତା ତଥା ତ୍ୟାଗ ଭୂମିର ସଭାପତି ଅଜୟ ନାୟକ, ଋତୁରାଜ ଦାସ, ଅମୂଲ୍ୟ ମାଝୀ, ତ୍ରିବିକ୍ରମ ଦାସ, ମିତ୍ରଭାନୁ ଦାସ, ବିବେକାନନ୍ଦ ଦୀକ୍ଷିତି, ସିଦ୍ଧାନ୍ତ ବାରିକ,ସୁଜିତ୍ ପଣ୍ଡା, ଓମପ୍ରକାଶ ନାୟକ, ପୂର୍ବତନ ଘଂଟେଶ୍ୱର ଅଧକ୍ଷ ଗୋପାଳ ମହାପାତ୍ର, ଆଠ ପଂଚାୟତର ସୁଦକ୍ଷ ଯୁବ ଗୋଷ୍ଠୀ ଏହି ଗଣ ଦୌଡ଼ରେ ସାମିଲ ହୋଇ ଗଣ ଦୌଡ଼କୁ ସଫଳ କରିବା ସହିତ ଭଦ୍ରକ ଅଭି ମୁଖ୍ୟ ନଗର କୀର୍ତନ, ଶହେ ଆଠ କଳାଶ ଶୋଭା ଯାତ୍ରା ସୁଚାରୁ ରୂପେ ସମାପନ କରିଥିଲେ।

## ବିଶ୍ୱ ବନ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା

ଜୟପୁର, ୨୨/୩ (ନି.ପ୍ର): ବିଶ୍ୱ ବନ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଛି । ଜୟପୁର ଜଗତ ଜନନୀ ଛକ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ପହଂଚି ଥିଲା । ଜୟପୁର ବନାଚଂଳ, ବନଖଣ୍ଡ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସଡିପିଓ ଅର୍ଚିତା ମିତଲ, ସମ୍ମାନିତ ଅତିଥି ଭାବେ ଡିଏଫଓ ପ୍ରତାପ କୁମାର ବେହେରା ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ଲୋକଙ୍କୁ ସଚେତନ କରିବା, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ଚାରା ବଣ୍ଟନ କରାଯାଇଛି । ପୁରୁଣା ଜଙ୍ଗଲର ସରୁକ୍ଷା କରିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା, ପରିବେଶକୁ ସୁସ୍ଥ ରଖିବା ପାଇଁ ପଲିଥିନ ବ୍ୟବହାର କମ୍ କରିବା, ଜଙ୍ଗଲ ନଷ୍ଟ ଯେପରି ନହେବେ ସେଥିପ୍ରତି ଗୁରୁତ୍ୱ ଦେଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଉପରେ ସଚେତନା କରିବା ସହ ଯଦି ଗଛ ରହିବ ସୁରକ୍ଷିତ, ସୁରକ୍ଷିତ ହେବ ଆମ ଭବିଷ୍ୟତ ଉପରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବନ୍ୟ ଜିବ ସଂରକ୍ଷକ ରାମ ନାଥ ସାହୁ, ବନାଚଂଳ ଅଧିକାରି ଦେବେନ୍ଦ୍ର ମାଝୀ, ବନପାଳ ପି ଶ୍ରୀନିବାସ ରାଓ, ଶଶାଙ୍କ ଶେଖର ମହାରଣା, ଗୌତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ଦିବସରେ ଜଙ୍ଗଲ ପୋଡିର ନିରାକରଣ ପାଇଁ ଶିମିଳିପାଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୨୨/୩ (ନି.ପ୍ର): ଜଙ୍ଗଲ ନିଆଁ ନିୟନ୍ତ୍ରଣ ଲାଗି ଜନ ଭାଗିଦାରୀ ଏକ ପ୍ରମୁଖ ଆହ୍ୱାନ। ସବୁ ସମୟରେ ମନୁଷ୍ୟ କୃତ ନିଆଁ ହିଁ ଜଙ୍ଗଲକୁ ଅଗ୍ନିମୟ କରୁଛି, ସତରେ ଜଙ୍ଗଲ ଯଦି କଥା କହି ପାରନ୍ତା ଆମେ ତା'ର ଅଗ୍ନିଭରା କୋହ ସହ କଷ୍ଟମୟ ଚିତ୍କାର କ'ଣ ଆମ କାନ ସହି ପାରନ୍ତା। ଯେଉଁଭଳି ଯୁଦ୍ଧ ହେବା ଦ୍ୱାରା ସାରା ବିଶ୍ୱ ରେ ଅର୍ଥନୀତି ଠୁ ଆରମ୍ଭ କରି ସାମାଜିକ କ୍ଷତି ସହିବାକୁ ପଡୁଛି, ତା'ର ପୁରା କୁପ୍ରଭାବ ପରିବେଶ ଉପରେ ପଡୁଛି। ବହୁ ଗବେଷଣାରୁ ଜଣା ପଡିଛି ଯେ, ସାରା ପୃଥିବୀର ସବୁ ଗଛ ଯଦି କାଟି ଦିଆଯାଏ ତେବେ କିଛି ସମୟ ମଧ୍ୟରେ ପ୍ରାଣୀ ଜଗତ ଠପ୍ ହୋଇଯିବ। ଜଙ୍ଗଲ ନିଆଁକୁ କେବଳ ପ୍ରତିହତ କରିବ ଆମ ଜନ ମାନସ। ବିଷୟ ଏହା ଯେ ଜଙ୍ଗଲ ପାଦ ଦେଶରେ ରହୁଥିବା ଲୋକ ମାନଙ୍କ ମଧ୍ୟରେ ପରିବର୍ତନ ଆବଶ୍ୟକ। ଜଙ୍ଗଲକୁ ସୁରକ୍ଷା ଦେଲା ପରେ ଆମେ ଯାହା ପାଇବା ତାହା ବ୍ୟବହାର କରିବା ଉଚିତ। ପ୍ରକୃତିର ଭାରସାମ୍ୟକୁ ସନ୍ତୁଳନ କେବଳ ଜଙ୍ଗଲ ହିଁ କରୁଛି। ଏହି ଜଙ୍ଗଲର ସୁରକ୍ଷା ପାଇଁ ନୂତନ ଧରଣର ଜଙ୍ଗଲ ପୋଡିର ନିରାକାରଣ କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ବାରିପଦା ଜିଲ୍ଲାର ବୃହତ ଜଙ୍ଗଲ ଶିମିଳିପାଳରେ ସର୍ବ ପ୍ରଥମେ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସାରା ଓଡିଶାରେ ଏହି ଅନୁଷ୍ଠାନର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହୋଇଥାଏ। ମହୁଲ ଗଛ ଏହି ଜଙ୍ଗଲୀ ଅଂଚଳରେ ଏକ ଲାଭପ୍ରଦ ଗଛ ଅଟେ। ଏହି ଗଛର ଫଳକୁ ତୋଳି ସେମାନେ ପିଠା କରି ଖାଇବା ସହ ଅନ୍ୟ ବ୍ୟବସାୟରେ ଲଗାଇଥାନ୍ତି। ଏହି ଫଳ ତୋଳିବା ପାଇଁ ଅଂଚଳବାସୀ ଗଛର ଚତୁର୍ପାଶ୍ୱ ସଫା ରଖିଥାନ୍ତି। ଗଛ ପତ୍ର ମାନ ପଡି ଗଛ ତଳ ଅଳିଆ ହୋଇଥାଏ, ଯାହା ପାଇଁ ଫଳ ତୋଳିବାରେ ସେମାନଙ୍କୁ ଅସୁବିଧା ହୋଇଥାଏ। ଯାହା ପାଇଁ ସେମାନେ ନିଆଁ ଲଗାଇ ସ୍ଥାନ ସଫା କରିଥାନ୍ତି। ଏହି ନିଆଁ ଏକ ଗଛରୁ ଅନ୍ୟ ଅଂଚଳକୁ ବ୍ୟାପିଥାଏ, ଯାହା ଫଳରେ ଜଙ୍ଗଲ ପୋଡି ଆରମ୍ଭ ହୋଇଥାଏ। ଏହି ବ୍ୟବସ୍ଥାରେ ପରିବର୍ତନ ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନୂତନ ବ୍ୟବସ୍ଥା କରାଯାଇଛି। ଗଛର ମୂଳରେ ପତଳା ଜରି ଜାଲି ଖୁଂଟରେ ବାନ୍ଧିବା ପରେ ମହୁଲ ଫଳ ଏହି ଜାଲିରେ ରହିଥାଏ ଓ ସେମାନଙ୍କୁ ନେବାରେ ସୁବିଧା ହୋଇନଥାଏ। ଯାହା ଫଳରେ ଆଉ ସେମାନେ ଅଗ୍ନି ସଂଯୋଗ କରନ୍ତି ନାହିଁ, ଆଉ ଜଙ୍ଗଲ ପୋଡି ମଧ ହୁଏ ନାହିଁ। ଏହି ସଚେତନତା କାର୍ଯ୍ୟକ୍ରମକୁ ଶିମିଳିପାଳ ଜଙ୍ଗଲର ବିଭିନ୍ନ ସ୍ଥାନରେ କରାଯାଇଥିଲା। ଏହି ସ୍ଥାନ ଗୁଡିକ ହେଲା ବାରିବଡା, ବ୍ରାହ୍ମଣକୁଣ୍ଡ, କାକିଡି, ବାଙ୍ଗିରିପୋଷି, କୁସୁମବନ୍ଧ। ଏହି କାର୍ଯ୍ୟକ୍ରମରେ ବହୁ ଅଂଚଳବାସୀ ସମର୍ଥନ ଦେବା ସହ ଟ୍ରଷ୍ଟ ର କର୍ମକର୍ତାଙ୍କୁ ଧନ୍ୟବାଦ ଜଣାଇ ଥିଲେ। କିଛି ସାମ୍ବାଦିକ ବନ୍ଧୁ କହିଥିଲେ କିଛି ତ ନୂଆ ହେଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ଜୋତିଶ ଗୌରାଙ୍ଗ ନାୟକ, ଦେବେନ୍ଦ୍ର ନାୟକ, ତପନ କୁମାର ନାଥ, ରାକେଶ ବଳ, ହୃଷିକେଶ ମହାନ୍ତି, ସାମାଜିକ କର୍ମୀ ନିରୋଜ ପୋଥାଳ ସାମିଲ୍ ଥିଲେ।

# ଥାଇରଏଡ୍ ସମସ୍ୟା ଅଛି କି ? ଜାଣନ୍ତୁ ଆପଣଙ୍କ ପାଇଁ କେଉଁ ଖାଦ୍ୟ ଭଲ ଏବଂ କେଉଁଟା ଖରାପ

ବେକରେ ଥିବା ଏକ ଛୋଟ ଗ୍ରନ୍ଥି ହେଉଛି ଥାଇରଏଡ୍, କିନ୍ତୁ ଏହାର କାମ ବହୁତ ବଡ଼ । ଏହା ଆମ ଶରୀରର ମେଟାବୋଲିଜିମ୍ (ଚୟାପଚୟ), ଶକ୍ତି ସ୍ତର, ହୃଦସ୍ପନ୍ଦନ ଏବଂ ମୁଡ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ଏହି ଗ୍ରନ୍ଥି ଠିକ୍ ଭାବରେ କାମ କରେ ନାହିଁ, ସେତେବେଳେ କ୍ଳାନ୍ତ ଅନୁଭବ ହେବା, ଓଜନ ବଢ଼ିବା ଏବଂ କେଶ ଝଡ଼ିବା ଭଳି ସମସ୍ୟା ଦେଖାଦେଇଥାଏ । ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ଅନୁଯାୟୀ, ଥାଇରଏଡ୍ ସମସ୍ୟା ପାଇଁ ଔଷଧ ଜରୁରୀ, କିନ୍ତୁ ସଠିକ୍ ଖାଦ୍ୟପେୟ ମଧ୍ୟ ଏଥିରେ ବହୁତ ସାହାଯ୍ୟ କରିଥାଏ । ଏଣୁ କେଉଁ ଖାଦ୍ୟଗୁଡ଼ିକ ଆପଣଙ୍କ ଥାଇରଏଡ୍ ପାଇଁ ସବୁଠାରୁ ଭଲ ଏବଂ କେଉଁଥିରୁ ଆପଣ ଦୂରେଇ ରହିବା ଉଚିତ୍ ତାହା ଜାଣିବା ଜରୁରୀ ।



**ଥାଇରଏଡ୍ ପାଇଁ ଶ୍ରେଷ୍ଠ ଖାଦ୍ୟ:**

ସାମୁଦ୍ରିକ ଶୈବାଳ ଖାଦ୍ୟ : ନୋରି, କେଲ୍ପ ଏବଂ ୱାକାମେ ଭଳି ସାମୁଦ୍ରିକ ଶୈବାଳରେ ପ୍ରଚୁର ପରିମାଣରେ ଆୟୋଡିନ୍ ଥାଏ । ଥାଇରଏଡ୍ ହରମୋନ୍ ତିଆରି ପାଇଁ ଆୟୋଡିନ୍ ଅତ୍ୟନ୍ତ ଜରୁରୀ । ଯଦି ଆପଣଙ୍କର ପୂର୍ବରୁ ଥାଇରଏଡ୍ ରୋଗ ଅଛି, ତେବେ ଏହାକୁ ଅଧିକ ଖାଇବାରୁ ଦୂରେଇ ରୁହନ୍ତୁ ।

ବ୍ରାଜିଲ୍ ନଟ୍ସ : ଏଗୁଡ଼ିକ ସେଲେନିୟମର ଏକ ଉତ୍କୃଷ୍ଟ ଉତ୍ସ । ସେଲେନିୟମ୍ ଥାଇରଏଡ୍ ହରମୋନକୁ ସକ୍ରିୟ କରିବାରେ ସାହାଯ୍ୟ କରେ ଏବଂ ଗ୍ରନ୍ଥିକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରେ । ପ୍ରତିଦିନ ମାତ୍ର ଗୋଟିଏ କିମ୍ବା ଦୁଇଟି ବ୍ରାଜିଲ୍ ନଟ୍ସ ଖାଇବା ଦ୍ୱାରା ଶରୀରର ସେଲେନିୟମ୍ ଆବଶ୍ୟକତା ପୂରଣ ହୋଇପାରିବ ।

ଅଣ୍ଡା : ଅଣ୍ଡାରେ ଆୟୋଡିନ୍ ଏବଂ ସେଲେନିୟମ୍ ସହିତ ଉଚ୍ଚମାନର ପ୍ରୋଟିନ୍ ମଧ୍ୟ ମିଳିଥାଏ । ଥାଇରଏଡ୍ ପାଇଁ ସମ୍ପୂର୍ଣ୍ଣ ଅଣ୍ଡା (କେବଳ ଅଣ୍ଡାର ଧଳା ଅଂଶ ନୁହେଁ) ଖାଇବା ଅଧିକ ଲାଭଦାୟକ ।

ଦହି ଏବଂ ଦୁଗ୍ଧଜାତ ଦ୍ରବ୍ୟ : ଏଥିରେ ଆୟୋଡିନ୍ ଏବଂ ଭିଟାମିନ୍ ଡି ଉଭୟ ରହିଥାଏ । ଭିଟାମିନ୍ ଡି'ର ଅଭାବରୁ ଅଟୋଇମ୍ୟୁନ୍ ଥାଇରଏଡ୍ ରୋଗ ହୋଇପାରେ । ତେଣୁ, ଏହାକୁ ନିଜ ଖାଦ୍ୟରେ ନିଶ୍ଚିତ ଭାବରେ ସାମିଲ କରନ୍ତୁ ।

କେଉଁ ଖାଦ୍ୟରୁ ଦୂରେଇ ରହିବେ : କ୍ରୁସିଫେରସ୍ ପନିପରିବା : ବ୍ରୋକୋଲି, ବନ୍ଧାକୋବି ଭଳି ପନିପରିବାରେ ଗୋଇଟ୍ରୋଜେନ୍ ନାମକ ଏକ ପଦାର୍ଥ ଥାଏ । ଏହା ଥାଇରଏଡର ଆୟୋଡିନ୍ ଶୋଷିବା କ୍ଷମତାକୁ କମ୍ କରିପାରେ । ଯଦି ଆପଣଙ୍କର ଆୟୋଡିନ୍ ଅଭାବ ଅଛି, ତେବେ ଏହି ପନିପରିବାକୁ କମ୍ ମାତ୍ରାରେ ଖାଆନ୍ତୁ ।

ସୋୟା ଉତ୍ପାଦ : ଟୋଫୁ ଏବଂ ସୋୟା କ୍ଷୀର ଭଳି ସୋୟା ଉତ୍ପାଦଗୁଡ଼ିକ ଆପଣଙ୍କ ଥାଇରଏଡ୍ ଶୋଷଣରେ ବାଧା ସୃଷ୍ଟି କରିପାରେ । ଯଦି ଆପଣ ଥାଇରଏଡ୍ ଔଷଧ ଖାଉଛନ୍ତି, ତେବେ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ସୋୟା ଖାଆନ୍ତୁ ନାହିଁ ।

ଗ୍ଲୁଟେନ୍ : ହାଶିମୋଟୋ ଥାଇରଏଡାଇଟିସ୍ ଭଳି ରୋଗ ଥିବା ଲୋକଙ୍କ ପାଇଁ ଗ୍ଲୁଟେନ୍ ସମସ୍ୟା ସୃଷ୍ଟି କରିପାରେ । ଯଦି ଆପଣଙ୍କୁ ଗ୍ଲୁଟେନ ସମ୍ବେଦନଶୀଳତା ଅଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରି ଗ୍ଲୁଟେନ୍-ମୁକ୍ତ ଖାଦ୍ୟ ଗ୍ରହଣ କରିବା ଭଲ ହୋଇପାରେ ।

ବିଶେଷ ସୂଚନା : ଖାଦ୍ୟପେୟରେ କୌଣସି ବଡ଼ ପରିବର୍ତ୍ତନ କରିବା ପୂର୍ବରୁ, ବିଶେଷକରି ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି, ତେବେ ନିଜ ଡାକ୍ତର କିମ୍ବା ବିଶେଷଜ୍ଞଙ୍କ ସହ ନିଶ୍ଚୟ ପରାମର୍ଶ କରନ୍ତୁ ।




# ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଭଲ ନା' ଖରାପ ?




ଅଧିକାଂଶ ଲୋକ ସକାଳୁ ଉଠିବା ମାତ୍ରେ ଏକ ସୁସ୍ଥ ରୁଟିନ୍ ଆରମ୍ଭ କରିବା ପାଇଁ ଏକ ଗ୍ଲାସ୍ ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଇଥା'ନ୍ତି । ପ୍ରକୃତରେ, ଏହାର କାରଣ ହେଉଛି ଏହି ପାଣି ଆମ ଶରୀରକୁ ଡିଟକ୍ସ କରିଥାଏ କିନ୍ତୁ ଲେମ୍ବୁ ପାଣି ଡିଟକ୍ସି ଡ୍ରିଙ୍କ୍ ନୁହେଁ । ଗ୍ୟାଷ୍ଟ୍ରୋ ଏବଂ ଲିଭର ବିଶେଷଜ୍ଞ ଡାକ୍ତର ସୌରଭ ସେଠୀ କହିଛନ୍ତି ଯେ ଏହି ପାଣିକୁ ଡିଟକ୍ସିଫାୟର ଭାବନ୍ତୁ ନାହିଁ କାରଣ ଏଥିରେ ଏପରି କୌଣସି ଉପାଦାନ ନାହିଁ । ଏହା ଓଜନ କମାଇବାରେ ସାହାଯ୍ୟ କରେ ଏବଂ ପେଟ ମଧ୍ୟ ସଫା ରଖେ କିନ୍ତୁ ଏହାକୁ ଖାଲି ପେଟରେ ପିଇବା ଠିକ୍ ନୁହେଁ ।

ଏକ୍ସପର୍ଟମାନେ କ'ଣ କୁହନ୍ତି ?

ଡାକ୍ତର ସୌରଭଙ୍କ ମତରେ ଲେମ୍ବୁ ପାଣି ପିଇବା ଭଲ । କିନ୍ତୁ କିଛି ଲୋକ ଯେଉଁମାନେ ଏହାକୁ ସକାଳ ସମୟରେ ଉଷୁମ କିମ୍ବା ଗରମ ପାଣି ସହିତ ପିଅନ୍ତି ସେମାନେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ମଧ୍ୟ ଜାଣିବା ଉଚିତ୍ । ଲେମ୍ବୁ ପାଣି ଭିଟାମିନ-ସି, ଆଣ୍ଟିଅକ୍ସିଡେଣ୍ଟ ଏବଂ ଅନେକ ଗୁଣରେ ଭରପୂର ହୋଇଥାଏ । କିନ୍ତୁ ଏହାକୁ ସକାଳ ବଦଳରେ ଦିନରେ ପିଇବା ଉଚିତ୍ । ବିଶେଷ କରି ସେହି ଲୋକମାନଙ୍କୁ ଯେଉଁମାନେ ପୂର୍ବରୁ ହିଁ ବ୍ଲୋଟିଙ୍ଗ୍ କିମ୍ବା ଗ୍ୟାସ ସମସ୍ୟାରେ ପୀଡ଼ିତ ଅଛନ୍ତି ।

ଲେମ୍ବୁପାଣି ପିଇବାର ଫାଇଦା କ'ଣ ?

ଏକ୍ସପର୍ଟମାନେ କୁହନ୍ତି ଯେ ଲେମ୍ବୁ ଆମ ଶରୀରରେ ହାଇଡ୍ରେସନ୍ ସ୍ତରକୁ ବଢ଼ାଇବାରେ ସାହାଯ୍ୟ କରେ । ଏହା ୱାଟର ଏବଜର୍ପସନକୁ ବଢ଼ାଏ ଏବଂ ଏନର୍ଜି ଲେବଲକୁ ମଧ୍ୟ ବଢ଼ାଏ । ଯଦି ଆମେ ପ୍ରତିଦିନ ୧ଟି ଲେମ୍ବୁ ଖାଉ ତେବେ ସେଥିରୁ ଆମକୁ ପର୍ଯ୍ୟାପ୍ତ ଭିଟାମିନ-ସି ମିଳିଥାଏ । ଏହି ଭିଟାମିନ ସ୍କିନ୍ କୋଲାଜେନକୁ ବଢ଼ାଏ । ଲେମ୍ବୁ ଖାଇବା ଦ୍ୱାରା ଇମ୍ୟୁନିଟି ମଧ୍ୟ ମଜବୁତ ହୁଏ ଏବଂ ଏହାଦ୍ୱାରା ଆଇରନର ସ୍ତର ମଧ୍ୟ ବଢ଼େ । ଲେମ୍ବୁ ପାଣି ଆମ ପେଟ ପାଇଁ ଭଲ ହୋଇଥାଏ । ଏହାକୁ ପ୍ରତିଦିନ ପିଇବା ଦ୍ୱାରା ହାଇଡ୍ରେସନ ସହିତ ଡାଇଜେସନ ମଧ୍ୟ ଉନ୍ନତ ହୋଇଥାଏ । ଲେମ୍ବୁ ପାଣି ପିଇବା ଦ୍ୱାରା ଭଲ ବ୍ୟାକ୍ଟେରିଆ ବଢ଼ନ୍ତି । ଏହା ଦ୍ୱାରା ଓଜନ କମ ହୁଏ ନାହିଁ କିନ୍ତୁ ଓଜନ ବଢ଼େ ମଧ୍ୟ ନାହିଁ । ଏହା ଓଜନକୁ ନିୟନ୍ତ୍ରିତ ରଖେ ।

ଲେମ୍ବୁ ପାଣିର ପାର୍ଶ୍ୱ ପ୍ରତିକ୍ରିୟା

ଲୋକମାନେ ସକାଳ ସମୟରେ ଖାଲି ପେଟରେ ଉଷୁମ ପାଣିରେ ଏହାକୁ ପିଇଥା'ନ୍ତି । ଏହା ଏସିଡିଟି, ବ୍ଲୋଟିଙ୍ଗ୍ ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇପାରେ । ଆପଣ ଖାଇସାରିବା ପରେ ଏହାକୁ ପିଇପାରନ୍ତି କାରଣ ଏହାଦ୍ୱାରା ପାଚନ ସଠିକ୍ ଭାବରେ ହୋଇଥାଏ । ଗରମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଆଦୌ ଠିକ୍ ନୁହେଁ କାରଣ ଅଧିକ ଗରମ ହେବା ଦ୍ୱାରା ଭିଟାମିନ-ସି ବ୍ରେକଆଉଟ୍ ହୋଇଯାଏ । ଏହି କାରଣରୁ ତାହାର ପୋଷକ ତତ୍ତ୍ୱ ଆମକୁ ମିଳିପାରେ ନାହିଁ । ଯଦି ଆପଣ ଗରମ ପାଣିରେ ଏହାକୁ ପିଉଛନ୍ତି ତେବେ ଧ୍ୟାନ ରଖନ୍ତୁ ପାଣିକୁ ପ୍ରଥମେ ଉଷୁମ ସ୍ତରକୁ ଆଣନ୍ତୁ ତା'ପରେ ଲେମ୍ବୁ ମିଶାଇ ପିଅନ୍ତୁ ।

ଲେମନ ୱାଟରର ସ୍ତର ଏସିଡିକ ହୋଇଥାଏ, ଏହା ଆମ ଦାନ୍ତ ଉପରେ ପ୍ରଭାବ ପକାଇପାରେ । ଯେଉଁ କାରଣରୁ ଦାନ୍ତରେ ଖଟା ଏବଂ ସେନସିଟିଭିଟି ହୋଇପାରେ । ଲେମ୍ବୁ ପାଣି ପିଇବା ପାଇଁ ଆପଣଙ୍କୁ ଷ୍ଟ୍ର'ର ବ୍ୟବହାର କରିବା ଉଚିତ କିମ୍ବା ଏକ ସମୟରେ ହିଁ ଏହାକୁ ପିଇନେବା ଉଚିତ । ଏହାକୁ ପିଇସାରିବା ପରେ କୁଳୁକୁଞ୍ଚା ନିଶ୍ଚୟ କରନ୍ତୁ । ଲେମ୍ବୁ ପାଣି ଆମ ଶରୀରକୁ ଡିଟକ୍ସ କରେ ନାହିଁ । ଲେମ୍ବୁ ପାଣି ପିଇବା ଦ୍ୱାରା ହାଇଡ୍ରେସନ ଏବଂ ଇନଡାଇଜେସନର ସମସ୍ୟା ଦୂର ହୋଇଥାଏ ।



# ଆପଣଙ୍କ ଦେହରୁ ଅତ୍ୟଧିକ ଝାଳ ବାହାରୁଛି କି ? ତେବେ ଜାଣନ୍ତୁ ଏହାର କାରଣ

ଝାଳ ବାହାରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା, ଯାହା ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଆମକୁ ସୁସ୍ଥ ରଖିଥାଏ । ତେବେ ଏହା ଆମେ ଜାଣିବା ଦରକାର ଯେ, ଆମ ଶରୀରରୁ କେତେ ଝାଳ ବାହାରିବା ଉଚିତ । ଝାଳ ହେଉଛି ଗ୍ରନ୍ଥିରୁ ନିର୍ଗତ ଏକ ଲୁଣଯୁକ୍ତ ତରଳ ପଦାର୍ଥ, ଯାହା ଚର୍ମରୁ ବାଷ୍ପୀଭୂତ ହୋଇ ଶରୀରକୁ ଥଣ୍ଡା କରିଥାଏ । ଉତ୍ପାଦିତ ଝାଳର ପରିମାଣ ଶାରୀରିକ କାର୍ଯ୍ୟକଳାପ, ପାଣିପାଗ, ଉଚ୍ଚଚାପ ଓ ମେଦ ବହୁଳତା ଉପରେ ନିର୍ଭର କରିଥାଏ ।

ଯେତେବେଳେ ଶରୀର ଭିତରେ କିମ୍ବା ବାହାରେ ତାପମାତ୍ରା ବୃଦ୍ଧି ପାଏ, ସ୍ୱୟଂଚାଳିତ ସ୍ନାୟୁ ପ୍ରଣାଳୀ ଝାଳଗ୍ରନ୍ଥିକୁ ସକ୍ରିୟ କରିଥାଏ । ଏହି ଗ୍ରନ୍ଥିଗୁଡ଼ିକ ଚର୍ମ ମାଧ୍ୟମରେ ତରଳ ପଦାର୍ଥ ମୁକ୍ତ କରନ୍ତି । ଯେତେବେଳେ ଏହି ତରଳ ପଦାର୍ଥ ବାଷ୍ପୀଭୂତ ହୁଏ, ସେତେବେଳେ ଶରୀର



ଥଣ୍ଡାହେବା ଆରମ୍ଭ କରେ । ନ୍ୟାସନାଲ୍ ଲାଇବ୍ରେରି ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଗବେଷଣାଭିତ୍ତିକ ତଥ୍ୟ ଅନୁଯାୟୀ, ଉତ୍ପାଦିତ ଝାଳର ପରିମାଣ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ । ସମସ୍ତଙ୍କର ସମାନ ପରିମାଣର ଝାଳ ନିର୍ଗତ ହୋଇ ନ ଥାଏ । ଶାରୀରିକ ଅବସ୍ଥା ଉପରେ ନିର୍ଭର କରି ମଧ୍ୟ ଝାଳର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ ।

ବିଶେଷକରି ଖେଳାଳିମାନଙ୍କ କ୍ଷେତ୍ରରେ ବ୍ୟାୟାମର ତୀବ୍ରତା, ପାଣିପାଗ ଓ ପରିଶ୍ରମ ସମୟରେ ଝାଳର ପରିମାଣ ଯଥେଷ୍ଟ ଅଧିକ ହୋଇଥାଏ । ଏହି କାରଣରୁ ଜଳୀୟ ଅଂଶ ଓ ଉପଯୁକ୍ତ ତରଳ ପଦାର୍ଥ ଗ୍ରହଣ ଜରୁରି ବୋଲି ବିବେଚନା କରାଯାଏ । ଝାଳ ଏକ ପ୍ରତିଶତ ଲୁଣ ଓ ଚର୍ବିରେ ଗଠିତ । ଗରମ ପାଗ କିମ୍ବା ଶାରୀରିକ ଶ୍ରମ ସମୟରେ ଶରୀରକୁ ଥଣ୍ଡା କରିବା ପାଇଁ ଏହି ପ୍ରକ୍ରିୟା ଅବଶ୍ୟକ ହୋଇଥାଏ । ଚିନ୍ତାଜନିତ ମାନସିକ ଚାପ କିମ୍ବା ବିଚଳିତବୋଧ ଭଳି ଭାବନା ମଧ୍ୟ ଝାଳ ବୃଦ୍ଧି କରିପାରେ ।

ସାଧାରଣ ପରିସ୍ଥିତିରେ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କ ଶରୀରରୁ ଦିନକୁ ପ୍ରାୟ ୦.୫ରୁ ୨ ଲିଟର ଝାଳ ବାହାରିଥାଏ । ଗରମ ଓ ଆର୍ଦ୍ର ପାଗରେ ଶାରୀରିକ ପରିଶ୍ରମ ବା ବ୍ୟାୟାମ ସମୟରେ ମାନସିକ ଚାପ, ମସଲାଯୁକ୍ତ ଖାଦ୍ୟ, କ୍ୟାଫିନ୍ ଓ ମଦ୍ୟପାନ ସମୟରେ ବା ମହିଳାଙ୍କ ଋତୁସ୍ରାବ ସମୟରେ ହରମୋନ୍ ପରିବର୍ତ୍ତନ ଯୋଗୁଁ ଝାଳର ପରିମାଣ ବଢ଼ିଥାଏ । ମେଟାବୋଲିଜିମ୍, ଫିଟନେସ୍ ସ୍ତର ଓ ଜେନେଟିକ୍ କାରଣଗୁଡ଼ିକ ମଧ୍ୟ ଝାଳକୁ ପ୍ରଭାବିତ କରନ୍ତି ।

ଅତ୍ୟଧିକ ଝାଳ ବୋହିବାକୁ ହାଇପରହାଇଡ୍ରୋସିସ୍ କୁହାଯାଏ । ଏହି ଅବସ୍ଥାରେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକତାରୁ ଅଧିକ ଝାଳ ବାହାରିଥାଏ । ଫଳରେ ପାପୁଲି ଓ ପାଦ ଝାଳୁଆ ହେବା, କାଖରେ ଅଧିକ ଝାଳ ବାହାରିବା ପରି ସମସ୍ୟା ଦେଖାଯାଇଥାଏ । ହାଇପରହାଇଡ୍ରୋସିସ୍ ମୁଖ୍ୟତଃ ଦୁଇ ପ୍ରକାରର । ପ୍ରାଥମିକ ହାଇପରହାଇଡ୍ରୋସିସ୍ ଅତ୍ୟଧିକ ସକ୍ରିୟ ଝାଳଗ୍ରନ୍ଥି ଯୋଗୁଁ ହୁଏ । ସେହିପରି ଦ୍ୱିତୀୟ ହାଇପରହାଇଡ୍ରୋସିସ୍ ମଧୁମେହ, ଥାଇରଏଡ୍ ସମସ୍ୟା, ସଂକ୍ରମଣ, ଋତୁସ୍ରାବ କିମ୍ବା କୌଣସି ଔଷଧ ଯୋଗୁଁ ହୋଇଥାଏ । ତେଣୁ ଅତ୍ୟଧିକ ଝାଳ ଶରୀର ପାଇଁ ସମସ୍ୟା ସୃଷ୍ଟି କରିପାରେ । ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରି ।

# ପାଣି ପିଇବା ପାଇଁ କାଚ ନା ତମ୍ବା ବୋତଲ କେଉଁଟି ସବୁଠାରୁ ଭଲ ? ଜାଣନ୍ତୁ ଏହାର ଉପକାରିତା

ସୁସ୍ଥ ରହିବା ପାଇଁ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ଆବଶ୍ୟକ । କିନ୍ତୁ କେବଳ ପାଣି ପିଇବା ଯଥେଷ୍ଟ ନୁହଁ ଆପଣ କେଉଁ ପାତ୍ରରେ ପାଣି ପିଉଛନ୍ତି ତାହାର ମଧ୍ୟ ପ୍ରଭାବ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପାକାଇଥାଏ ।ବର୍ତ୍ତମାନ ସମୟରେ ଯେତେବେଳେ ପାଣି ବୋତଲର ପସନ୍ଦ ଆସେ ସାଧାରଣତଃ ଲୋକେ କାଚ କିମ୍ବା ,ତମ୍ବା ବୋତଲ ର ବୋଶି ମାତ୍ରରେ ବାଛିଥାନ୍ତି । ଏହି ଦୁଇଟି ମଧ୍ୟରୁ କେଇଁଟା ଭଲ ଆସନ୍ତୁ ଜାଣିବା ।

ତମ୍ବା ପାଣି ବୋତଲର ଉପକାରିତା : ପୁରାତନ କାଳରୁ ପାଣି ତମ୍ବା ବୋତଲରେ ରଖି ପିଇବାକୁ କୁହାଯାଉଥିଲା । ଏମିତି କଲେ ଶରୀର ସୁସ୍ଥ ରହିବା ସହ ଆୟୁଷ ବୃଦ୍ଧି ହୁଏ ବୋଲି କୁହାଯାଉଥିଲା । ତମ୍ବାରେ ଆଣ୍ଟି – ବ୍ୟାକ୍ଟେରିଆଲ ଗୁଣ ରହିଛି ତମ୍ବା ପାତ୍ରରେ ୮ରୁ ୧୦ଘଣ୍ଟା ପର୍ଯ୍ୟନ୍ତ ପାଣି ରଖିଲେ ,ସେଥିରେ ଥିବା କ୍ଷତିକାରକ




ବ୍ୟାକ୍ଟେରିଆ ନଷ୍ଟ ହୋଇଯାନ୍ତି । ଏହି ପାତ୍ରରେ ପାଣି ରଖିବା ଦ୍ୱାରା ହଜମ ଶକ୍ତି ,ହଜମ ପ୍ରକ୍ରିୟାରେ ସହାୟକ ହୋଇଥାଏ ।ଏହା ପେଟର ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରେ । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ତମ୍ବା ମିଶ୍ରିତ ଜଳ ଶରୀରର ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ ।

କାଚ ବୋତଲର ଉପକାରିତା : ଯଦି ଆପଣ ପାଣିର ଶୁଦ୍ଧତା ଏବଂ ପ୍ରାକୃତିକ ସ୍ୱାଦ ରହିଆଏ , ତେବେ କାଚ ବୋତଲ ଏକ ଭଲ ପସନ୍ଦ । ରାସାୟନିକ ମୁକ୍ତ ପ୍ଲାଷ୍ଟିକ ବୋତଲ ପରି କାଚରୁ କୌଣସି ବିଷାକ୍ତ କେମିକାଲ୍ ପାଣିରେ ମିଶିବାର ଭୟ ନଥାଏ । କାଚ ବୋତଲରେ ରଖାଯାଇଥିବା ପାଣିର ସ୍ୱାଦ କେବେହେଲେ ବଦଳେ ନାହିଁ । କାଚ ବୋତଲକୁ ସହଜରେ ସଫା କରାଯାଇପାରେ ଏବଂ ଏଥିରେ ଦୁର୍ଗନ୍ଧ ହେବାର ସମ୍ଭାବନା କମ୍ ଥାଏ । ଉଭୟ ପାତ୍ରର ନିଜସ୍ୱ ଗୁଣ ରହିଛି । ଯଦି ଆପଣ ଔଷଧୀୟ ଗୁଣ ଚାହୁଁଛନ୍ତି, ତେବେ ସକାଳ ସମୟରେ ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଇବା ସବୁଠାରୁ ଭଲ । ଅନ୍ୟପଟେ, ଦିନସାରା ସାଧାରଣ ବ୍ୟବହାର ପାଇଁ ଏବଂ ଅଫିସ କିମ୍ବା ଘରେ ପାଣି ରଖିବା ପାଇଁ କାଚ ବୋତଲ ଏକ ସୁରକ୍ଷିତ ଏବଂ ପରିବେଶ ଅନୁକୂଳ ବିକଳ୍ପ । ତଥାପି ମନେ ରଖନ୍ତୁ, ତମ୍ବା ବୋତଲକୁ ସବୁବେଳେ ସଫା ରଖିବା ଜରୁରୀ ଏବଂ ଏଥିରେ କେବେ ବି ଲେମ୍ବୁ ରସ କିମ୍ବା କୌଣସି ଖଟା ଜାତୀୟ ପାନୀୟ ରଖନ୍ତୁ ନାହିଁ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

# ଅତ୍ୟଧିକ ଖରା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ : ଖରାଦିନେ ଆପଣାନ୍ତୁ ଏହି ଘରୋଇ ଉପାୟ

ତାପମାତ୍ରା ବଢ଼ିବା ସାଙ୍ଗକୁ ଲଗାତାର ଗ୍ରୀଷ୍ମପ୍ରବାହ ବେଳେ ଥଣ୍ଡା ରହିବା କେବଳ ଆରାମ ନୁହେଁ, ବରଂ ଏହା ନିଜର ସୁରକ୍ଷା । କାରଣ ଅତ୍ୟଧିକ ଖରା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ଆଣିପାରେ । ଏଥିପାଇଁ କେଉଁସବୁ ଦିଗ ଉପରେ ନଜର ଦେଲେ ନିଜକୁ ଥଣ୍ଡା ରଖିହେବ ।

ନିଜକୁ ସୂର୍ଯ୍ୟ ଉପଯୋଗୀ କରନ୍ତୁ: ଅତ୍ୟଧିକ ଖରାବେଳେ ଘରୁ ବାହାରକୁ ନ ବାହାରିବା ପାଇଁ ଚେଷ୍ଟା କରନ୍ତୁ । ବାହାରକୁ ଗଲେ ସନସ୍କ୍ରିନ୍ ଲୋସନ୍ ? ବ୍ୟବହାର କରନ୍ତୁ । ମୁଣ୍ଡରେ ଟୋପି ପିନ୍ଧନ୍ତୁ । ଛାଇ ଜାଗାରେ କିଛି କିଛି ସମୟ କାଟନ୍ତୁ । ହାଲୁକା ରଙ୍ଗର ଢିଲା ପୋଷାକ ପିନ୍ଧିବାକୁ ଭୁଲନ୍ତୁ ନାହିଁ ।

ତ୍ୱଚାକୁ ଓଦା ରଖନ୍ତୁ: ଗାମୁଛା ବା ତଉଲିଆକୁ ଓଦାକରି ସେଥିରେ ଆପଣ ପୋଛାପୋଛି ହୋଇପାରିବେ । ଗାଧୋଇବା ସମୟରେ ଶୀତଳ ପାଣି ବ୍ୟବହାର କରନ୍ତୁ, ତେବେ ଅତି ଥଣ୍ଡାପାଣି ନୁହେଁ । ଥଣ୍ଡା ପାଣିରେ ଆପଣଙ୍କ ଦୁଇ ହାତ ଓ ଗୋଡ଼କୁ ବୁଡ଼ାଇ କିଛି ସମୟ ରଖନ୍ତୁ ।

ପ୍ରଚୁର ପାଣି ପିଅନ୍ତୁ: ତାପମାତ୍ରା ଅଧିକ ଥିଲେ ଆପଣ ପ୍ରଚୁର ପାଣି ପିଅନ୍ତୁ । ସମ୍ଭବ ହେଲେ ବିଭିନ୍ନ ସ୍ପୋର୍ଟସ୍ ଡ୍ରିଙ୍କସ୍ ପିଇପାରିବେ । ଏହି ସମୟରେ ଚା' ବା କଫିରୁ ବିରତ ରହନ୍ତୁ । ଡିହାଇଡ୍ରେସନ୍‌ରୁ ମୁକୁଳିବାକୁ ବାରମ୍ବାର ଓ ଅଧିକ ପାଣି ପିଅନ୍ତୁ ।

ମଦ୍ୟପାନରୁ ବିରତ ରୁହନ୍ତୁ: ଅତ୍ୟଧିକ ମଦ୍ୟପାନ ବିପଜ୍ଜନକ ହୋଇପାରେ । ଆପଣଙ୍କୁ ଡିହାଇଡ୍ରେସନ୍‌ର ଶିକାର କରିପାରେ । ସେହିପରି ନିଦକୁ ପ୍ରଭାବିତ କରେ । ନିଦ ପତଳା ହୋଇପାରେ ଓ ବାରମ୍ବାର ନିଦ ଭାଙ୍ଗିପାରେ ।

# ମଧ୍ୟପ୍ରାଚ୍ୟ ରଣକ୍ଷେତ୍ରର ନିଆଁ ଓ ବିମାନ ଭଡ଼ା ଆକାଶଛୁଆଁ ହେବା ଆଶଙ୍କା

ମାର୍ଚ୍ଚ ୨୦୨୬ର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱ ଇତିହାସ ଏକ ଅତ୍ୟନ୍ତ ଭୟଙ୍କର ତଥା ନିର୍ଣ୍ଣାୟକ ମୋଡ଼ ନେଇଛି । ଗତ ଫେବୃଆରୀ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା ଇସ୍ରାଏଲ ଏବଂ ଆମେରିକା ଦ୍ୱାରା ଇରାନ ଉପରେ ମିଳିତ ସାମରିକ ଆକ୍ରମଣ ବର୍ତ୍ତମାନ କେବଳ ଏକ ରାଜନୈତିକ ବିଶ୍ଳେଷଣର ବିଷୟ ହୋଇ ରହିନାହିଁ, ବରଂ ଏହା ସାଧାରଣ ଜନଜୀବନ ଉପରେ ଏକ ପ୍ରଚଣ୍ଡ ଆର୍ଥିକ ଆଘାତ ଦେଇସାରିଛି । ଯୁଦ୍ଧର ପ୍ରଭାବ ଆଉ 'ଆଶଙ୍କା' ପର୍ଯ୍ୟାୟରେ ନାହିଁ; ଏହା ଏକ କଠୋର ବାସ୍ତବତାରେ ପରିଣତ ହୋଇଛି ଯେଉଁଠାରେ ବିମାନ ଭଡ଼ା ରାତାରାତି ତିନିରୁ ଚାରି ଗୁଣ ବୃଦ୍ଧି ପାଇଛି । ଯେତେବେଳେ ତେହେରାନ ଓ ଇସଫାହାନର ଆକାଶରୁ ବୋମା ଓ କ୍ଷେପଣାସ୍ତ୍ର ବର୍ଷା ହେଉଛି, ସେତେବେଳେ ହଜାର ହଜାର କିଲୋମିଟର ଦୂରରେ ଥିବା ଭାରତୀୟ ଶ୍ରମିକ ଓ ଯାତ୍ରୀମାନେ ଏହାର ମୂଲ୍ୟ ଦେଉଛନ୍ତି । ବିମାନ ବୀମା କମ୍ପାନୀଗୁଡ଼ିକ ଦ୍ୱାରା 'ୱାର୍ ରିସ୍କ ପ୍ରିମିୟମ' ବା ଯୁଦ୍ଧଜନିତ ବିପଦ ବୀମା କିସ୍ତିରେ ଯେଉଁ ଅହେତୁକ ବୃଦ୍ଧି ଘଟିଛି, ତାହା ବିମାନ ଯାତ୍ରାକୁ ସାଧାରଣ ବର୍ଗଙ୍କ ପହଞ୍ଚ ବାହାରକୁ ନେଇଯାଇଛି ।

ବର୍ତ୍ତମାନର ପରିସ୍ଥିତିକୁ ବୁଝିବା ପାଇଁ ଆମକୁ ପ୍ରଥମେ ଯୁଦ୍ଧର ଭୌଗୋଳିକ ଓ ଆର୍ଥିକ ଦିଗ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଆମେରିକା ଓ ଇସ୍ରାଏଲର ଯୁଦ୍ଧ ବିମାନଗୁଡ଼ିକ ଇରାନର ପ୍ରମୁଖ ସାମରିକ ଘାଟିଗୁଡ଼ିକୁ ଲଗାତାର ଟାର୍ଗେଟ୍ କରୁଥିବା ବେଳେ ଇରାନର ପ୍ରତିଜବାବ ସମଗ୍ର ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଅସ୍ଥିର କରିଦେଇଛି । ଫଳସ୍ୱରୂପ, ଇରାନ, ଇରାକ ଏବଂ କୁଏତର ଆକାଶପଥ ବେସାମରିକ ବିମାନ ଚଳାଚଳ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି । ଏହି ପୃଷ୍ଠଭୂମିରେ ଅନ୍ତର୍ଜାତୀୟ ବୀମା କମ୍ପାନୀଗୁଡ଼ିକ ଯୁଦ୍ଧ ପ୍ରଭାବିତ ଅଞ୍ଚଳ ଦେଇ ଗତି କରୁଥିବା ବିମାନଗୁଡ଼ିକ ପାଇଁ ବୀମା ପ୍ରିମିୟମକୁ ଆକାଶଛୁଆଁ କରିଦେଇଛନ୍ତି । ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ପ୍ରତ୍ୟେକ ଥର ଯୁଦ୍ଧ କ୍ଷେତ୍ରର ସୀମାନ୍ତ ଦେଇ ଉଡ଼ାଣ ଭରିବା ପାଇଁ ବିମାନ କମ୍ପାନୀଗୁଡ଼ିକୁ ବିମାନର ମୋଟ ମୂଲ୍ୟର (Hull Value) ପ୍ରାୟ ୦.୧% ପର୍ଯ୍ୟନ୍ତ ଅତିରିକ୍ତ ପ୍ରିମିୟମ ଦେବାକୁ ପଡୁଛି । ଯୁଦ୍ଧ ପୂର୍ବରୁ ଏହା ନଗଣ୍ୟ ଥିଲା, କିନ୍ତୁ ଆଜି ଏହା ବିମାନ କମ୍ପାନୀଙ୍କ ପାଇଁ ଏକ ବିରାଟ ବୋଝ ପାଲଟିଛି ।ଏହି ବର୍ଦ୍ଧିତ ଖର୍ଚ୍ଚର ବାସ୍ତବ ଚିତ୍ର ଅତ୍ୟନ୍ତ ଉଦବେଗଜନକ । ତଥ୍ୟ ଅନୁଯାୟୀ, ଏୟାରବସ୍ ଇ୩୨୦ କିମ୍ବା ବୋଇଂ ୭୩୭ ଭଳି ଏକ 'ନାରୋ-ବଡି' (ସଂକୀର୍ଣ୍ଣ) ବିମାନ ପାଇଁ, ଯାହାର ମୂଲ୍ୟ ପ୍ରାୟ ୬୦୦-୭୦୦ କୋଟି ଟଙ୍କା, ଏହି ବର୍ଦ୍ଧିତ ପ୍ରିମିୟମ ବାବଦକୁ ଏୟାରଲାଇନ୍ସକୁ ଗୋଟିଏ ରିଟର୍ଣ୍ଣ ଟ୍ରିପ୍ ପାଇଁ ପ୍ରାୟ ୩୦ ରୁ ୪୦ ଲକ୍ଷ ଟଙ୍କା (୩୨,୦୦୦ ରୁ ୪୮,୦୦୦ ଡଲାର) ଅତିରିକ୍ତ ଖର୍ଚ୍ଚ କରିବାକୁ ପଡୁଛି । ସେହିପରି ବୋଇଂ ୭୭୭ କିମ୍ବା ୭୮୭ ଡ୍ରିମଲାଇନର ଭଳି 'ୱାଇଡ୍-ବଡି' (ବୃହତ) ବିମାନ ପାଇଁ ଏହି ଖର୍ଚ୍ଚ ୯୦ ଲକ୍ଷରୁ ୧ କୋଟି ଟଙ୍କା (ପ୍ରାୟ ୧,୦୦,୦୦୦ ଡଲାର) ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ମନେରଖନ୍ତୁ, ଏହା କୌଣସି ବାର୍ଷିକ ଦେୟ ନୁହେଁ, ବରଂ ପ୍ରତ୍ୟେକ ଥର ଯାତାୟାତ ପାଇଁ ଦେବାକୁ ପଡୁଥିବା ଅତିରିକ୍ତ ଅର୍ଥ । ବିମାନ ଶିଳ୍ପ ପରି ଏକ ସ୍ୱଳ୍ପ ଲାଭାଂଶ (Low Margin) ଭିତ୍ତିକ ବ୍ୟବସାୟରେ ଏତେ ବଡ଼ ଧରଣର ଖର୍ଚ୍ଚ ବହନ କରିବା କମ୍ପାନୀଗୁଡ଼ିକ ପକ୍ଷେ ଅସମ୍ଭବ ହୋଇପଡ଼ିଛି । ତେଣୁ ସେମାନେ ବାଧ୍ୟ ହୋଇ ଏହି ବୋଝକୁ ଯାତ୍ରୀଙ୍କ ଉପରେ ଲଦି ଦେଇଛନ୍ତି । ଫଳସ୍ୱରୂପ, ଭାରତରୁ ଦୁବାଇ କିମ୍ବା ଅନ୍ୟ ଗଲ୍ଫ ଦେଶକୁ ଯାଉଥିବା ଯେଉଁ ଟିକେଟ୍ ପୂର୍ବରୁ ୧୦,୦୦୦ରୁ ୧୫,୦୦୦ ଟଙ୍କାରେ ମିଳୁଥିଲା, ତାହା ଆଜି ୫୦,୦୦୦ ରୁ ୬୦,୦୦୦ ଟଙ୍କାରେ ବିକ୍ରି ହେଉଛି ।

କେବଳ ବୀମା ପ୍ରିମିୟମ ବୃଦ୍ଧି ଏକମାତ୍ର ସମସ୍ୟା ନୁହେଁ । ଯୁଦ୍ଧ କାରଣରୁ ଇରାନର ଆକାଶପଥ ବନ୍ଦ ରହିଥିବାରୁ ବିମାନଗୁଡ଼ିକୁ ବାଧ୍ୟ ହୋଇ ବହୁ ଦୂର ବୁଲି ଯିବାକୁ ପଡୁଛି । ଏହି 'ରି-ରୁଟିଂ' ବା ପଥ ପରିବର୍ତ୍ତନ ଯୋଗୁଁ ୟୁରୋପ ଏବଂ ଆମେରିକାକୁ ଯାଉଥିବା ବିମାନଗୁଡ଼ିକର ଉଡ଼ାଣ ସମୟ ପ୍ରାୟ ୨ ରୁ ୩ ଘଣ୍ଟା ବଢ଼ିଯାଇଛି । ବିମାନ ଚଳାଚଳରେ ସମୟ ବଢ଼ିବା ମାନେ ଇନ୍ଧନ ଖର୍ଚ୍ଚ ବଢ଼ିବା । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହି ଅତିରିକ୍ତ ଉଡ଼ାଣ ସମୟ ପାଇଁ ଘଣ୍ଟା ପ୍ରତି ପ୍ରାୟ ୬,୦୦୦ ରୁ ୭,୫୦୦ ଡଲାର (ପ୍ରାୟ ୫-୬ ଲକ୍ଷ ଟଙ୍କା) ଅଧିକ ଖର୍ଚ୍ଚ ହେଉଛି । ଏହା ସହିତ ଯୋଡ଼ି ହୋଇଛି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିର ସମସ୍ୟା । ଯୁଦ୍ଧ ଯୋଗୁଁ ତୈଳ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କାରେ ବିମାନ ଇନ୍ଧନ (ATF)ର ମୂଲ୍ୟ ଉତ୍ତର-ପଶ୍ଚିମ ୟୁରୋପରେ ମେଟ୍ରିକ୍ ଟନ୍ ପିଛା ୧,୨୫୯ ଡଲାର ଅତିକ୍ରମ କରିଛି । ଭାରତୀୟ ବିମାନ କମ୍ପାନୀଗୁଡ଼ିକର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% କେବଳ ଇନ୍ଧନ ବାବଦରେ ଯାଇଥାଏ । ତେଣୁ ଏକାଧାରରେ ବୀମା ପ୍ରିମିୟମ ବୃଦ୍ଧି, ଲମ୍ବା ଯାତ୍ରା ପଥ ଏବଂ ମହଙ୍ଗା ତୈଳ—ଏହି ତିନୋଟି କାରଣ ମିଶି ବିମାନ ଭଡ଼ାକୁ ଏକ ଅକଳ୍ପନୀୟ ସ୍ତରକୁ ନେଇଯାଇଛି । ଭାରତ ପାଇଁ ଏହି ପରିସ୍ଥିତି ଅତ୍ୟନ୍ତ ସଙ୍କଟଜନକ। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରୁ ଲଣ୍ଡନ ଯାଉଥିବା ସିଧାସଳଖ ବିମାନର ଇକୋନୋମି କ୍ଲାସ୍ ଭଡ଼ା ବର୍ତ୍ତମାନ ୧,୫୦,୦୦୦ ଟଙ୍କା ଟପିଯାଇଛି, ଯାହା ସାଧାରଣ ସମୟ ତୁଳନାରେ ଦୁଇଗୁଣରୁ ଅଧିକ । ଏହାର ସବୁଠାରୁ ବଡ଼ ଶିକାର ହେଉଛନ୍ତି ଭାରତର ସାଧାରଣ ପ୍ରବାସୀ ଶ୍ରମିକ । କେରଳ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଏବଂ ବିହାର ଭଳି ରାଜ୍ୟରୁ ଲକ୍ଷ ଲକ୍ଷ ଲୋକ ରୋଜଗାର ପାଇଁ ଉପସାଗରୀୟ ଦେଶ ଉପରେ ନିର୍ଭରଶୀଳ । ଯୁଦ୍ଧ ପରିସ୍ଥିତିରେ ଅନେକ ଶ୍ରମିକ ନିଜ ଦେଶକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଅତ୍ୟଧିକ ଭଡ଼ା ଯୋଗୁଁ ସେମାନେ ସେଠାରେ ଫସି ରହିଛନ୍ତି। ଅନ୍ୟପକ୍ଷରେ, ଯେଉଁମାନେ ଛୁଟିରେ ଘରକୁ ଆସିଥିଲେ, ସେମାନେ କର୍ମକ୍ଷେତ୍ରକୁ ଫେରିବା ପାଇଁ ଅସମର୍ଥ ହେଉଛନ୍ତି । ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ବରଂ ଦେଶର 'ରେମିଟାନ୍ସ' ବା ବିଦେଶରୁ ଆସୁଥିବା ଅର୍ଥ ପ୍ରବାହ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି ।

ଏହି ଯୁଦ୍ଧ କେବଳ ଯାତ୍ରୀ ପରିବହନ ନୁହେଁ, ବରଂ ବାଣିଜ୍ୟିକ କାରବାରକୁ ମଧ୍ୟ ଗଭୀର ଭାବେ କ୍ଷତିଗ୍ରସ୍ତ କରିଛି । ଭାରତରୁ ୟୁରୋପ ଏବଂ ଆମେରିକାକୁ ରପ୍ତାନି ହେଉଥିବା ଫଳ, ପନିପରିବା, ଔଷଧ ଏବଂ ବୟନ ଶିଳ୍ପ ସାମଗ୍ରୀର ପରିବହନ ଖର୍ଚ୍ଚ ବହୁଗୁଣ ବଢ଼ିଯାଇଛି । 'ଏୟାର ଫ୍ରେଟ୍' ବା ବିମାନ ମାଲ ପରିବହନ ଭଡ଼ା ବୃଦ୍ଧି ପାଇବା ଫଳରେ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ସାମଗ୍ରୀର ପ୍ରତିଯୋଗିତାମୂଳକ ଦର ବଜାୟ ରଖିବା କଷ୍ଟକର ହେଉଛି । ଏହାବ୍ୟତୀତ, ଯୁଦ୍ଧ ଆରମ୍ଭ ହେବାର ମାତ୍ର କିଛି ଦିନ ମଧ୍ୟରେ ବିଶ୍ୱବ୍ୟାପୀ ୨୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହୋଇଥିବା ଖବର ମିଳିଛି । ଏହା ଯୋଗାଣ ଶୃଙ୍ଖଳା (Supply Chain)କୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି । ଭାରତୀୟ ବିମାନ କମ୍ପାନୀ ଯଥା ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପାଇଁ ଏହା ଏକ ଦୋଛକି ପରିସ୍ଥିତି । ଗୋଟିଏ ପଟେ ପାକିସ୍ତାନର ଆକାଶପଥ ବ୍ୟବହାର ଉପରେ କଟକଣା ଏବଂ ଅନ୍ୟ ପଟେ ଇରାନ-ଇରାକ ଯୁଦ୍ଧ କ୍ଷେତ୍ର—ଏହି ଦୁଇଟି କାରଣରୁ ଭାରତୀୟ ବିମାନଗୁଡ଼ିକୁ ପଶ୍ଚିମ ଦେଶକୁ ଯିବା ପାଇଁ ଏକ ଅତ୍ୟନ୍ତ ଲମ୍ବା ଏବଂ ବ୍ୟୟବହୁଳ ରାସ୍ତା ବାଛିବାକୁ ପଡୁଛି ।

ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଏହି ସଙ୍କଟର ଆଶୁ ସମାଧାନର କୌଣସି ସମ୍ଭାବନା ଦେଖାଯାଉନାହିଁ । ଯେପର୍ଯ୍ୟନ୍ତ ଆମେରିକା ଓ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ଏବଂ ଇରାନ ଏହାର ପ୍ରତିଜବାବ ଦେଉଥିବ, ସେପର୍ଯ୍ୟନ୍ତ ବୀମା କମ୍ପାନୀଗୁଡ଼ିକ ରିସ୍କ ପ୍ରିମିୟମ କମାଇବେ ନାହିଁ । ବରଂ ଯଦି ଯୁଦ୍ଧର ତୀବ୍ରତା ଆହୁରି ବୃଦ୍ଧି ପାଏ, ତେବେ ବୀମା କମ୍ପାନୀଗୁଡ଼ିକ ହୁଏତ ସମ୍ପୂର୍ଣ୍ଣ ଭାବେ କଭରେଜ୍ ପ୍ରତ୍ୟାହାର କରିନେବାର ଧମକ ଦେଇପାରନ୍ତି, ଯାହା ବିମାନ ସେବାକୁ ସମ୍ପୂର୍ଣ୍ଣ ଠପ୍ କରିଦେବ । ଇଣ୍ଟରନ୍ୟାସନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏସନ୍ (IATA)ର ପୂର୍ବାନୁମାନ ଅନୁଯାୟୀ, ୨୦୨୬ ମସିହାରେ ବିମାନ କମ୍ପାନୀଗୁଡ଼ିକର ନେଟ୍ ଲାଭ ମାତ୍ର ୩.୯% ରହିବାର ଆଶା ଥିଲା, କିନ୍ତୁ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତିରେ ଏହି ସ୍ୱଳ୍ପ ଲାଭ ମଧ୍ୟ କ୍ଷତିରେ ପରିଣତ ହେବାର ଆଶଙ୍କା ରହିଛି।

ପରିଶେଷରେ, ଏହା ନିଃସନ୍ଦେହ ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ରକ୍ତାକ୍ତ ସଂଘର୍ଷ କେବଳ ଏକ ରାଜନୈତିକ କିମ୍ବା ସୀମା ବିବାଦ ନୁହେଁ । ଏହା ବିଶ୍ୱ ବିମାନ ଚଳାଚଳ ବ୍ୟବସ୍ଥା ଉପରେ ଏକ ଘାତକ ପ୍ରହାର । 'ୱାର୍ ରିସ୍କ ପ୍ରିମିୟମ'ର ଏହି ଅହେତୁକ ବୃଦ୍ଧି ପ୍ରମାଣ କରୁଛି ଯେ ଯୁଦ୍ଧର ମୂଲ୍ୟ କେବଳ ରଣକ୍ଷେତ୍ରରେ ନୁହେଁ, ବରଂ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ପଡ଼େ । ଯଦି ବିଶ୍ୱ ନେତୃବୃନ୍ଦ ଏହି ସଙ୍କଟର ଶୀଘ୍ର କୂଟନୈତିକ ସମାଧାନ ନ ବାହାର କରନ୍ତି, ତେବେ ଆଗାମୀ ଦିନରେ ବିମାନ ଯାତ୍ରା କେବଳ ଧନୀକ ଶ୍ରେଣୀର ବିଳାସ ହୋଇ ରହିଯିବ ଏବଂ ବିଶ୍ୱାୟନର ଗତି ମନ୍ଥର ହୋଇଯିବ । ଭାରତ ସରକାର ଏହି କୂଟନୈତିକ ସ୍ତରରେ ନିଜ ନାଗରିକଙ୍କ ସୁରକ୍ଷା ଓ ସୁବିଧା ପାଇଁ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ । କିନ୍ତୁ ବାସ୍ତବତା ହେଉଛି, ଶାନ୍ତି ବିନା ସୁଲଭ ଯାତାୟାତ ଏବଂ ସ୍ଥିର ଅର୍ଥନୀତିର କଳ୍ପନା କରାଯାଇନପାରେ ।



# ମୃତ୍ୟୁ, ସମ୍ମାନ ଓ ଅଧିକାର

**ଡକ୍ଟର ଲକ୍ଷ୍ମଣ ସାହୁ**

ପିତାମହ ଭୀଷ୍ମଙ୍କୁ ଆତ୍ମହତ୍ୟା ଦ୍ୱାରା ମୃତ୍ୟୁର ବର ମିଳିଥିଲା । ଯଦିଓ ସେ ଶଯ୍ୟାରେ ଶୋଇଥିଲେ, ସେ ନିଜ ଜୀବନ ତ୍ୟାଗ କରିନଥିଲେ । ଉତ୍ତରାୟଣର ଶୁଭ ମୁହୂର୍ତ୍ତରେ ସେ 'ସ୍ୱେଚ୍ଛାକୃତ ମୃତ୍ୟୁ'କୁ ଗ୍ରହଣ କରିଥିଲେ। ଭୀଷ୍ମଙ୍କ ସ୍ୱେଚ୍ଛାକୃତ ମୃତ୍ୟୁକୁ ପ୍ରାୟତଃ ବର୍ତ୍ତମାନର 'ଅନିଚ୍ଛାକୃତ ମୃତ୍ୟୁ' ସହିତ ତୁଳନା କରାଯାଏ । ତଥାପି ଯଦି ଆପଣ ଏହା ବିଷୟରେ ଚିନ୍ତା କରନ୍ତି, ତେବେ ଆପଣ ବୁଝିପାରିବେ ଯେ ଭୀଷ୍ମଙ୍କ 'ସ୍ୱେଚ୍ଛାକୃତ ମୃତ୍ୟୁ' ଓ 'ଅନିଚ୍ଛାକୃତ ମୃତ୍ୟୁ' ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଭୀଷ୍ମଙ୍କୁ କୌଣସି ଆଇନ ଅଛି କି ନାହିଁ ସେ ବିଷୟରେ ଚିନ୍ତା କରିବାକୁ ପଡ଼ିନଥିଲା, ଟଙ୍କା ଋଣ ନେବାକୁ ପଡ଼ିନଥିଲା, ଅନୁମତି ପାଇଁ କୋର୍ଟର ଆଶ୍ରୟ ନେବାକୁ ପଡ଼ିନଥିଲା କିମ୍ବା କୌଣସି ଆଇନର ସାହାଯ୍ୟ ନେବାକୁ ପଡ଼ିନଥିଲା। ହ୍ୟାରି ପଟର କାହାଣୀରେ ଡମ୍ବଲ ଡୋର ତାଙ୍କ ମୃତ୍ୟୁକୁ ମଧ୍ୟ ନିର୍ଦ୍ଦିଷ୍ଟ କରିଥିଲେ ।

ଆଜିର ଲୋକଙ୍କ ଜୀବନର ଏକ ନିର୍ଦ୍ଦିଷ୍ଟ ପ୍ରକାରର ଦୁଃଖଦ କାହାଣୀରେ ଖୋଳତାଡ଼ କରିବା ପୂର୍ବରୁ, ଆସନ୍ତୁ ୨୦୧୦ ମସିହାରେ ସଞ୍ଜୟ ଲୀଳା ବଂଶାଲିଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଗୁଜାରିଶ' ଉପରେ ନଜର ପକାଇବା । 'ଗୁଜାରିଶ' ଶବ୍ଦର ଅର୍ଥ 'ଅନୁରୋଧ' ଓ 'ଆବେଦନ'। ଏହି ଚଳଚ୍ଚିତ୍ରଟି ୧୪ ବର୍ଷ ଧରି ଏକ ଶଯ୍ୟା ଓ ହ୍ୱିଲଚେୟାରରେ ବନ୍ଦୀ ଥିବା ଜଣେ ବ୍ୟକ୍ତି ବିଷୟରେ । ଯେତେବେଳେ ସେ ନିଜ ଜୀବନ ସମାପ୍ତ କରିବା ପାଇଁ କୋର୍ଟରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରନ୍ତି, ସେତେବେଳେ ଏକ ବଡ଼ ହଇଚଇ ସୃଷ୍ଟି ହୁଏ । ରେଡିଓରେ ଦର୍ଶକ ତାଙ୍କୁ ଶୁଣୁଛନ୍ତି । ତାଙ୍କ ପୂର୍ବତନ ପ୍ରେମିକା ବ୍ୟତୀତ ଆଉ କେହି ତାଙ୍କୁ ସମର୍ଥନ କରୁନାହାଁନ୍ତି। ଚଳଚ୍ଚିତ୍ରରେ ଇଥାନଙ୍କ ଭାଗ୍ୟ ସ୍ପଷ୍ଟ ନୁହେଁ । ଇଥାନ ତାଙ୍କ ବନ୍ଧୁ ଓ ଅତିଥିମାନଙ୍କ ପାଇଁ ଏକ ବିଦାୟକାଳୀନ ପାର୍ଟି ଆୟୋଜନ କରନ୍ତି ଓ ସମସ୍ତଙ୍କୁ ବିଦାୟ ଦିଅନ୍ତି । ପ୍ରକୃତରେ ଏହି ଦେଶରେ 'ଇଚ୍ଛାମୃତ୍ୟୁ' ଏପର୍ଯ୍ୟନ୍ତ ଆଇନଗତ ନୁହେଁ । ତେଣୁ ହୁଏତ ପରିଗ୍ରାଲତାଙ୍କୁ ବନ୍ଦ କରିବାକୁ ପଡିଲା । ତାଙ୍କୁ ଲକ୍ଷ୍ମଣ ରେଖାଙ୍କୁ ଅନୁସରଣ କରିବାକୁ ପଡିଲା ।

କିନ୍ତୁ ଲକ୍ଷ୍ମଣ ରେଖା ମଧ୍ୟ ଧୀରେ ଧୀରେ ଅଦୃଶ୍ୟ ହୋଇଯାଏ। ଏହା ହରିଶ ରାଣାଙ୍କ ଘଟଣା, ଯିଏ ୧୩ ବର୍ଷ ପୂର୍ବେ ପଡ଼ି କୋମାକୁ ଚାଲିଯାଇଥିଲେ । ସେ 'ସ୍ଥାୟୀ ଉଦ୍ଭିଦ ଅବସ୍ଥା'ରେ ପରିଣତ ହୋଇଥିଲେ । ତାଙ୍କ ପରିବାର ମୃତ୍ୟୁ ମାଧ୍ୟମରେ ତାଙ୍କ ମୁକ୍ତି ପାଇଁ ଆଇନଗତ ଲଢ଼େଇ କରିଥିଲେ । ଶେଷରେ, ମାର୍ଚ୍ଚ ୧୧ ତାରିଖରେ, ସୁପ୍ରିମକୋର୍ଟ ତାଙ୍କ ମୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ - 'ଆତ୍ମହତ୍ୟା କରିବାକୁ ଅନୁମତି' ।

କିନ୍ତୁ ସମାଜର ମାନସିକତାରେ ଏହି ପରିବର୍ତ୍ତନ ହଠାତ୍ ଆସିନଥିଲା । ଏହା ଏକ ଜଟିଳ, ଲମ୍ବା ଯାତ୍ରା । ଏହି ଆଲୋଚନାରେ ଆମେ ଗତ ଶତାବ୍ଦୀରେ ସାରା ବିଶ୍ୱରେ 'ଅଯଥା ମୃତ୍ୟୁ' ପ୍ରାର୍ଥନାର କିଛି ମାମଲା ଉପରେ ନଜର ପକାଇବା, ଯାହା ସେତେବେଳେ ଉପଯୁକ୍ତ ଆଇନର ଆଡ଼ାରେ ପ୍ରାୟତଃ ବିଫଳ ହୋଇଥିଲା। କିନ୍ତୁ ସେମାନେ ଆଜି ବିଶ୍ୱରେ ଏପରି ଅନେକ ଲୋକଙ୍କ ମୁକ୍ତି ପାଇଁ ମୂଳଦୁଆ। ସେମାନେ ଲକ୍ଷ୍ମଣ ରେଖାକୁ ଲିଭାଇ ଦେବା ପାଇଁ ଉତ୍ପ୍ରେରକ ପାଲଟିଛନ୍ତି ।

ପ୍ରଥମେ ବାଲିଗାର୍ନିୟରର ୨୯ ବର୍ଷୀୟା ବ୍ରିଟାନି ମେନାର୍ଡଙ୍କ ବିଷୟରେ କଥା ହେବା । ୨୦୧୪ ଅକ୍ଟୋବରରେ, ବ୍ରିଟାନି କାନ ଆଟ କମ, (CAN-at-Com)ରେ ଏକ ଲେଖା ଲେଖି ଶିରୋନାମାରେ ସ୍ଥାନ ପାଇଥିଲେ । ତାଙ୍କୁ ଏକ ଯନ୍ତ୍ରଣାଦାୟକ ଓ ଆକ୍ରମଣାତ୍ମକ ମସ୍ତିଷ୍କ କର୍କଟ ରୋଗ ଚିହ୍ନଟ ହୋଇଥିଲା । ବିଭିନ୍ନ ଉତ୍ସ ଅନୁସନ୍ଧାନ କରିବା ପରେ, ସେ ଜାଣିବାକୁ ପାଇଲେ ଯେ ତାଙ୍କ 'ଚିକିତ୍ସା'ର ପାର୍ଶ୍ୱ ପ୍ରତିକ୍ରିୟା ବିନାଶକାରୀ ଥିଲା । ତଥାପି ଛଅ ବର୍ଷ ବୟସ ପରେ ତାଙ୍କର ବଞ୍ଚିବାର କୌଣସି ସମ୍ଭାବନା ନଥିଲା । ସେ ଶୀଘ୍ର ନିଷ୍ପତ୍ତି ନେଲେ ଯେ ନିଜ ପାଇଁ ଓ ତାଙ୍କ ପରିବାର ପାଇଁ ସର୍ବୋତ୍ତମ କାର୍ଯ୍ୟପନ୍ଥା ହେଉଛି ତାଙ୍କ ନିଜସ୍ୱ ମହାନ ମନ୍ତ୍ର - 'ପୁରୁଷମାନେ ସମ୍ମାନ ଜିତନ୍ତି' ଅନୁସରଣ କରିବା । କିନ୍ତୁ ସେହି ସମୟରେ ଡାକ୍ତରଙ୍କ ସହାୟତାରେ ମୃତ୍ୟୁ କିମ୍ବା 'ଚିକିତ୍ସା ସହାୟତାରେ ଆତ୍ମହତ୍ୟା' ଆଇନଗତ ନଥିଲା । ଏହା ୨୦୧୬ ଜୁନ୍ ରେ ଆଇନଗତ ଥିଲା । ତେଣୁ ବ୍ରିଟାନି ଓ ତାଙ୍କ ସ୍ୱାମୀ ପଡ଼ୋଶୀ ଓଜୋନ୍ ରାମୋକୁ ଚାଲିଗଲେ । ଏହା ସହଜ ହେବ ନାହିଁ, ଏପରିକି ଆମେରିକା ଭଳି ଦେଶରେ ମଧ୍ୟ। ପ୍ରକୃତରେ ଓରେଗନ୍ ହିଲ୍ ଆମେରିକାର ପାଞ୍ଚଟି ରାଜ୍ୟ ମଧ୍ୟରୁ ଗୋଟିଏ ଥିଲା ଯେଉଁଠାରେ ସେହି ସମୟରେ ଇଚ୍ଛାମୃତ୍ୟୁ ଆଇନଗତ ଥିଲା । ତାଙ୍କ ମୃତ୍ୟୁର ଠିକ୍ ପୂର୍ବରୁ, ବ୍ରିଟାନି କାନନ ଆଟ ୪୧ (CNN-at-41)ରେ '୮.୨୯ରେ ସମ୍ମାନ ସହିତ ମୃତ୍ୟୁ ପାଇବାର ମୋର ଅଧିକାର' ଶୀର୍ଷକ ଏକ ଆର୍ଟିକିଲ୍ ଲେଖିଥିଲେ । ଏଥିରେ, ରିଆନ୍ ଲେଖିଛନ୍ତି, 'ମୁଁ ମରିବାକୁ ଚାହୁଁନାହିଁ । କିନ୍ତୁ ମୁଁ ମୃତ୍ୟୁ ଆଡ଼କୁ ଯାଉଛି । ଏପୂ ମୁଁ ମୋ ନିଜ ସର୍ତ୍ତରେ ମରିବାକୁ ଚାହୁଁଛି ।' ବ୍ରିଟାନି ମେନାର୍ଡ 'ମର୍ଯ୍ୟାଦା ସହିତ ମୃତ୍ୟୁ' ଆନ୍ଦୋଳନର ଏକ ନୂତନ ମୁହଁ କିମ୍ବା ପ୍ରତୀକ ହୋଇଗଲେ ।

ଭାରତରେ ମଧ୍ୟ 'ଇଚ୍ଛାମୃତ୍ୟୁ' ପ୍ରସଙ୍ଗ ଉପରେ ବହୁ ଦିନ ଧରି ବିତର୍କ ଚାଲିଛି। ଏବଂ ଏହା ମୁଖ୍ୟତଃ ମୁମ୍ବାଇର ଏକ ହସ୍ପିଟାଲର ନର୍ସ ଅରୁଣା ଶାନବାସଙ୍କ ଦୁଃଖଦ ଘଟଣା ଯୋଗୁଁ ଘଟିଥିଲା। ୧୯୭୦ ମସିହାରେ ହସ୍ପିଟାଲରେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା । ସେ ତାଙ୍କ ଜୀବନର ପ୍ରାୟ ୪୦ ବର୍ଷ ଏକ ପ୍ରକାର ନିଷ୍କ୍ରିୟ କିମ୍ବା ଉଦ୍ଭିଦ ଅବସ୍ଥାରେ ବିତାଇଥିଲେ ତାଙ୍କ ପକ୍ଷରୁ ସୁପ୍ରିମକୋର୍ଟ 'ଇଚ୍ଛାମୃତ୍ୟୁ' କିମ୍ବା 'ଦୁଃଖରୁ ମୁକ୍ତ' ସପକ୍ଷରେ ରାୟ ଦେଇଛନ୍ତି ।

ମୃତ୍ୟୁ ପାଇଁ ଅନୁମତି ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା। ୨୦୧୫ ମସିହାରେ ଶାଞ୍ଜାଓଙ୍କ ମୃତ୍ୟୁ ହୋଇଥିଲା । ଭାରତରେ 'ମରିବା ଅଧିକାର' ଉପରେ ଆଲୋଚନାରେ ଅରୁଣ୍ୟ ଶାନବାଗ ଘଟଣାକୁ ଏକ ଉଦାହରଣ କିମ୍ବା ମାନଦଣ୍ଡ ଭାବରେ ବିବେଚନା କରାଯାଏ। ଏହି ଘଟଣାଗୁଡ଼ିକ ପରେ, ମଣିଷ ହୃଦୟ, ଏହାର ବିବେକ, କୌଣସି ସ୍ଥାନରେ ଅଶାନ୍ତିରୁ ମୁକ୍ତ ନୁହେଁ।

୨୦୧୧ ମସିହାରେ ଏକ ଐତିହାସିକ ରାୟରେ, ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ ଯେ ତତ୍କାଳୀନ ଭାରତୀୟ ଦଣ୍ଡ ସଂହିତାର ପ୍ରାସଙ୍ଗିକ ଧାରା ସମୀକ୍ଷା ଓ ରଦ୍ଦ କରାଯିବା ଉଚିତ୍। ୨୦୧୮ ମସିହାରେ, ସୁପ୍ରିମକୋର୍ଟର ସମ୍ବିଧାନ ଖଣ୍ଡପୀଠ 'ନିଷ୍କ୍ରିୟ ଇଚ୍ଛାମୃତ୍ୟୁ' ଓ 'ପରୋକ୍ଷ ମୃତ୍ୟୁ'କୁ ଆଇନଗତ ବୈଧତା ପ୍ରଦାନ କରି 'ମହାନ ମୃତ୍ୟୁର ଅଧିକାର'କୁ ଏକ ମୌଳିକ ଅଧିକାର ଘୋଷଣା କରିଥିଲେ । ଏହି କ୍ଷେତ୍ରରେ, ଆବଶ୍ୟକୀୟ ସୁରକ୍ଷା ଓ ସତର୍କତାମୂଳକ ପଦକ୍ଷେପ ମଧ୍ୟ ସୁନିଶ୍ଚିତ କରାଯାଇଛି । ଅସଲାଟ ଆହୁରି କହିଛନ୍ତି ଯେ ଯେକେହି ପୂର୍ବରୁ ଏକ 'ଜୀବିତ ଇଚ୍ଛାପତ୍ର' (କିମ୍ବା, ଆଗୁଆ ନିର୍ଦ୍ଦେଶନାମା) ପ୍ରସ୍ତୁତ କରିପାରିବେ । ଯାହା ଫଳରେ ଭବିଷ୍ୟତରେ, ଯଦି ଜଣେ ମାରାତ୍ମକ ରୋଗୀଙ୍କ କୋର୍ଟ ଖଣ୍ଡପୀଠ ମନ୍ତବ୍ୟ ଦିଅନ୍ତି ବର୍ତ୍ତମାନ ଜୀବନର ପବିତ୍ରତା କିମ୍ବା ମହାନତା ଆଉ ନାହିଁ, ତେବେ ଆମେ କ'ଣ ସେହି ବ୍ୟକ୍ତିଙ୍କୁ ମୃତ୍ୟୁହାରକୁ ଅତିକ୍ରମ କରି ସମ୍ମାନର ସହିତ ମରିବାକୁ ଦେବା ଉଚିତ୍ ନୁହେଁ ?

ଆଠ ବର୍ଷ ପରେ, ମାର୍ଚ୍ଚ ୧୧ ତାରିଖରେ, ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏକ ଐତିହାସିକ ରାୟ ଶୁଣାଇଲେ । ଏହି ରାୟ ୩୨ ବର୍ଷୀୟ ହରିଶ ପ୍ରାଣଙ୍କୁ ମୃତ୍ୟୁବରଣ କରିବାକୁ ଅନୁମତି ଦେଇଥିଲା । ହରିଶ ୧୩ ବର୍ଷ ପୂର୍ବେ ପଡ଼ିଯିବା ପରଠାରୁ କୋ ମାରେ ଥିଲେ । ଭାରତରେ 'ପ୍ୟାସିଭ୍ ୟୁଥାନାସିଆ' କିମ୍ବା 'ପ୍ୟାସିଭ୍ ସ୍ୱେଚ୍ଛାସେବୀ ମୃତ୍ୟୁ'ର ଏହା ପ୍ରଥମ ଘଟଣା। ଏହି ରାୟରେ ନିଷ୍କ୍ରିୟ ୟୁଥାନାସିଆର କିଛି ତତ୍ତ୍ୱ ବିସ୍ତାରିତ ଭାବରେ ବ୍ୟାଖ୍ୟା କରାଯାଇଛି । ଯାହା ଏପରି ମାମଲା ଯେଉଁଠାରେ ଜଣେ ରୋଗୀଙ୍କ ଜୀବନ 'ଫିଡିଂ ଟ୍ୟୁବ୍' ମାଧ୍ୟମରେ କୃତ୍ରିମ ଭାବରେ ବଜାୟ ରଖାଯାଏ ।

ଏହା ସ୍ପଷ୍ଟ ଯେ ହରିଶ ରାଣା କେବଳ ଅରଣ୍ୟ ଶାନବାଗ ଜୀବିତ ଥିବାରୁ 'ମୁକ୍ତିର ମୃତ୍ୟୁ' ପାଇପାରିଲେ । ସେହିପରି ଯଦି ଆମେ ୟୁରୋପକୁ ଦେଖିବା, ତେବେ ଆମେ ଦେଖିବୁ ଯେ 'ସହାୟକ ମୃତ୍ୟୁ' କିମ୍ବା 'ସହାୟକ ମୃତ୍ୟୁ' ଉପରେ ବିତର୍କ ଜଣେ ଡାକ୍ତର, ଜଣେ ନାବିକ ଓ ଜଣେ ପ୍ରଫେସରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ୨୯୭୩ ମସିହାରେ, ଟ୍ରୁସ୍ ପୋଷ୍ଟମା ନାମକ ଜଣେ ଗ୍ରାମୀଣ ଡାକ୍ତର ହଲାଣ୍ଡରେ ତାଙ୍କ ମୃତ୍ୟୁକାଳୀନ ମା'ଙ୍କୁ ୨୦୦ ମିଲିଗ୍ରାମ ମର୍ଫିନ ଦେବାର ଅଭିଯୋଗ ହୋଇଥିଲା। କିନ୍ତୁ ଏହା ପରେ ହଲାଣ୍ଡ ମୃତ୍ୟୁ ସମ୍ବନ୍ଧୀୟ ବିକଳ୍ପଗୁଡ଼ିକରେ ଲୋକମାନଙ୍କୁ ହତ୍ୟା କରିବାକୁ ବାଧ୍ୟ ହୋଇଥିଲା। ୨୦୦୩ ମସିହାରେଏହା ଇଚ୍ଛାମୃତ୍ୟୁକୁ ଆଇନଗତ କରିବା ପାଇଁ ବିଶ୍ୱର ପ୍ରଥମ ଦେଶ ହୋଇଥିଲା ।

ନେଦରଲ୍ୟାଣ୍ଡରେ ଇଚ୍ଛାମୃତ୍ୟୁ ଉପରେ ବିଶ୍ୱର ସବୁଠାରୁ ଉଦାର ଆଇନ ମଧ୍ୟରୁ ଗୋଟିଏ ଅଛି । ଜଣେ ସ୍ପାନିସ୍ ନାବିକ ୨୫ ବର୍ଷ ବୟସରେ ଏକ ଡାଇଭିଂ ଦୁର୍ଘଟଣାରେ ବେକ ତଳକୁ ପକ୍ଷାଘାତ ହେବା ପରେ ତାଙ୍କୁ ଦାହ କରିବା ପାଇଁ ଅନୁମତି ପାଇଁ କୋର୍ଟରେ ଆବେଦନ କରିଛନ୍ତି। ସାରିଆ କୋର୍ଟରେ ତାଙ୍କର ଆବେଦନ ଖାରଜ ହେବା ପରେ, ସେ ପୋଟାସିୟମ୍ ସାୟାନାଇଡ୍ ମିଶ୍ରଣ ପିଇ ପୁନର୍ଜୀବିତ ହେବାକୁ ଚାହୁଁଛନ୍ତି । ଓ ସେ ତାଙ୍କ ବନ୍ଧୁମାନଙ୍କୁ ସାହାଯ୍ୟ ମାଗୁଛନ୍ତି। 'ଯେତେବେଳେ ମୁଁ ଏହି ବିଷ ପିଇବି, ମୁଁ ସବୁଠାରୁ ଘୃଣ୍ୟ ଦାସତ୍ୱରୁ ମୁକ୍ତ ହେବି। ସେହି ଦାସତ୍ୱ ହେଉଛି ଏକ ମୃତ ଶରୀର ଉପରେ ଲାଗି ରହିଥିବା ଜୀବନ୍ତ ମୁଣ୍ଡ ଭାବରେ ବଞ୍ଚିବା।' ପରେ, ଟିଭିରେ ପ୍ରସାରିତ ଏକ ଭିଡିଓରେ, ଟେସେ ସାମ୍ପେଟ୍ରେ ଏହା କହୁଥିବାର ଦେଖା ଯାଇଥିଲା ଏହି ହୃଦୟସ୍ପର୍ଶୀ କାହାଣୀକୁ ୨୦୦୪ ମସିହାରେ ନିର୍ମିତ ଓସ୍କାର ବିଜେତା ଚଳଚ୍ଚିତ୍ର 'ଦି ସି ଇନସାଇଡ'ରେ ଚିତ୍ରିତ କରାଯାଇଥିଲା, ଯେଉଁଥିରେ ଜାଭିୟର ବାର୍ଡେମ ରାମନ ସାମ୍ପେଟ୍ରେ ଭୂମିକାରେ ଅଭିନୟ କରିଥିଲେ।

୨୦୧୩ ମସିହାରେ ଆୟର୍ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ମେରୀ ଫ୍ଲେମିଂ, ଯାହାଙ୍କୁ ମଲ୍ଟିପଲ୍ ସ୍କ୍ଲେରୋସିସ୍ ରୋଗ ନିର୍ଣ୍ଣୟ କରାଯାଇଥିଲା, ସେ 'ସହାୟକ ମୃତ୍ୟୁ' ଅଧିକାର ପାଇଁ ଆୟର୍ଲ୍ୟାଣ୍ଡର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସେ ତାଙ୍କ ଲକ୍ଷ୍ୟରେ ସଫଳ ହୋଇଥିଲେ ।

ସେ ଜିତିପାରିଲେ ନାହିଁ, କିନ୍ତୁ ସେ ବ୍ୟାପକ ଜନସମର୍ଥନ ଏ ସଚେତନତା ହାସଲ କରିଥିଲେ । ଏକ ଦଶନ୍ଧି ପରେ ଯେତେବେଳେ ଇଷ୍ଟଲ୍ୟାଣ୍ଡ ସ୍ଲେଭରୀ କମିଟି ଦ୍ୱାରା ଏହି ପ୍ରସଙ୍ଗରେ ଏକ ଡ୍ରାଫ୍ଟ ଆଇନ ପ୍ରସ୍ତାବିତ ହୋଇଥିଲା । ଏହା ମେରୀ ଫ୍ଲେମିଂଙ୍କ ଜୀବନର ଘଟଣାବଳୀକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଥିଲା । ଏହାର ଏକ କାରଣ ନିଶ୍ଚିତ ଭାବରେ ଥିଲା । ବିଭିନ୍ନ ସମାଜରେ ସ୍ୱେଚ୍ଛାକୃତ ଇଚ୍ଛାମୃତ୍ୟୁ ପ୍ରସଙ୍ଗ ଅଧିକରୁ ଅଧିକ ଗ୍ରହଣୀୟ ହେବାରେ ଲାଗିଛି । ତଥାପି, ପ୍ରଶ୍ନ ଉଠେ, ଏହି 'ବିଶେଷ ପ୍ରସଙ୍ଗ' କ'ଣ ଆଜିର ଦୁନିଆରେ ପ୍ରକୃତରେ ବିଶେଷ, ନା ଏହା ଧୀରେ ଧୀରେ ଏକ ସାଧାରଣ ଘଟଣା ହୋଇଯାଉଛି ? ହଲାଣ୍ଡ ଭଳି ସମାଜରେ ଏହା ମନେହୁଏ ଯେ ସେହି ଦେଶର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଏପରି ଜଣେ ବ୍ୟକ୍ତିଙ୍କୁ ଜାଣନ୍ତି ଯିଏ 'ମୃତ୍ୟୁବରଣ କରିଛନ୍ତି' । ତଥାପି ପରିସ୍ଥିତି ବର୍ତ୍ତମାନ ପରି ନ ହୋଇପାରେ । ସେତେବେଳେ ମଧ୍ୟ ଏହି ପ୍ରସଙ୍ଗ ବିଷୟରେ ଯୁକ୍ତି ଏବଂ ବିତର୍କ ନିରନ୍ତର ଉଠାଯାଉଛି । ଉଦାହରଣ ସ୍ୱରୂପ, ଆସନ୍ତୁ ଜୋୟା ଟେର୍ ବିକ୍ ବିଷୟରେ ଆଲୋଚନା କରିବା । ଦୀର୍ଘକାଳୀନ ଡିପ୍ରେସନ୍, ଚିନ୍ତା, ଆଘାତ ଓ ବ୍ୟକ୍ତିତ୍ୱ ବିକାରରେ ପୀଡିତ ନେଦରଲ୍ୟାଣ୍ଡର ଏହି ୨୯ ବର୍ଷୀୟା ମହିଳାଙ୍କୁ ୨୦୨୪ ମସିହାରେ 'ସହାୟତା ମୃତ୍ୟୁ' ପାଇଁ ଅନୁମତି ଦିଆଯାଇଥିଲା । ତଥାପି ଏହି ମାମଲା ସମଗ୍ର ୟୁରୋପରେ ଆଲୋଚନାର ଝଡ଼ ସୃଷ୍ଟି କରିଛି ।

ପ୍ରସିଦ୍ଧ ବ୍ରିଟିଶ ଦାର୍ଶନିକ ଓ ଲେଖିକା କ୍ୟାଥଲିନ୍ ଷ୍ଟକ୍ ତାଙ୍କର ସାମ୍ପ୍ରତିକ ପୁସ୍ତକ 'ଡୋଣ୍ଟ ଗୋ ଜେଣ୍ଟଲ୍'ରେ ଆମ ସମୟର ସବୁଠାରୁ ବିବାଦୀୟ ପ୍ରସଙ୍ଗ ମଧ୍ୟରୁ ଗୋଟିଏ - ଇଚ୍ଛାମୃତ୍ୟୁ ବିଷୟରେ ଆଲୋଚନା କରିଛନ୍ତି । ୧୯୫୧ ରେ ଏହି ପୁସ୍ତକର ନାମ ଜୟଉପନ୍ୟାସ 'ଡୋଣ୍ଟ ଗୋ ଜେଣ୍ଟଲ୍' ପରେ ରଖାଯାଇଛି ।

ଖ୍ୟାତିସମ୍ପନ୍ନ କବି ଉମାସଙ୍କ ଏକ କବିତା ଦ୍ୱାରା ଅନୁପ୍ରାଣିତ, ଯେଉଁଥିରେ କବି ତାଙ୍କ ଅସୁସ୍ଥ ପତ୍ନୀଙ୍କୁ କୌଣସି ପ୍ରକାରର ସୁଯୋଗ ବିନା ମୃତ୍ୟୁକୁ ଗ୍ରହଣ ନ କରିବାକୁ ଅନୁରୋଧ କରିଛନ୍ତି । ପ୍ରକୃତରେ କ୍ୟାଥଲିନ୍ ସାଙ୍କ ବିଶ୍ୱାସ ଯେ ସହାୟତାରେ ମୃତ୍ୟୁ ପାଇଁ ନିର୍ଦ୍ଦେଶାବଳୀ ଏବଂ ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ, ଏହାର ପରିସରକୁ ବିସ୍ତାର କରିବା ପାଇଁ ଏକ ବିଶେଷ ଅନୁରୋଧ ଓ ଲବିଂ ହେବ। ଉଦାହରଣ ସ୍ୱରୂପ, କାନାଡାରେ, ୨୦୧୬ ଜୁନ୍ ଠାରୁ 'ମୃତ୍ୟୁରେ ଚିକିତ୍ସା ସହାୟତା' କିମ୍ବା ମୃତ୍ୟୁରେ ସହାୟତା ପାଇଁ ଏକ ଢାଲ ରହିଛି । ପ୍ରାରମ୍ଭରେ ଏହା ସେମାନଙ୍କ ପାଇଁ ଥିଲା ଯାହାର ପ୍ରାକୃତିକ ମୃତ୍ୟୁ 'ଯଥାର୍ଥ ଭାବରେ ପୂର୍ବାନୁମାନଯୋଗ୍ୟ' ଥିଲା । କିନ୍ତୁ ପରେ ଏହାର ପରିସର ଧୀରେ ଧୀରେ ବିସ୍ତାର କରାଯାଇଛି । ଏଥିରେ ଗୁରୁତର ଓ ଦୁରାରୋଗ୍ୟ ରୋଗ ମଧ୍ୟ ଅନ୍ତର୍ଭୁକ୍ତ, ଯାହା 'ଜୀବନଘାତକ' କିମ୍ବା 'ଅନ୍ତର୍ଗତ' ନ ହୋଇପାରେ । ଅଧିକନ୍ତୁ ଏହି ଆଇନ ସେହି ଲୋକମାନଙ୍କ ପାଇଁ ପାସ୍ କରାଯାଇଛି । ଯାହାର ପ୍ରାଥମିକ ରୋଗ ଏକ ମାନସିକ ରୋଗ, ଯାହା ନିଶ୍ଚିତ ଭାବରେ ୨୦୨୭ ରେ କାର୍ଯ୍ୟକାରୀ ହେବ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



# ଆଗାମୀ ୩ ବର୍ଷ ମଧ୍ୟରେ ଆମ ରାଜ୍ୟ ନିଶାମୁକ୍ତ ହେବ !

**ସୁବ୍ରତ କର**

ଏହି ଖବରଟି ଶୁଣି ବା ପଢ଼ି ଅନେକ (ନିଶାକୁ ଭଲ ପାଉନଥିବା) ଖୁସି ହୋଇଥିବେ, କିନ୍ତୁ ମୁଁ ଏହି ଖବରକୁ ଗୁରୁତ୍ୱ ଦେଇ ଦେଉ ନାହିଁ ଏବଂ ଖୋଲାଖୋଲି ଭାବରେ କହିବି- ଏହା ଅସମ୍ଭବ । ଏବେ ଆସିବା ଏହା ଅସମ୍ଭବ କାହିଁକି ? ପ୍ରଥମ କଥା ହେଲା ଏହି ନିଷ୍ପତ୍ତି ଓଡ଼ିଶା ସରକାର ବା ରାଜ୍ୟର ଅବକାରୀ ମନ୍ତ୍ରୀଙ୍କର ନୁହଁ ବା ମୁଖ୍ୟମନ୍ତ୍ରୀଙ୍କର । ଏହି ଖବରଟି ଦେଇଛନ୍ତି ରାଜ୍ୟର ପୋଲିସ ମୁଖିଆ। ସେ ନିଶା ଉପରେ ବାର୍ଷିକ ରିପୋର୍ଟ ଦେବାକୁ ପାଇଁ ଟିକିଏ ବୋଧହୁଏ ବେଶି ଆଶାବାଦୀ ହୋଇ ପଡ଼ିଛନ୍ତି । ଏହା ସ୍ୱାଭାବିକ । ଭଲ ଅଫିସର ହେଲେ ରାଜ୍ୟର ଭଲ ଚାହିଁବେ। ଏହା ଏ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ନୀତିଗତ ନିଷ୍ପତ୍ତି ନୁହେଁ । ଦ୍ୱିତୀୟ କାରଣ ହେଲା ଓଡ଼ିଶା ସରକାରଙ୍କ ଅବକାରୀ ମନ୍ତ୍ରୀ ହୁଅନ୍ତୁ ବା ବିଭାଗ କେବେ ଚାହିଁବେ ନାହିଁ ୭୦୦୦ କୋଟି ଟଙ୍କା ରାଜସ୍ୱ ହରାଇବା ପାଇଁ । ରାଜ୍ୟକୁ ନିଶାମୁକ୍ତ କରିବାର ପ୍ରୟାସ ଆରମ୍ଭ କରିଥିଲେ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ୧୯୫୬ ମସିହାରେ । ଏହାପରେ ରାଜ୍ୟର କୌଣସି ମୁଖ୍ୟମନ୍ତ୍ରୀ କେବେହେଲେ ଏ ବିଷୟରେ ଚିନ୍ତା ମଧ୍ୟ କରି ନାହାନ୍ତି । ରାଜ୍ୟକୁ ନିଶାମୁକ୍ତ କରିବାକୁ ହେଲେ ଏକମାତ୍ର ସାଧାରଣ ଜନତା ଚାହିଁଲେ ହୋଇପାରିବ। ନିଶାମୁକ୍ତକୁ ଯଦି ପୋଲିସ ବିଭାଗ ମାଓମୁକ୍ତ ସହିତ ତୁଳନା କରୁଛନ୍ତି ଏହା ନିଶ୍ଚିତ ଭାବରେ ଦିବାସ୍ୱପ୍ନ ହୋଇ ରହିଯିବ । ନିଶ୍ଚିତ ରାଜ୍ୟରେ ନକ୍ସଲମାନେ ୧୨ଟି ଜିଲ୍ଲାରେ ସକ୍ରିୟ ଥିଲେ କିନ୍ତୁ ଏବେ ମାତ୍ର ୨ରୁ ୩ଟି ରାଜ୍ୟରେ ସୀମିତ ହେଲେଣି । ନିଶା ଆମକୁ ଗ୍ରାସ କରିଛି ଏବଂ ଅତି ଦୃତ ଗତିରେ ମାଡ଼ି ଚାଲିଛି । ନିଶ୍ଚିତ ଭାବରେ ପୋଲିସ ଏବଂ ଅବକାରୀ ବିଭାଗର ଚେଷ୍ଟାରେ ପ୍ରାୟ ୧.୪୪୪ କୋଟି ଟଙ୍କାର ଗଞ୍ଜେଇ, ୪୧.୭ କୋଟି ଟଙ୍କାର ବ୍ରାଉନସୁଗାର ଏବଂ ୧୦.୧୭ କୋଟି ଟଙ୍କାର କଫ ସିରଫ ଜବତ କରିବାର ସଫଳ ହୋଇଛନ୍ତି କିନ୍ତୁ ମୂଳ ନିଶା ବିଲାତି ମଦ ଏବଂ ଦେଶୀ ମଦ ଉପରେ କିଛି କହି ନାହାନ୍ତି କାରଣ ଏହା ସରକାରଙ୍କ ସମ୍ପୂର୍ଣ୍ଣ ଅକ୍ତିଆରରେ ଅଛି । ଆଜି ରାଜ୍ୟରେ ସବୁ ପ୍ରକାରର ଅଘଟଣ ମୂଳ କାରଣ ହେଉଛି ମଦ । ମଦ ମାଫିଆ ମାନେ ସରକାରଙ୍କ ସୁନା ପୁଅ । ସେମାନଙ୍କୁ ହାତ ମାରିବା କଷ୍ଟ। ଏହା ପାଇଁ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ରହିଛି ଏବଂ ଏହାର ଜ୍ୱଳନ୍ତ ଉଦାହରଣ ଅଭାବ ହେଉଛି ମଦ ଆଇନ ବା ନୀତି । ଅବକାରୀ ନିଜେ କହିଥିଲେ ଏହି ଆଇନ ପୂଜା ପୂର୍ବରୁ ଆସିବାର ଥିଲା କିନ୍ତୁ ୬ ମାସ ପରେ ମଧ୍ୟ ମଦ ନୀତି ଆସି ପାରିଲା ନାହିଁ । ମଦ ଏବଂ ମଦମାଫିଆଙ୍କ ପାଇଁ ସରକାରଙ୍କ ବହୁତ ଦୟା କାରଣ ୭୦୦୦ କୋଟି ଟଙ୍କା । ଏହା ନିଶ୍ଚିତ ସବୁ ପ୍ରକାରର ନିଶା ଉପରେ କଟକଣା ସରକାର ଜାରି କରି ପାରନ୍ତି କିନ୍ତୁ କେବେହେଲେ ମଦ ଉପରେ କିଛି କରିବେ ନାହିଁ ଏବଂ କରିବାର ସାହସ ମଧ୍ୟ ନାହିଁ । କିନ୍ତୁ ମଦ ପାଇଁ ଶହ ଶହ ଲୋକ ବିଭିନ୍ନ କାରଣରୁ ମରୁଛନ୍ତି । ସରକାରଙ୍କ ଏଥିରେ ଭ୍ରୁକ୍ଷେପ ନାହିଁ । ମୂଳ କାରଣ ୭୦୦୦ କୋଟି ଟଙ୍କା ।




## କବୀର କବିତା

**ତୃପ୍ତିରାଣୀ ପାତ୍ର**



କବିର କବିତା ଶବ୍ଦ ସରସତା
ସଂସ୍କାରରେ ଦିଏ ବାର୍ତ୍ତା
କଳ୍ପନାରେ ଭରି ବୈପ୍ଳବିକ ଚିନ୍ତା
ବିଚାରେ ମନେ ସାଧୁତା ।
ଶବ୍ଦ ବିନ୍ୟାସରେ କବି ମନୋଭାବ
ଦ୍ୱିତୀୟ ଈଶ୍ୱର ହୋଇ
ସୂର୍ଯ୍ୟପ୍ରଭା ଲଭି ଚନ୍ଦ୍ର ଆଲୋକିତ
ଦିଅନ୍ତି ଶୀତଳ ଛାଇ ।
କବି ମାନସର ସନ୍ତାନ ଯେସନ
ପଙ୍କରୁ ସମ୍ଭୂତ ପଦ୍ମ
ଜଗତର ଶ୍ରେଷ୍ଠ ସୃଷ୍ଟି ପ୍ରକାଶନ
ସାରସ୍ୱତ ପ୍ରେମ ସମ ।
ସମାଜେ କ୍ରୋଧ, ହିଂସା, ଦ୍ୱେଷ ଆଦି
ହୋଇଯାଏ ବହୁଦୂର
ଥରିଯାଏ ରାଜନେତାଙ୍କ ପ୍ରକୃତି
ବିଚାରେ ଆଣେ ସଂସ୍କାର ।
ସନ୍ଥକବି ଭୀମଭୋଇଙ୍କ ମହିମା
ଜଗତ ଉଦ୍ଧାର ପାଇଁ
ନିଜ ଜୀବନକୁ ନର୍କେ ପଡ଼ିଥାଉ
ଶବ୍ଦରେ ସୁଗନ୍ଧ ବୋହି ।
ଭାଷା ସାହିତ୍ୟରେ କବିର କବିତା
ପାଠକ ଆଦୃତ ଯହିଁ
ଗୋଳାବାରୁଦର ଯୁଦ୍ଧଠାରୁ ଏହା
କମାଣ ଗର୍ଜନେ ତହିଁ ।
ପଢ଼ି ବୁଝିପାରି ବୁଝାଉଛି ଯିଏ
ସେହି ତ ଅମୃତ ସୃଷ୍ଟି
ବିନା ବାରିଦରେ ଭରିପାରେ ସିଏ
ଶବଦେ ଢ଼ାଳି ବୃଷ୍ଟି ।
ଋତୁରାଜ ବସନ୍ତର ବାର୍ତ୍ତା ଦେଇ
ପୁଲକିତ କରେ ମନ
କୋଇଲିର କୁହୁତାନ ରାଗିଣୀରେ
ମର୍ମେ ହସେ ଶବ୍ଦ ସ୍ୱନ ।
ଶେଷ ଶ୍ରାବଣର ବାରିଧାରା ହୋଇ
ଶରୀର ଭିଜାଇ ଦେଇ
ଭସାମେଘ ହୋଇ ଝାଞ୍ଜିବୋହିନେଇ
ଶବ୍ଦେ ମେଘଦୂତ ହୋଇ ।
ପଦ୍ମ, ମଲ୍ଲୀ, ହେନା, ଗୋଲାପ, କଂଇ
ନିଜର ଅତର ଛିଞ୍ଚି
ସୁବାସିତ କରେ ବାସନା ତାହାରି
ମଧୁ ଭାବ ପ୍ରୀତି ସଞ୍ଚି ।
କବିର କବିତା ଶବ୍ଦ ସୁଗନ୍ଧତା
ପୁଷ୍ପ ହାରେ ଗୁନ୍ଥିଦେଇ
ସରସ ଜୀବନେ ବିଭୁକୃପା ଲଭି
କାବ୍ୟରେ ଯିବା ଆଗେଇ ।
କବିତା ତୁମେ ପ୍ରାଣ ପ୍ରିୟତମା
ଶୟନେ ସପନେ ରହି
ମନଖୋଲି ଶବ୍ଦ ମାଧୁରୀ ସଜାଇ
ଝରିଯାଅ ଝର ହୋଇ ।

+ସହଦେବଖୁଣ୍ଟା,ବାଲେଶ୍ୱର

## ମାଆ ଆଦ୍ୟାଶକ୍ତି

**ଡ. ପୁରୁଷୋତ୍ତମ ଧଳ**

ଆସିଛି ବସନ୍ତ ମରତ ରାଇଜେ
ଧରି ଅପରୂପ ଶୋଭା
ବାଡ଼ି ବଗିଚାରେ ସୁରଭିତ ଫୁଲ
ଦରପେ ହୋଇଛି ଉଭା ।

ଏ ଶୁଭ ଲଗନେ ବାସନ୍ତିକ ପୂଜା
ସବୁଠି ହେଉଛି ପରା
ମହିଷା ମର୍ଦ୍ଦିନୀ ଦୁର୍ଗତି ନାଶିନୀ
ମାଆ ବିରାଜନ୍ତି ଧରା ।

ତାଙ୍କ ଆବିର୍ଭାବେ ଉତ୍ସବ ମୁଖର
ବିଭିନ୍ନ ପୂଜା ମଣ୍ଡପ
ପିଲା ଠାରୁ ବୁଢ଼ା କରି ଦରଶନ
ଲଭନ୍ତି କୃପା ଅମାପ ।

ତାଙ୍କ କୃପା ବଳେ ଜଗତେ କଲ୍ୟାଣ
ନିଶ୍ଚୟ ହୋଇବ ଭାବି
କୁନା କୁନି ଟୁନା ଅଜାଙ୍କ ସାଥିରେ
ଗଲେ ଦେଖିବାକୁ ଦେବୀ।

ଦୀନ ଦୁଃଖୀ ସେବା କରିବେ ଏବେଠୁ
ତାଙ୍କରି ଆଶିଷ ନେଇ
ମାଆ ଆଦ୍ୟାଶକ୍ତି ଚାହିଁ ଦେଲେ ଥରେ
ହୋଇବେ ସଫଳ ଯାଇ।

+ସଭାପତି, ପ୍ରାଣକୃଷ୍ଣ ଧଳ
ପାଠାଗାର,
ପଦିନାରାୟଣପୁର,
ବାରିକପୁର ବଜାର,
ଭଦ୍ରକ ୭୫୬୧୧୨
ମୋ :୮୯୧୭୬୬୭୦୬୦

# ରକ୍ତ ଅଭିସାର



## ଜ୍ଞାନେନ୍ଦ୍ର ପଣ୍ଡା

ନିୟତିର ଅଦୃଶ୍ୟ ଗୋଟି ଚାଳନା ନିମିଷେ ସୌଭାଗ୍ୟର ପଶାପାଳିକୁ ପରିବର୍ତ୍ତନ କରିଦେଇପାରେ ଏ କଥାଟିକୁ ବିଜୟ ପର୍ବର ସେ ଉଦ୍ଦାମ ମୁହୂର୍ତ୍ତରେ ହୁଏତ ଭୁଲିଯାଇଥିଲେ ମହାରାଜ ଚନ୍ଦ୍ରକେତୁ । ପାଞ୍ଚଟି ଜନପଦର ସମ୍ମିଳିତ ସେନାକୁ ଏକସଙ୍ଗରେ ପରାସ୍ତ କରି ସେ ଯେତେବେଳେ ନିଜ ରାଜଧାନୀରେ ପ୍ରବେଶ କଲେ, ବିଜୟର ଗରିମା ସୂଚକ ତାଙ୍କ ପଶ୍ଚାତରେ ଗୋଟିଏ ଲମ୍ବା ଶୋଭାଯାତ୍ରାରେ ଶୋଭା ପାଉଥିଲା ବିଜିତ ରାଜ୍ୟର ଅମାପ ସ୍ୱର୍ଣ୍ଣରାଶି ଓ ତା' ସାଙ୍ଗକୁ ପରାଜିତ ରାଜ୍ୟର ଅନିନ୍ଦ୍ୟ ସୁନ୍ଦରୀ ରାଜକୁମାରୀ ରତ୍ନାବଳୀ ।

ସେଦିନ ଥିଲା ଅମାବାସ୍ୟାର ପୂର୍ବ ସନ୍ଧ୍ୟା । ଆକାଶର ରକ୍ତିମ ଆଭା ଯେମିତି କୌଣସି ଏକ ଆସନ୍ନ ବିପଦର ମୂକ ସଙ୍କେତ ଦେଉଥିଲା । ରାଜପ୍ରାସାଦର ଦେହଳିରେ ପାଦ ଦେଉ-ଦେଉ ବୃଦ୍ଧ ଜ୍ୟୋତିଷଙ୍କ ଗୁରୁଗମ୍ଭୀର କଣ୍ଠ ଭାସିଉଠିଲା ।

- 'ମହାରାଜ ! ସାବଧାନ, କାଳର ଅଦୃଶ୍ୟ ଅଶ୍ୱ ଆପଣଙ୍କ ଦ୍ୱାରଦେଶରେ ହ୍ରେଷାରାବ କରୁଛି । ଆଜିର ରାତ୍ରି ଆପଣଙ୍କ ପାଇଁ ହୁଏତ ହୋଇପାରେ ଶେଷ ରାତ୍ରି । ମନେରଖନ୍ତୁ ଶତ୍ରୁ କେବଳ ବାହାରେ ନୁହେଁ ବରଂ ସର୍ବତ୍ର ଦେହଛପା ଦେଇ ଘାତର ପ୍ରତୀକ୍ଷାରେ ଉଦ୍ୟତ ଅଛି । ଆପଣଙ୍କ ଆଖପାଖରେ ମୁଣ୍ଡ ଟେକୁଥିବା ଭୟଙ୍କର ଅମଙ୍ଗଳ ତତ୍ତ୍ୱର ଆଘ୍ରାଣ ମଧ୍ୟ ବେଶ ଭଲ ଭାବରେ ବାରିହେଉଛି ।'

- 'ହୋ...ହୋ...ହୋ...', ମହାରାଜଙ୍କ ତୀବ୍ର ହସରେ ନିଶ୍ଚୟ ଥରି ଉଠିଥିବ ଉପସ୍ଥିତ ଗୁପ୍ତ ଶତ୍ରୁ । ବୃଦ୍ଧ ଜ୍ୟୋତିଷଙ୍କ ଚେତାବନୀକୁ ପବନରେ ଉଡ଼ାଇ ଦେଇ ପୁନଶ୍ଚ ଅଟ୍ଟହାସ୍ୟ କରିବା ପୂର୍ବକ ଆଗକୁ ଆଗେଇଗଲେ ଚନ୍ଦ୍ରକେତୁ ।

ନିଜ ଉଚ୍ଚତା ପାଇଁ ବିଶାଳ ବଟବୃକ୍ଷର ଅହଙ୍କାର ଯେତେବେଳେ ଆକାଶଛୁଆଁ ହୁଏ, ସେତେବେଳେ ସେ ଭାବିପାରେ ନାହିଁ ଯେ ମାଟି ତଳର କ୍ଷୁଦ୍ର ଉଇ ମଧ୍ୟ ତା'ର ଶକ୍ତିଶାଳୀ ଚେରକୁ ଖୋଳି ତାକୁ ମୂଳରୁ ଶେଷ କରିଦେଇପାରେ ।

ରାତ୍ରିର ଦ୍ୱିତୀୟ ପ୍ରହର ଆସନ୍ନ । ଉତ୍ସବର କୋଳାହଳ ଶାନ୍ତ ପଡ଼ିଆସୁଥିଲା । ଏକାଧାରରେ ମହାରାଜଙ୍କ ଚିତ୍ତରେ ଖେଳୁଥିଲା ନୂତନ ରାଜକୁମାରୀ ରତ୍ନାବଳୀଙ୍କ ସ୍ପର୍ଶ ନିମିତ୍ତ ବ୍ୟାକୁଳତା ଏବଂ ପୁରାତନ ରାଣୀଙ୍କ ପ୍ରତି ଏକ ଉପେକ୍ଷା ।

ମହାରାଜଙ୍କ ନିରାପତ୍ତା ପାଇଁ ପ୍ରହରୀମାନେ ସଜାଗ ଥିଲେ । ଏପରିକି ଚନ୍ଦ୍ରକେତୁଙ୍କ ଅତି ପ୍ରିୟ ଖଡ୍ଗଟିକୁ ମଧ୍ୟ କକ୍ଷ ବାହାରେ ଗୋପନରେ ସମ୍ଭାଳି ନିଆଯାଇଥିଲା । ମହାରାଜାଙ୍କ ଭୋଜନକୁ ସୂପକାର ଦ୍ୱାରା ଚାଖି ପରୀକ୍ଷା କରିବାପରେ ଯେମିତି ବିଷର ସାମାନ୍ୟତମ ଆଶଙ୍କା ନ' ରହେ ସ୍ୱୟଂ ମହାମନ୍ତ୍ରୀ ମଧ୍ୟ ନିଜେ ଖାଦ୍ୟ ଗ୍ରହଣ କରିଥିଲେ । ଅତଃ ବିଷର କୌଣସି ସମ୍ଭାବନା ନଥିଲା ।

ଯୁଦ୍ଧରେ ବ୍ୟତିବ୍ୟସ୍ତ ଚନ୍ଦ୍ରକେତୁ ଅନେକ ଦିନପରେ ଆଜି ରାଣୀଙ୍କ କକ୍ଷରେ ପ୍ରବେଶ କଲେ । କକ୍ଷଟି ସୁଗନ୍ଧିତ ଧୂପର ଧୂଆଁରେ ଭରି ରହିଥିଲା ଯାହା ମହାରାଜଙ୍କ ଦୀର୍ଘଦିନର କ୍ଳାନ୍ତି ଅବସାଦର ଉପଶମ ପାଇଁ ଯଥେଷ୍ଟ ହୁଅନ୍ତା । ଅଥଚ ରତ୍ନାବଳୀଙ୍କ ପ୍ରତି ମୋହ ଆଜି



ଚନ୍ଦ୍ରକେତୁଙ୍କ ଆଚରଣରେ ରାଣୀଙ୍କ ପାଇଁ ଭରିଦେଇଥିଲା ମୌନ ଉପହାସ । ରାଣୀଙ୍କ ଓଠରେ ବିଚିତ୍ର ମାଦକତା ପରିଲକ୍ଷିତ ହେଉଥିଲେ ମଧ୍ୟ ସେ ମଧ୍ୟ ଥିଲେ ପାଷାଣ ପ୍ରତିମା ପରି ନିଶ୍ଚଳ ।

ରାତିର ବୟସ ବୃଦ୍ଧି ସହ ଧୀରେ-ଧୀରେ ସ୍ପଷ୍ଟ ହେଉଥିବା କାଳର ପ୍ରତିଧ୍ୱନି ପ୍ରତି ଯେମିତି ଅଜ୍ଞାତ ହୋଇଉଠିଥିଲେ ମହାରାଜ ।

ଫର୍ଚ୍ଚା ନ' ହେଉଣୁ ସାରା ପ୍ରାସାଦ ସ୍ତବ୍ଧ ହେଲା ରାଣୀଙ୍କ କରୁଣ ଚିତ୍କାରରେ,

- 'ମହାରାଜ ଆଉ ନାହାନ୍ତି !'

ବଳଶାଳୀ ପ୍ରହରୀଙ୍କ ପର-ପର ଭୀଷଣ ଧକ୍କାରେ ଖୋଲିଗଲା ଶୟନକକ୍ଷର କବାଟ । କକ୍ଷ ଭିତରର ଦୃଶ୍ୟ ଥିଲା ଭୟଙ୍କର । ନୀଳ ପାଲଟିଆସୁଛି ଚନ୍ଦ୍ରକେତୁଙ୍କ ନିସ୍ତେଜ ଶରୀର । ପାଟିରୁ ତାଙ୍କର ନିଗିଡ଼ି ଆସିଛି କେଇ ଧାର ରୁଧିର ।

ଖୋଜାପଡ଼ିଲା ରାଜବୈଦ୍ୟଙ୍କୁ ଅଥଚ ସେ ପ୍ରାୟତଃ ଦୁଇଦିନ ପୂର୍ବରୁ ନିଖୋଜ ଥିଲେ । ସେନାପତି ତତକ୍ଷଣାତ ଖବର ସଂଗ୍ରହ କରି ରାଜବୈଦ୍ୟଙ୍କୁ ସହର ଉପକଣ୍ଠରେ ସ୍ଥିତ ପରିତ୍ୟକ୍ତ ଅଟ୍ଟାଳିକାରୁ ଠାବ କରିବା ସହ ତାଙ୍କୁ ଅପହରଣ କରିଥିବା ଛଦ୍ମବେଶୀ ଶତ୍ରୁ ରାଜକୁମାରଙ୍କୁ ବନ୍ଦୀ କରି ଦୁହିଁଙ୍କୁ ଘେନିଆସିଲେ ।

ଅଚାନକ ରାଜପ୍ରାସାଦରେ ଆସି ଆବିର୍ଭାବ ହେଲେ ଜଣେ ତାନ୍ତ୍ରିକ । ସଙ୍ଗୀନ ପରିସ୍ଥିତିରେ ଆହୁରି ଭୀତି ସଞ୍ଚାର କରୁଥିଲା ତାନ୍ତ୍ରିକଙ୍କ ଏଇ ରହସ୍ୟମୟ ଆଗମନ ।

ହୁଏତ ତାନ୍ତ୍ରିକ ଠଉରାଇ ପାରିଲେ ଘଟଣା । ସେ ମହାରାଜଙ୍କ ଦେହକୁ ନ' ଛୁଇଁ ମଧ୍ୟ ଆକଳନ ପୂର୍ବକ କହିବାକୁ ଲାଗିଲେ,

- 'ମନ୍ତ୍ରୀ ! ଆପଣ ଶସ୍ତ୍ର ଖୋଜୁଛନ୍ତି ? କିନ୍ତୁ ଏ ପ୍ରହାର ତ ରସର । ସମ୍ପୂର୍ଣ୍ଣ କିଂଶୁକା ବିଷର ଉପଯୋଗରେ ମହାରାଜ ଅନନ୍ତ ନିଦ୍ରାରେ । 'ବତ୍ସନାଭ' ଏକ ମୁକୁଟଧାରୀ ବିଷ, ଯାହା ଥରେ ମାତ୍ର ଶରୀରର କୋମଳ ଅଙ୍ଗ ସ୍ପର୍ଶରେ ଅଚିରେ ପ୍ରାଣ ହରିବାକୁ ସମର୍ଥ ଅଟେ । ଦେଖନ୍ତୁ ମହାରାଜଙ୍କ ନୀଳ ଓଠକୁ ! ବିଷର ପାତ୍ର କୌଣସି ଅନ୍ନର ନୁହେଁ କି ସୁରାର ବି ହୋଇନ'ପାରେ ବରଂ ବିଷର କାରକ ଜଣେ ସ୍ତ୍ରୀ'ର ଅଧର ।'

ଏତିକି କହିସାରି ତାନ୍ତ୍ରିକଙ୍କ କଠୋର ଦୃଷ୍ଟି ଘୁରିପଡ଼ି ଯାଇ ନିବଦ୍ଧ ହେଲା ରାଣୀଙ୍କ ଉପରେ । ତାନ୍ତ୍ରିକ ନିଜ ଅଣ୍ଟାରେ ଖୋସିଥିବା ଧଳା କପଡ଼ା ବାହାର କରିଆଣି ରାଣୀଙ୍କ ଓଠରେ ଘଷିବାକୁ ଲାଗନ୍ତେ ବିଜୁଳିବେଗରେ ସେନାପତି ନିଜ ଅଣ୍ଟାରୁ କୋଷମୁକ୍ତ ତରବାରୀ ଧରି ତାନ୍ତ୍ରିକ ଦିଗରେ ଝପଟିଗଲେ । ଅଥଚ ମହାମନ୍ତ୍ରୀ ସେନାପତିଙ୍କ ହାତ ଧରିନେଇ ଇସାରାରେ ଟିକିଏ ଅପେକ୍ଷା କରିବାକୁ ସୂଚନା ଦେଲେ । ନାଟକୀୟ ଭାବରେ ପରମୁହୂର୍ତ୍ତରେ ରକ୍ତଜବାର ପାଖୁଡ଼ା ପରି ରାଣୀଙ୍କ ଓଠ ଦ୍ୱୟ କପଡ଼ାରେ ଘଷି ହେବାପରେ ବିଚିତ୍ର ଭାବରେ କଳା ପଡ଼ିଗଲା ।

ଶିହରି ଉଠିଲା ସମ୍ପୂର୍ଣ୍ଣ ରାଜସଭା । ରାଣୀଙ୍କ ଆଖିରେ କିନ୍ତୁ ନ'ଥିଲା ସାମାନ୍ୟ ଅନୁତାପର ଚିହ୍ନ । ପ୍ରତିହିଂସାର ଜ୍ୱାଳା ବିଚ୍ଛୁରିତ ହେଉଥିଲା ତାଙ୍କ ଆଖି ଦୁଇଟିରୁ । ସେ ଗର୍ଜନ କରି କହିଲେ,

-'ହଁ, ଯେଉଁ ପୁରୁଷ ମୋ ପିତାଙ୍କୁ ହତ୍ୟା କଲା, ମୋ ବଂଶ ନିପାତ କଲା, ତାକୁ ବଞ୍ଚିବାର କୌଣସି ଅଧିକାର ନାହିଁ । ଯେଉଁ ରାଜକୁମାରକୁ ତୁମେ ବନ୍ଦୀକରି ଆଣିଛ, ସେଇ ରାଜକୁମାର ହିଁ ମୋତେ ଏହି ବିଷାକ୍ତ ଲେପ ଦେଇଥିଲେ । ମୋର ଏହି ଓଠର ଚୁମ୍ବନ ହିଁ ତାଙ୍କର ପରବର୍ତ୍ତୀ ମାର୍ଗ ପ୍ରଶସ୍ତ କରିଛି । ଏବେ ଯାଅ ରତ୍ନାବଳୀକୁ କହିବ ଗୋଟିଏ ଶବ ତାକୁ ବିବାହ କରିବା ପାଇଁ ପ୍ରସ୍ତୁତ ହୋଇରହିଛି ।'

ଏକାସାଙ୍ଗରେ ପାଞ୍ଚଟି ରାଜ୍ୟର ଶତ୍ରୁଙ୍କୁ ପରାସ୍ତ କରି ଜଣେ ବିଶାଳ ସାମ୍ରାଜ୍ୟର ଅଧିପତି ନିଜ ସହ ଯୁଦ୍ଧ ଲଢ଼ି ମୁଠାଏ ମାଟି ହୋଇ ପଡ଼ିରହିଥିଲେ ନିଜ ଶେଯରେ ।

ନିଜ କମଣ୍ଡଳୁ ଧରି ପ୍ରସ୍ଥାନ କଲେ ତାନ୍ତ୍ରିକ । ଯିବାବେଳେ ତାଙ୍କ କଣ୍ଠରେ ଥିଲା ସ୍ୱଗତୋକ୍ତି...

- 'ମନ୍ତ୍ରୀ, ବାହାର ଶତ୍ରୁ ପାଇଁ ତରବାରି ଥାଏ, କିନ୍ତୁ ଭିତର ଶତ୍ରୁ ପାଇଁ କେବଳ ପ୍ରାରବ୍ଧ ହିଁ ଯଥେଷ୍ଟ । ମଣିଷ ବାହ୍ୟ ଶତ୍ରୁ ସହ ଯୁଦ୍ଧରେ ଜିତିପାରେ କିନ୍ତୁ ନିଜ ଲୋକଙ୍କ ସହ ସେ ସବୁବେଳେ ଯୁଦ୍ଧ ହାରିଯାଏ ।'

+ସୁନ୍ଦରୀ, ସୁନହଟ, ବାଲେଶ୍ୱର - ୨
(ମୋ ) ୯୮୬୧୧୧୬୩୮୦

# ଭୋକ



## ଭାଗୀରଥି ବେହେରା

ନାଳିବୋଉ କାନିର ଗଣ୍ଠିକୁ ଫିଟେଇ ଦେଖିଲା କେତେ ପଇସା ଅଛି । ଭଙ୍ଗା ଟିଣକବାଟ ସେଇମିତି ଖୋଲାଛାଡି ଗଳି



ଆଡ଼କୁ ବାହାରି ପଡ଼ିଲା ସୁଲି ଦୋକାନରୁ ବଳକା ବାଇଗଣ କି ଆଳୁ ଦି'ଟା ଆଣିବ । ଭୁଆସୁଣୀ ହେବାକୁ ଥିବା ଝିଅ ନୀଳିମା ଗରିବ ପେଟର ଭୋକ ନ ସମ୍ଭାଳି ବାହାରି ଯାଇଛି କାମର ସନ୍ଧାନରେ । ପାଠପଢା ଯାଉ ଚୁଲିକୁ । ବୋପା ତା'ର ମଦୁଆ ପଡ଼ିଥିବ କୋଉ ପାଚାନାଳରେ । ବଞ୍ଚିଲେ କେତେ ମଲେ କେତେ । ନିରୀମାଖି ନାଳି ତା'ର !

ଆଖିର ଲୁହ ପୋଛି ଆଗକୁ ବଢିଛି ଝିଅ ଭଳି ଦେଖେ । ଦୁଃଖ ସୁଖରେ ଠିଆ ହୁଏ । କିନ୍ତୁ ମାଗୁଣିର ତା ପ୍ରତି ନାଲୁଆ ପ୍ରକୃତି ଯୋଗୁଁ ତାକୁ ଟିକେ ଖିଙ୍କାରି ଦୂରେଇ ରୁହେ । କୋଉ ଶାଢ଼ୀ ଦୋକାନରେ କାମ ଟିକେ ଦେଇପାରିବ ବୋଲି ନାଳିବୋଉ ନିଜେ ଛାଡିଛି ତା ସାଙ୍ଗରେ ଦୁଇଦିନ ତଳେ ।

କିନ୍ତୁ ନିଜ ଘର ତ ଖୋଲା ମେଲା । ପର ଘରେ ମୁହଁ ମାରିବାକୁ ପଛଉ ନଥିବା ଲୋକମାନଙ୍କ କଥା ଶୁଣି ମନରେ ତାର ନିଆଁ ଲାଗିଗଲା । ଏମାନେ ସବୁ ତା'ର ପଡୋଶୀ କି ନାହିଁ ତା ଦୋକାନରେ ବସିଥିବା ଜଣେ କହିବାର ତା କାନରେ ପଡ଼ିଲା -'ଆଜିକାଲି ଝିଅ ହାତରେ ନାହିଁ ।' ଆଉ ଜଣେ କହିଲା - 'ନାଳି ବାହାରକୁ କାହା ସାଙ୍ଗରେ ଗଲେ ତ ଦୁଇ ପଇସା ଆଣିବ, ମା'ବାପା ପେଟକୁ ଯିବ ।' ତାକୁ ସମର୍ଥନ କରି ତା ଦୋକାନୀର ମାଲିକାଣୀ କହିଲା - 'ଧୀରେ କୁହ । ସେ ଯାଉଛି । ସେ ଦଲାଲ୍ ମାଗୁଣି ସାଙ୍ଗରେ କୁଆଡେ ଯାଉଥିଲା ନାଳି ସାଇକେଲରେ ମୁଁ ଦେଖିଛି ! ଛି !'

ନାଳିବୋଉର ଆଖିରେ ନିଆଁ । ଏ ବସ୍ତିରେ ମାଗୁଣି ସଙ୍ଗେ ତା'ର ଟିକେ ଭାବପ୍ରୀତି । ନାଳିକୁ ଯେଉଁମାନେ ଜାଣନ୍ତି ନାହିଁ କେତେ ଦିନ ମାଆଝିଅ ଭୋକ ଉପାସରେ ଓଦାକନା ଦେଇ ଶୋଇବାକୁ ପଡୁଛି । କିନ୍ତୁ ଏମାନଙ୍କୁ ଖୁବ୍ ଜଣା ଘର ଭିତରେ ଝିଅ ମାଇପ କୁଆଡେ ଯାଉଛି, କଣ କରୁଛି ।

- 'କିଲୋ । କ'ଣ ନାଳିକୁ ଦେଖୁନି ଦୁଇ ଦିନ ହେଲା । ଟିକେ ନଜର ରଖ, ନ ହେଲେ ହାତରୁ ଖସିବ ।' ପରିବା ଦୋକାନରେ ବସିଥିବା ସୁଲି ଏମିତି କହିଦେଲା । ଟିକେ ଦୟାକରି ସେଇଟା ପୁଣି ବଳକା ପୋକଡା ଆଳୁ ବାଇଗଣ ଦେଉଛି ବୋଲି ସୁଲିର ଦାଦାଗିରି । ଯାହା ତାହା କହି ଦେଉଛି । ସୁଲିର ନିଜ ଝିଅ କାହା ସଙ୍ଗେ ପଳେଇ ଯାଇଛି । ଏଇଟା ତାକୁ ଆଉ ଦେଖା ଯାଉନି । କହିଦେଲେ ଫଅଁ ଫଅଁ ହେବ । ନାଳିବୋଉ ପରିବା ନ ନେଇ ଆଗକୁ ମାଡ଼ିଚାଲିଲା । ଗରିବ ମାଇପ ସଭିଙ୍କ ଶାଳୀ ଭଳି ଲେଖା ଏଇଠି । ପେଟର ଭୋକ କିଏ ଦେଖୁଛି ।

ସତରେ ତାକୁ ଭୋକ ଲାଗୁଥିଲା । ଦୁଇଦିନ ହେଲା ଝିଅ ଫେରିନି ବୋଲି ଖାଇନି ସେ । ଏତିକି ବେଳକୁ ମାଗୁଣି ସାମନାରେ ଠିଆ । ଆଖିରେ ତା'ର ଲୋଭ । ଦେହର ଲୋଭ ।

- 'ମୋ ନାଳି କାହିଁ ?'

- 'ଯେଉଁ ଦୋକାନକୁ ନେଇଥିଲି ତା ପୁଅ ସହ ବାହାରକୁ ଯାଇଥିଲା । ତୁ ଚିନ୍ତା କରନା । ଚାଲୁନୁ ଘର ଭିତରକୁ ଟିକେ ଯିବା । କେତେ ଦିନ ଏମିତି ମତେ ଦୂରେଇ ଦଉଥିବୁ ।'

ବାସ୍ ଏତିକିରେ ନାଳି ବୋଉର ମୁଣ୍ଡରେ ପିତ ଚଢ଼ିଗଲା । ବିକ୍ରମ ପିଠିରେ ବେତାଳ ଝୁଲିଲା ଭଳି ଫକ୍ କିନା ଡେଇଁପଡି ମାଡ଼ିବସିଲା ନାଳିବୋଉ ମାଗୁଣି ଉପରେ - ହଇରେ ରହିଜଳା ! ବାଡିପୋଡା । ଯୋଗିନୀଖିଆ । ଯଦି ଏତେ ଭୋକ ତୋ ମାଇକିନା ପାଖକୁ ଯା । ତୋ ଝିଅକୁ କାହା ସଙ୍ଗେ ପଠା । କହ ମୋ ନାଳି କେଉଁଠି ? ନ ହେଲେ ଆଜି ତୋ ରକ୍ତ ପିଇବି ।

ନାଳି ବୋଉର ଏମିତି ରୂପ ଦେଖି ତା ଦୋକାନରେ ବସି ଭାସୁକୁଟି ମାରୁଥିବା ଚାରି ପାଞ୍ଚଜଣ ଚୁପ୍ ଚାପ୍ ନିଜ ରାସ୍ତାରେ ଖସୁଥିଲେ । ଜଣକ ବାଇକରୁ ଓହ୍ଲେଇ ବୋଉ ବୋଉ ପାଟିକରି ନାଳି ଛଡେଇବାକୁ ଧାଇଁ ଆସୁଥିଲା ।

+ବ୍ରହ୍ମପୁର , ଗଞ୍ଜାମ
ମୋ: ୮୭୬୩୨୦୨୬୨୨

# ମହୁଲ ଗୋଟାଉଥିବା ଝିଅ



## ପ୍ରଫୁଲ୍ଲ ବାରିକ

ଓଡିଶା ଝାଡ଼ଖଣ୍ଡ ସୀମା, ସେରଣ୍ଡା ଜଙ୍ଗଲରୁ ଅଳ୍ପ ଦୂରରେ ଛୋଟିଆ ଆଦିବାସୀ ବସ୍ତିଟିଏ । ଶାଳ ସାଆଗୁଆନ ମହୁଲ କୁରୁମର ଘଞ୍ଚଜଙ୍ଗଲରୁ ଟିକେ ଦୂରେଇ ଏକପାଖିଆ ଦଶ ପନ୍ଦର ଝୁମ୍ପୁଡ଼ିକୁ ନେଇ ବସ୍ତି । ଲୋକ ସଂଖ୍ୟା ବେଶୀରେ ବେଶୀ ପଚାସ ହେବେ । ଦେଖିଲେ ଲାଗିବ ଏମାନେବି ଜଙ୍ଗଲର ଅଂଶବିଶେଷ । କଳା କିଟିକିଟି ଦେହରେ ଲେଙ୍ଗୁଟି ଖଣ୍ଡେ ଅଣ୍ଟାରେ । ବାକୀଦେହ ଖୋଲା ଫୁଙ୍ଗୁଳା । ଜଙ୍ଗଲର ବାସ୍ନା ବାହାରୁଥିବ ଦେହରୁ । ଦୈନିକ ଗାଧୋଇବା ତାଙ୍କ ଯାତକରେ ନାହିଁ । କେବେ ମନ ହେଲାତ ।

ଜୀବନ ଜୀବିକା ଅଜବ । ସମ୍ପତ୍ତି ବୋଲି ପ୍ରତ୍ୟେକର ପଲେ କୁକୁଡ଼ା ଓ କେଇ ଯୋଡ଼ା ଛେଳି । ପାହାଡ଼ତଳି ସମତଳ ଭୂଇଁକୁ ତାଡି ଚାଷକରନ୍ତି ବର୍ଷାଦିନେ । ଯାହାମିଳେ କେଇଦିନ ଚଳନ୍ତି । ସଭ୍ୟତାର ଆଲୋକତ ଦୂର ଛାଇବି ପଡିନି ତାଙ୍କ ଉପରେ । ସରକାରୀ ଯୋଜନା ଅପହଞ୍ଚ ତାଙ୍କ ପାଖରେ । ରାତି ପାହିଲେ ହାଣ୍ଡିଆରୁ ପେଟେପେଟେ ପିଇ ସାବଳ କାନ୍ଧରେ ଚାଲିବେ ପାଖ ଖାଦାନକୁ । ଦିନତମାମ ପଥର ସହ ପଥର ହେବେ । ଫେରିବେ ବେଳ ଗଡଣୀକୁ । ମହିଳାମାନେ ନିଇତି ଜଙ୍ଗଲରୁ ସଂଗ୍ରହ କରନ୍ତି ଗୋଛା ଗୋଛା କାଠ । ଏହାହିଁ ଜୀବନ ତାଙ୍କର । ତେବେବି ଦେଖିଲେ ଲାଗିବନି ସେମାନେ ଦୁଃଖୀବୋଲି । ଭରପୁର ଜୀବନ ପ୍ରକୃତି କୋଳରେ ।

ବସ୍ତି ପାଖରୁ ସାମାନ୍ୟ ଦୂରରେ ଏକାଧିକ ମହୁଲଗଛ । ବସନ୍ତରେ ମହୁଲ ଆସେ । ପ୍ରଚୁର । ଡ଼ାଳ ନାଇଁପଡେ । ଖରା ବଢିଲେ ମହୁଲ ଝଡୁଥିବ ଟୁପଟାପ । ବସ୍ତିମହିଳା ଝଙ୍କା ପାଛିଆ ଧରି ସାରାଦିନ ଗୋଟାନ୍ତି ମହୁଲ । ବିକି ଦିପଇସା ପାଆନ୍ତି ।

ରାମୁଲି ମୁଣ୍ଡା ବସ୍ତିର ମୁଖିଆ । ତା କଥାରେ ଚାଲେ ବସ୍ତି । ବୟସ ନଇଁଲାଣି । ବହପ ଯାଇନି । ତା ଝିଅ ଜାନକୀ । ପିଲାଟିବେଳୁ ମାତୃହରା । ରାମୁଲି ତାର ଉଭୟ ବାପ ଆଉ ମାଆ । ବଡ଼ ଗେଲବସରରେ ବଢ଼େଇଛି ଜାନକୀକୁ । ଜାନକୀର ରଙ୍ଗସିନା ସାବନା ଗଠନ ମୂର୍ତ୍ତିଟିଏ ପରି । ଡଉଲ ଡାଉଲ । ଜାନକୀ ହସିଦେଲେ ଖେଳିଯାଏ ବସ୍ତିରେ ବିଜୁଳି । ଖୋସାରେ ସବୁବେଳେ ଖୋସିଥିବ ଜଙ୍ଗଲି ଫୁଲ । ଶାଳ କି କୁରେଇ । କିଛି ନପାଇଲେ ଶାଳପତ୍ର ଡେମ୍ଫାଏ । ଜାନକୀ ରୂପରେ ମୁଗ୍ଧ ବସ୍ତିଟୋକା । ଜନକୀ କିନ୍ତୁ ମନଦିଏନା କାହାକୁ ବିନା ବାଆକୁ ପଚାରି ।

ରାତିରୁ ଝଡ଼ିଥିବା ମହୁଲ ଗୋଟେଇବାକୁ ସକାଳୁ ଲାଗେ ଭିଡ଼ ମହୁଲ ବଣରେ । ଭୋରୁ ଭୋରୁ । ଯିଏ ଯେତେ ଗଲା ଆଗରୁ ସିଏ ପାଇଲା ସେତେ । ଜାନକୀ ଯାଏ ମହୁଲ ଗୋଟେଇବାକୁ । ସେଦିନ ଯେବେ କବାଟ ଖୋଲିଲା, ଦେଖିଲା ବାହାରେ ଅନ୍ଧାର । ମୁହଁକୁ ମୁହଁ ଦିଶୁନି । ରାମୁଲି କହିଲା ବାହାରେ ଭୀଷଣ କୁହୁଡି । ଯାଆନା । କୁହୁଡି ଛାଡୁ ଯିବୁ । ଜାନକୀ ଧ୍ୟାନ ଦେଲାନି ବାଆ କଥାକୁ । ତା ମନରେ ମହୁଲି ନିସା । ଯାଇ ଆଗେଆଗେ ଗୋଟେଇବ । ଚାଲିଗଲା ମଥାରେ ଗାମୁଛା ଖଣ୍ଡେ ପକେଇ ।

ସାତଟା ସୁଧା ମହୁଲ ଗୋଟାଳି ଫେରି ଆସିଲେ । ଫେରିଲାନି ଜାନକୀ । ତା ବାଆ ତାକୁ ଅନେଇ ଅନେଇ ବସ୍ତିକୁ ଯାଇ ପଚାରି ବୁଝିଲା । ଆମେ ଜାନାକୀକୁ ଦେଖିନୁ ମହୁଲ ଗୋଟେଇବାର ବୋଲି ସମସ୍ତେ କହିଲେ । ଦିନ ନଅଟା ବାଜିଲା । ରାମୁଲିର ଧୈର୍ଯ୍ୟ ବନ୍ଧ ଭୁଶୁଡି ଗଲା । ବସ୍ତିରୁ କେଇଜଣ ଟୋକାଙ୍କୁ ଧରି ଯାଇ ଡରାଣ୍ଡିଲା ଜଙ୍ଗଲ ସାରା । କୋଉଠି ନଥିଲା ଜାନକୀ । ନିରାସରେ ଫେରିବା ରାସ୍ତାରେ ଝରଣା ପାଖ ପଥର ଚଉତରାରେ ଦିଶିଲା କେହି । ଯାଇ ଦେଖନ୍ତିତ ଜାନକୀ ପଡିଛି ଚିତକାତ ହେଇ । ସାରା ଶରୀର ରକ୍ତାକ୍ତ । କ୍ଷତର ଚିହ୍ନ ଦେହସାରା । ଜାନକୀର ପ୍ରାଣ ଉଡିଯାଇଛି । ରାମୁଲୁ ମୁଣ୍ଡ ପିଟି କାନ୍ଦୁଥାଏ ପଥରରେ ।

ଖବର ପାଇ ଆସିଲେ ପୁଲିସ । ତଦନ୍ତ କରି ନେଇ ଗଲେ ଶବକୁ ମଇନା କରିବାକୁ । ଦିନେ ଗଲା । ଦୁଇଦିନ ତିନିଦିନ ଗଲା । ଖବର କିଛି ଆସିଲାନି ବସ୍ତିକୁ । ରାମୁଲୁ ଗଲା ଦିନେ ଥାନା । ବାରଣ୍ଡାରେ ବସିବସି ଫେରିଲା ସନ୍ଧ୍ୟାକୁ । କେହି ପଚାରିବାତ ଦୂର ତା ଉପରେ ଧ୍ୟାନ ଦେଲେନି । ରାମୁଲୁ ପଚାରିଲା ଜଣକୁ । ଉତ୍ତର ମିଳିଲା ସନ୍ଧାନ ମିଳିଲେ ଜଣେଇ ଦିଆଯିବ ।

ସେବେଠୁ ବିତିଲାଣି ମାସେ । ନା ଖବର ନା ଧରପଗଡ଼ । ଚୁପ ଏବେ ବସ୍ତି ବାସିନ୍ଦା । ଲୁଚି ଗଲାଣି ବାୟୁମଣ୍ଡଳରେ ଜାନକୀର ମୁହଁ । ହଜିଗଲାଣି ତା ହସ ସମସ୍ତଙ୍କ ମନରୁ । ଏବେବି ପ୍ରଶ୍ନଟିଏ ରାମୁଲୁ ସହ ବସ୍ତିର ସମସ୍ତଙ୍କ ମନରେ - ଜାନକୀକୁ ଏ ଅବସ୍ଥାକୁ ଆଣିଲା କିଏ ? କିଏ ପିଇଲା ତା ରକ୍ତ ? ଖାଇଲା ତା କଅଁଳ ମାଂସ ? ବାଘ, ଭାଲୁ ପରି ହିଂସ୍ର ପ୍ରାଣୀ, ନା ଦିଗୋଡ଼ିଆ ପଶୁ ? ପ୍ରଶ୍ନ ଏବେବି ମୁଣ୍ଡୁଳି କାଟୁଛି ବସ୍ତି ଆକାଶରେ । ଦୁଃଖର କଥା ଆଦିବାସୀ ବଂଚିତ ହେଲେ ପ୍ରଶାସନିକ ନ୍ୟାୟରୁ । ସେମାନେ ସବୁଠି ଏମିତି । ହେୟ, ଅପଚରା । ଅଛନ୍ତି । ରହି ଚାଲିଥିବେ ଯୁଗେଯୁଗେ ।

+ଚନ୍ଦନବିନ୍ଧା, ଚନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫



# ଫିଟନେସ୍ ପାଇଁ ଯୋଗ ଆନ୍ଦୋଳନ ଜରୁରୀ : ମନ୍ତ୍ରୀ ସୂର୍ଯ୍ୟବଂଶୀ

ପୁରୀ, ୨୨/୩ (ନି.ପ୍ର): ପ୍ରତ୍ୟେକଙ୍କ ପାଇଁ ଫିଟନେସ ରହିବା ଲାଗି ଯୋଗକୁ ଏକ ଆନ୍ଦୋଳନରେ ପରିଣତ କରିବା ଜରୁରୀ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆଜି ପୂର୍ବାହ୍ନରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଭାରତୀୟ କ୍ରୀଡା ପ୍ରାଧିକରଣ, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ତିନି ଦିନିଆ ଫିଟ ଇଣ୍ଡିଆ କାର୍ନିଭାଲ ଉଦଘାଟିତ ହୋଇଥିଲା। ଏହାକୁ ଉଦଘାଟନ କରି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୂରଜ ଦେଶର ଶତକଡା ୬୫ ଭାଗ ଯୁବ ବର୍ଗ ଅଟନ୍ତି। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟକୁ ପୂରଣ ପାଇଁ ଆମେ ବୟସ ନିର୍ବିଶେଷରେ ସମସ୍ତେ ସୁସ୍ଥ ଓ ଫିଟ୍ ରହିବା ଜରୁରୀ ବୋଲି କହିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଫିଟନେସ କା ଡୋଜ ଅଧାଘଂଟା ରୋଜ କୁ ଆମେ ମାନିବା ଓ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ତତଃ ଅଧାଘଂଟା ସମୟ ଦେବା। ବର୍ତ୍ତମାନ ସମୟରେ ସମାଜରେ ବୃଦ୍ଧି ପାଉଥିବା ମାନସିକ ଅବସାଦ, ଟେନସନ, ପାନିକ, ଏନଜାଇଟ କୁ ପ୍ରତିହତ କରିବାର ଏହା ଏକ ସହଜ ଉପାୟ। ଏହି କାରନିଭାଲ ଏକ ନୂତନ ଦିଗ ଓ ମାର୍ଗଦର୍ଶନ କରାଇବ ବୋଲି କହିଥିଲେ। ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ସ୍ୱାସ୍ଥ୍ୟ ସଚେତନ ହେବା ଓ ସୁସ୍ଥ ରହିବାର ମନ୍ତ୍ର ଏହି ଫିଟ ଇଣ୍ଡିଆ କାର୍ନିଭାଲର ମୁଖ୍ୟ ଉଦ୍ଦେଶ୍ୟ। ବିକଶିତ ଭାରତର ସ୍ୱପ୍ନ ଫିଟ ଇଣ୍ଡିଆ ସହ ଜଡ଼ିତ। ପ୍ରଧାନମନ୍ତ୍ରୀ ଏହି ଯୋଗ ଓ ଶୃଙ୍ଖଳିତ ଜୀବନ ଚର୍ଯ୍ୟା ଦ୍ୱାରା ସୁସ୍ଥ ରହିଛନ୍ତି ବୋଲି କହିବା ସହ ସମସ୍ତେ ଫିଟ୍ ରହିବା ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅତିଥି ମାନେ ଅଲମ୍ପିଆନ ଆଥଲେଟ ଅନୁରାଧା ବିଶ୍ୱାଳ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଭାରତୀୟ କ୍ରୀଡା ପ୍ରାଧିକରଣର ଆଞ୍ଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାଇର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପ ନିର୍ଦ୍ଦେଶକ ତୈଲୋକ୍ୟ ନାଥ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାତଃରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିଶୁ ସୁରକ୍ଷା କମିଟି ସଦସ୍ୟାଙ୍କୁ ଦୁର୍ବ୍ୟବହାର ଘଟଣାରେ ୨ ଗିରଫ

କେନ୍ଦ୍ରାପଡା, ୨୨/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସଖି ବଟ ମନ୍ଦିର ପରିସରରେ ଗତ ତା. ୦୫.୦୩.୨୦୨୬ ରେ ଘଟିଥିବା ଏକ କନ୍ୟା ବିବାହ ଘଟଣାକୁ କେନ୍ଦ୍ର କରି ଶିଶୁ ସୁରକ୍ଷା କମିଟି ଦଳ ଉପରେ ଦୁର୍ବ୍ୟବହାର ଏବଂ ଆକ୍ରମଣ ସମ୍ବନ୍ଧୀୟ ଘଟଣା ପ୍ରକାଶ ପାଇଛି। ବିଶ୍ୱସନୀୟ ସୂତ୍ରରୁ ସୂଚନା ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ଏବଂ ସମ୍ବନ୍ଧିତ ସିଡିପିଓ ମିଳିତ ଭାବେ ଘଟଣାସ୍ଥଳକୁ ପହଂଚି ଯାଂଚ୍ କରିଥିଲେ। ଯାଂଚ୍ କାଳୀନ କନ୍ୟାଙ୍କ ବୟସ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ପରିଚୟ ପତ୍ରରେ ବୟସ ଜାଲିଆତି କରାଯାଇଥିବା ପ୍ରମାଣିତ ହୋଇଥିବା ସହ କନ୍ୟାଙ୍କ ପ୍ରକୃତ ବୟସ ୧୬ ବର୍ଷ ବୋଲି ନିଶ୍ଚିତ ହୋଇଥିଲା। ବାଲ୍ୟ ବିବାହକୁ ରୋକିବା ପାଇଁ ଟିମ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ କନ୍ୟାଙ୍କ ମା, ମାମୁଁ ଏବଂ କିଛି ସମ୍ପର୍କୀୟ ବ୍ୟକ୍ତିମାନେ ଅସଭ୍ୟ ଭାଷା ବ୍ୟବହାର କରି ଦଳ ସଦସ୍ୟା ମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରୋଶମୂଳକ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ସମ୍ପୃକ୍ତ ଦଳ ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦାଖଲ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କନ୍ୟାଙ୍କ ମା ଓ ମାମୁଁଙ୍କୁ ଗିରଫ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବାଲ୍ୟ ବିବାହ ନିରୋଧ ଆଇନର କଡାକଡି ପାଳନ ସହ ଏପରି ଅବୈଧ କାର୍ଯ୍ୟକଳାପରୁ ଜନସାଧାରଣ ନିବୃତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଅନୁଗୋଳ ଡେରଜାଙ୍ଗ ଡ୍ୟାମ୍‌ରେ ‘ବୋଟିଂ ସୁବିଧା’ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଡେରଜାଙ୍ଗ /ଅନୁଗୋଳ, ୨୨/୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଜିଲ୍ଲା ବଅଁରପାଳ ସ୍ଥିତ ଡେରଜାଙ୍ଗ ଠାରେ ବହୁପ୍ରତୀକ୍ଷିତ ‘ବୋଟିଂ ସୁବିଧା’ର ଶୁଭାରମ୍ଭ କରିଛନ୍ତି । ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନୁଗୋଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ । ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା’ ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି । ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି । ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ମୁଖ୍ୟ ଲକ୍ଷ୍ୟ ।

ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା, କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହୋଇଛି । ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍ ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ । ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ । ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ ‘ଇକୋ ଲଜ୍’ ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ । ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଛନ୍ତି ।

ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ ‘ନାଗରିକ ସମ୍ବର୍ଦ୍ଧନା ସଭା’ରେ ଯୋଗଦେଇଥିଲେ । ସେଠାରେ ଉପସ୍ଥିତ ଜନସାଧାରଣଙ୍କ ସ୍ନେହ ଓ ଶ୍ରଦ୍ଧା ପାଇଁ କୃତଜ୍ଞତା ଜଣାଇ ସେ କହିଥିଲେ ଯେ, ଆମ ସରକାରର ମୂଳ ମନ୍ତ୍ର ହେଉଛି ଗରିବ କଲ୍ୟାଣ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତ୍ତା ପର୍ଯ୍ୟନ୍ତ, ପ୍ରତିଟି ସରକାରୀ ସୁବିଧା ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଞ୍ଚିବ, ସେଥିପାଇଁ ଆମେ ପ୍ରତିବଦ୍ଧ । ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ ।

# ଅଙ୍ଗ ମୁଖ୍ୟ କେନାଲ କଂକ୍ରିଟ କାମରେ ଫାଟ: ନିମ୍ନମାନର କାମ ଅଭିଯୋଗ

ବଲାଙ୍ଗିର, ୨୨/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ସାଲେଭଟା ଗାଈଖାଇ ଅଙ୍ଗ ମୁଖ୍ୟ କେନାଲ କଂକ୍ରିଟ କାମ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ହରଭଙ୍ଗା ମାଇନର ଠାରୁ ଡୁମେରପାଲି ପର୍ଯ୍ୟନ୍ତ ୫ କିଲୋମିଟର ଅଙ୍ଗ ମୁଖ୍ୟ କେନାଲର ଉନ୍ନତିକରଣ କାମ ଜଳସେଚନ ବିଭାଗ ପକ୍ଷରୁ ୮୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ କରାଯାଇଛି । କାମ ହେବାର ୧୦ ଦିନ ହେବ, ଏହାର ନିର୍ମାଣ ସରିଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ବାଲାଜୀ ଠିକାସଂସ୍ଥା କରିଛି । ହେଲେ ଏ କେନାଲ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । କାମ ସମ୍ପୂର୍ଣ୍ଣ ହେବାର ୧୦ ଦିନ ହୋଇଛି, ଖୁଟଲିମୁଣ୍ଡା କେନାଲ ବ୍ରିଜ ରୁ ଡୁମେରପାଲି ପର୍ଯ୍ୟନ୍ତ ତଳ କଂକ୍ରିଟରେ ଫାଟ ସୃଷ୍ଟି ହୋଇଛି । ଫଳରେ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । କେନାଲ ଭିତରୁ ହାଲୁକା ମାଟି ନ ହଟାଇ ତା’ ଉପରେ କଂକ୍ରିଟ କରିଦିଆଯାଇଥିବାରୁ ଓ ଗାଇଡ଼ ଲାଇନ ଅନୁସାରେ ବାଲି, ଗେଟି, ସିମେଂଟ, ପାଣି ଦିଆଯାଇ ନଥିବାରୁ ଫାଟ ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି । ପୁଣି ଏ ଫାଟକୁ ଲୁଚାଇବାକୁ ସ୍ଥାନେ ସ୍ଥାନେ ମସଲା ଦେଇ ପ୍ୟାଚ କରାଯାଇଥିବା ଦେଖାଯାଇଛି । ନିମ୍ନ ମାନର କାମ ଯୋଗୁଁ ସ୍ଥାନେ ସ୍ଥାନେ ଗେଟି ମଧ୍ୟ ଉପୁଡି ଯାଉଛି । ଏଠାରେ ଲଗାଯାଇଥିବା ଭାଲଭ ଗୁଡିକ ମଧ୍ୟ ଜାମ ହୋଇନାହିଁ । ଏ ସମ୍ପର୍କରେ ଠିକା ସଂସ୍ଥା ମ୍ୟାନେଜର ଓ ବିଭାଗୀୟ ଯନ୍ତ୍ରୀ ପଂଚୁ ମାଝୀଙ୍କୁ ଫୋନ କରି ପଚରା ଯିବାରୁ ତାହା କିଛି ନୁହେଁ ଆଗକୁ ମେଣ୍ଟେନେସ କାମରେ ଠିକ୍ ହୋଇଯିବ ବୋଲି କହିଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

# ଓପିଜିସି ପକ୍ଷରୁ ୧,୫୭୦ ଜଣଙ୍କ ଚକ୍ଷୁ ପରୀକ୍ଷା

ଝାରସୁଗୁଡ଼ା, ୨୨/୩ (ନି.ପ୍ର): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ପାଂଚଟି ଗ୍ରାମ ପଂଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଅଛି ଓ ଏହି ଶିବିରଗୁଡ଼ିକ ପାଂଚଟି ଭିନ୍ନ ଭିନ୍ନ ପଂଚାୟତ ଯଥା ତେଲେନପାଲିରେ ୧୧ ମାର୍ଚ୍ଚ, ଦଲଗାଁ ରେ ୧୩ ମାର୍ଚ୍ଚ, ଟୀଲିଆରେ ୧୫ ମାର୍ଚ୍ଚ, ରେମେଣ୍ଡାରେ ୧୭ ମାର୍ଚ୍ଚ ଏବଂ କୁମାରବନ୍ଧରେ ୨୦ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଶିବିରରେ ମୋଟ ୧,୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରେ ୮୩୯ ଜଣ ପୁରୁଷ ଏବଂ ୭୩୧ ଜଣ ମହିଳା ଅନ୍ତର୍ଭୁକ୍ତ। ପରୀକ୍ଷା ପରେ ୧,୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡାସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କର ମାଗଣା ଅପରେସନ କରାଯାଇଥିଲା। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେସନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା।

ତେଲେନପାଲି ଗ୍ରାମପଂଚାୟତ କାର୍ଯ୍ୟାଳୟରେ ପ୍ରଥମ ଶିବିର ଉଦଘାଟନ କରି ଓପିଜିସିର ନିର୍ଦ୍ଦେଶକ (ଅପରେସନ) ଅଞ୍ଜନା ରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଏହି ଉଦଘାଟନ ଅବସରରେ ସିନିଅର ଭାଇସ ପ୍ରେସିଡେଂଟ (ଅପରେସନ) ସୁକାନ୍ତ ମହାପାତ୍ର, ଇବ ଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସଆର ଉପଦେଷ୍ଟା ପ୍ରଫୁଲ୍ଲ ଧଳ ଏବଂ ଓପିଜିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଚକ୍ଷୁ ପରୀକ୍ଷା ଶିବିରଗୁଡ଼ିକ କେୟାର ନେତ୍ରମ, ଭୁବନେଶ୍ୱର-ର ସହଯୋଗରେ ଆୟୋଜନ କରାଯାଇଥିଲା। ସଂସ୍ଥାର ବିଶେଷଜ୍ଞ ଚିକିତ୍ସକ ଦଳ ରୋଗୀ ମାନଙ୍କର ଚକ୍ଷୁ ପରୀକ୍ଷା କରି ମୋତିଆବିନ୍ଦୁ, ଦୃଷ୍ଟି ତ୍ରୁଟି ଓ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଚିହ୍ନଟ କରିଥିଲେ।

ଓପିଜିସିର ସିଏସଆର ଟିମ୍ ର ସଦସ୍ୟ ହିମାଂଶୁ ବେହେରା, ସିନିଅର ମ୍ୟାନେଜର ସିଏସଆର ତପସ ପଣ୍ଡା, ଆସିଷ୍ଟାଣ୍ଟ ମ୍ୟାନେଜର ସିଏସଆର ଏବଂ ଅମର ସିଂହ, ଏକ୍ସିକ୍ୟୁଟିଭ-ସିଏସଆର ଏହି ଶିବିରଗୁଡ଼ିକର ପରିଚାଳନା କରିଥିଲେ । ପାଂଚଟି ଗ୍ରାମପଂଚାୟତର ସରପଂଚମାନଙ୍କ ସହଯୋଗରେ ଶିବିରଗୁଡ଼ିକ ସୁଚାରୁ ଭାବେ ଆୟୋଜିତ ହୋଇଥିଲା।

## ବିଶ୍ୱ କଣ୍ଢେଇ ଦିବସ ପାଳନ

ଜୟପୁର, ୨୨/୩ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର ଜୟପୁର ଠାରେ ବିଶ୍ୱ କଣ୍ଢେଇ ଦିବସ ଧୁମଧାମରେ ପାଳନ କରାଯାଇଛି । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ରାମ ଚନ୍ଦ୍ର ମହାନ୍ତି ପର୍ଯ୍ୟାୟ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। କଣ୍ଢେଇ ଦିବସର ମହତ୍ୱ ଏବଂ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କଣ୍ଢେଇର ଭୂମିକା କ’ଣ ସେ ସମ୍ପର୍କରେ ମୁଖ୍ୟ ଅତିଥି ଅଭିଭାଷଣ ଦେଇଥିଲେ।

ବିଭିନ୍ନ ପ୍ରକାର କଣ୍ଢେଇ ଯଥା : ମାଟି କଣ୍ଢେଇ, ଗୋବର କଣ୍ଢେଇ, କାଗଜ କଣ୍ଢେଇ, କାଠ କଣ୍ଢେଇ, କପଡ଼କ୍ଷ କଣ୍ଢେଇ ଏବଂ ତୁଳା କଣ୍ଢେଇ ଏସବୁକୁ ନେଇ ପ୍ରଦର୍ଶନୀ କରାଇବା ସହ ଶିଶୁମାନଙ୍କୁ କେଉଁ ପ୍ରକାରର କଣ୍ଢେଇ ଖେଳିବା ପାଇଁ ଦିଆଯିବା ଉଚିତ୍ ସେ ସମ୍ପର୍କରେ ସମସ୍ତ ଶିଶୁ ବାଟିକା ବିଭାଗ ଗୁରୁମା ମାନେ ଧାରଣା ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମୋଟ୍ ୬୫ ଜଣ ଶିଶୁଙ୍କ ସହ ୮୭ ଜଣ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ଦିଗରେ ସହାୟକ ହୋଇଥିଲେ । କାର୍ଯ୍ୟକ୍ରମ ସଫଳ ଦିଗରେ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ସେବିକା ପୂର୍ଣ୍ଣ ସହଯୋଗ କରିଥିଲେ ।

# ଦୃଷ୍ଟିହୀନ ନାବାଳିକାକୁ ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୨୫ ବର୍ଷ ଜେଲଦଣ୍ଡ

ଜୟପୁର, ୨୨/୩ (ନି.ପ୍ର): ଦୃଷ୍ଟିହୀନ ନାବାଳିକାକୁ ଦୁଷ୍କର୍ମ ମାମଲାର ଆଜି ଜୟପୁର ସ୍ଥିତ ପୋକ୍ସୋ କୋର୍ଟ ରାୟ ଦେଇଛନ୍ତି । ଅତିରିକ୍ତ ଜିଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ୍ ସୁଶ୍ରୀ ସଂଘମିତ୍ରା ଦାସ ଏହି ରାୟ ଦେଇଛନ୍ତି । ସମସ୍ତ ସାକ୍ଷ୍ୟ ପ୍ରାମାଣକୁ ଭିତି କରି ଅଭିଯୁକ୍ତ ସେମିଳିଗୁଡା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇକୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୩ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଶୁଣାଣି ହୋଇଛି ।

ସୂଚନା ଅନୁଯାୟୀ, ଗତ ୨୦୨୪ ମସିହାରେ ସେମିଳିଗୁଡା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇ କୋରାପୁଟ ଥାନା ଅନ୍ତର୍ଗତ ଚେମିଆଗୁଡା ଗ୍ରାମରେ ରହୁଥିବା ଜଣକ ଘରକୁ ପୂଜା ପାଠ କରିବା ପାଇ ଯାଇଥିଲେ ଅଭିଯୁକ୍ତ ଲଇଛନ ଭୋଇ । ଜଣେ ଦୃଷ୍ଟି ହିନ ୧୫ ବର୍ଷର ନାବାଳିକାକୁ ଖରାପ ଥିବା ଆଖିକୁ ଭଲ କରିବା ବାହାନାରେ ନାବାଳିକାକୁ ନେଇ ମଦ ପିଆଇ ଦୁଷ୍କର୍ମ କରିଥିଲା । ଏନେଇ କୋରାପୁଟ ଟାଉନ ଥାନାରେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ଗତ ୨୪.୦୯.୨୪ ତାରିଖରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତି କରି ପୋଲିସ ୨୭୩/୨୪ ମାମଲା ରୁଜୁ କରିଥିଲା । ଏହି ମାମଲାର ଶୁଣାଣି ଜୟପୁର ପୋକ୍ସୋ କୋର୍ଟରେ ଆଜି ହୋଇଛି । ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ଉକ୍ତ ମାମଲାର ବିଚାର କରି ୯ ଜଣ ସାକ୍ଷିଙ୍କ ସାକ୍ଷ୍ୟ ପ୍ରାଣରୁ ଭିତି କରି ଅଭିଯୁକ୍ତ ଥିବା ଲଇଛନ ଭୋଇକୁ ବିଭିନ୍ନ ଧାରାରେ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି. ସନ୍ୟାୟୀ ରାଓ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବେଦାନ୍ତର ଜମି ଅଧିଗ୍ରହଣ ଓ ଥଇଥାନ ସମ୍ପର୍କିତ ଜନଶୁଣାଣି

ଝାରସୁଗୁଡ଼ା, ୨୨/୩ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବେଦାନ୍ତ ଲିମିଟେଡ୍ ର ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ସମ୍ପର୍କିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ କାଟିକେଲା ଏବଂ ଭୁର୍କାମୁଣ୍ଡା ଗ୍ରାମର ଜମି ଅଧିଗ୍ରହଣ ଜନିତ ସମସ୍ୟା ଓ ଗ୍ରାମବାସୀଙ୍କ ଦାବି ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷ କରି ବିସ୍ଥାପନ ପ୍ରକ୍ରିୟା ଏବଂ କମ୍ପାନୀ ପକ୍ଷରୁ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ଗ୍ରାମବାସୀ ନିଜର ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣିବା ପରେ କହିଥିଲେ ଯେ, ଏହି ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। କମିଟିର ଚୂଡ଼ାନ୍ତ ନିଷ୍ପତି ପାଇଁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ନିଯୁକ୍ତି ସମ୍ବନ୍ଧୀୟ ଦାବିଗୁଡ଼ିକୁ ଆଗାମୀ ଆର.ପି.ଡି.ଏ.ସି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଉଚିତ ନିଷ୍ପତି ନିଆଯିବ ବୋଲି ସେ ସୂଚନା ଦେଇଥିଲେ।

ଏହାସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହେବା ପର୍ଯ୍ୟନ୍ତ ବେଦାନ୍ତ ଲିମିଟେଡ୍ ନିଜର ସି.ଏସ.ଆର ପାଣ୍ଠି ମାଧ୍ୟମରେ ବାୟୁ ଏବଂ ଜଳ ପ୍ରଦୂଷଣ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି।

# ଯକ୍ଷ୍ମା ସ୍କ୍ରିନିଙ୍ଗରେ କେନ୍ଦ୍ରାପଡା ରାଜ୍ୟରେ ଏକ ନମ୍ବର

କେନ୍ଦ୍ରାପଡା, ୨୨/୩ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ସ୍ୱାସ୍ଥ୍ୟ ବୈଠକ ଓ ସମୀକ୍ଷା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ପୁରୁଣା ମେଡିକାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାତୃ ସ୍ୱାସ୍ଥ୍ୟ, ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ ଓ ଶିଶୁ ମୃତ୍ୟୁ ସମୀକ୍ଷା ସହିତ ଅମ୍ଳାନ, ଟୀକାକରଣ, ପରିବାର ନିୟୋଜନ ଓ ପିସିପିଏନଡିଟି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଏଚପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫେବୃଆରୀ ମାସରେ ଆଳି, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକରେ ଘଟିଥିବା ଶିଶୁ ମୃତ୍ୟୁ ଘଟଣା ଉପରେ ସମୀକ୍ଷା କରାଯାଇଥିଲା। ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ “ମମତା ଦିବସ”କୁ ଗୁଣାତ୍ମକ ଦିଗ ଓ ସମସ୍ତ ଆବଶ୍ୟକୀୟ ପରୀକ୍ଷା, ଔଷଧ, ଯୁଗ୍ମ ପରିଦର୍ଶନ ଓ ତଦାରଖ ପ୍ରଭୃତି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଗର୍ଭବତୀଙ୍କ ପଞ୍ଜୀକରଣ, ଡାକ୍ତରଖାନାରେ ପ୍ରସବ ଓ ଜନ୍ମ ପରବର୍ତ୍ତୀ ଯତ୍ନକୁ ସୁଦୃଢ଼ କରିବା ସହିତ ବ୍ଲକ ସ୍ତରରେ ଯୁଗ୍ମ ବୈଠକକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡିଶାରେ ଯକ୍ଷ୍ମା ସ୍କ୍ରିନିଂ ରେ ୨୦୨୫ କ୍ୟାଲେଣ୍ଡର ବର୍ଷରେ ନାଟ୍ ମେସିନ୍ ମାଧ୍ୟମରେ ୬୭୧୮୯ ଜଣଙ୍କୁ ସ୍ପୁଟମ ସାମ୍ପଲ ନେଇ ସ୍କ୍ରିନିଂ କରି କେନ୍ଦ୍ରାପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ପାଇଥିବାରୁ ଜିଲ୍ଲାପାଳ ସମସ୍ତ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଥିବା ସେବା ପ୍ରଦାନକାରୀ ଓ ଅଧିକାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରକାଶ ଥାଉକି, ଏହି ସ୍କ୍ରିନିଙ୍ଗ ମାଧ୍ୟମରେ ୪୪୫ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ସେମାନଙ୍କୁ ତୁରନ୍ତ ଚିକିତ୍ସା ଆରମ୍ଭ କରାଯାଇଛି। ଏହା ସହିତ ପୁଷ୍ଟି ପୁନର୍ବାସ କେନ୍ଦ୍ରରୁ ଫେରୁଥିବା ପିଲାମାନଙ୍କ ପାଇଁ ଅତିରିକ୍ତ ଖାଦ୍ୟ ସହାୟତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

ବୈଠକରେ ସିଡିଏମଓ ଡ଼. ମନୋରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଚ୍ଚିଦାନନ୍ଦ ମିଶ୍ର, ଡ଼. ଶ୍ୟାମ ସୁନ୍ଦର ଟୁଡ୍ଡୁ, ଏଡିଏମ ମେଡିକାଲ ଡ଼. କିଶୋର ଚନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଡେପୁଟୀ ମ୍ୟାନେଜର, ପ୍ରଜନ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବିଶ୍ୱ ବନଦିବସ ପାଳିତ : ବଲାଙ୍ଗିରରେ ଜଙ୍ଗଲ ଓ ଅର୍ଥନୀତିର ନିବିଡ ସମ୍ପର୍କ ରହିଛି: ଆରସିସିଏଫ

ବଲାଙ୍ଗିର, ୨୨/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଜଙ୍ଗଲଗୁଡିକର ପ୍ରମୁଖ ଭୂମିକା ରହିଛି ଓ ଜିଲ୍ଲାର ଲୋକଙ୍କ ଅର୍ଥନୀତି ସହିତ ଏହାର ନୀବିଡ ସମ୍ପର୍କ ରହିଆସିଛି । ଏବେ ବନବିଭାଗ ଅନେକଗୁଡିଏ ଯୋଜନାରେ ଲୋକଙ୍କୁ ସାମିଲ ଅର୍ଥନୀତିକୁ ଆହୁରି ସୁଦୃଢ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ଆଜି ବଲାଙ୍ଗୀର ବନବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ବନଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଭବାନିପାଟଣାର ସର୍କଲର ଆରସିସିଏଫ ସନ୍ତୋଷ ଯୋଷି ମତବ୍ୟକ୍ତ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ଜଙ୍ଗଲର ଗଛ ଓ ବନ୍ୟଜନ୍ତୁ ଉଭୟ ପରିବେଶ ଲାଗି ଉପାଦେୟ । ସ୍ଥାନୀୟ ଲୋକେ ଜଙ୍ଗଲରୁ କେନ୍ଦୁପତ୍ର, ମହୁଲ, ଚାର, ବାହାଡା, ସାହାଡା, ଝୁଣା ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । ତେଣୁ ଏବେ ରାଜ୍ୟ ସରକାର ଏଭଳି ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି ଓ ଚାରା ସୃଷ୍ଟିକରି ବଂଟନ କରାଯାଉଛି । ଜଙ୍ଗଲ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ । ତେଣୁ ଜଙ୍ଗଲର ସୁରକ୍ଷା ସାଙ୍ଗକୁ ବନ୍ୟଜନ୍ତୁମାନଙ୍କର ସୁରକ୍ଷାର ଆବଶ୍ୟକତା ରହିଛି । ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଲୋକଙ୍କର ଭୂମିକା ଅଧିକ ରହିଛି ବୋଲି ଶ୍ରୀ ଯୋଷୀ କହିଥିଲେ । ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ ବିଶିଙ୍କ ସଭାପତିତ୍ୱ ଓ ଅର୍ଜୁନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଆଂଚଳିକ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଶ୍ରୀମତୀ ବବିତା ସିଂ ଓ ମୁଖ୍ୟବକ୍ତା ଭାବରେ ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷମାନୀଧି ଝାଙ୍କର ଯୋଗଦେଇଥିଲେ । ବବିତା ସିଂ ତାଙ୍କ ବକ୍ତବ୍ୟରେ ଟୁରିଜମ ସେଂଟରଗୁଡିକୁ ପଲିଥିନ ମୁକ୍ତ ତଥା ପ୍ରଦୂଷଣମୁକ୍ତ ରଖିବାକୁ ଆହ୍ୱାନ ଦେଇଥିଲେ । ଠିକ୍ ସେହିପରି ମୁଖ୍ୟବକ୍ତା ଶ୍ରୀ ଝାଙ୍କର ତାଙ୍କ ବକ୍ତବ୍ୟରେ ଜଙ୍ଗଲର କେବଳ ଗଛନୁହେଁ ବନ୍ୟଜନ୍ତୁ, କିଟପତଙ୍ଗଙ୍କର ମଧ୍ୟ ପରିବେଶ ସୁରକ୍ଷାରେ ଆବଶ୍ୟକତା ରହିଛି ବୋଲି କହିଥିଲେ । ଭାରତୀୟ ସଂସ୍କୃତିରେ କାହିଁ କେଉଁ ଆବାହମାନ କାଳରୁ ଜଙ୍ଗଲ ସହିତ ମଣିଷ ସମାଜର ସମ୍ପର୍କ ରହିଆସିଛି । ଆଧ୍ୟାତ୍ମିକତା ଓ ସମାଜିକ ସହାବସ୍ଥାନ ଆମର ମୂଳଧର୍ମ ହୋଇ ରହିଆସିଛି । ଜଙ୍ଗଲ ରହିଲେ ପରିବେଶ ସୁରକ୍ଷା ରହିବ ଓ ଜୀବଜଗତ ବଂଚିପାରିବ । ପରିବେଶ ପାଇଁ ବେଙ୍ଗ, ବାଦୁଡି, ଘରଚଟିଆ ଭଳି ଜୀବ ଓ କିଟପତଙ୍ଗଙ୍କର କିଭଳି ଭୂମୀକା ରହିଛି ସେନେଇ ଉପସ୍ଥିତ ଲୋକଙ୍କୁ ଶ୍ରୀ ଝାଙ୍କର ବୁଝାଇଥିଲେ । ପ୍ରାରମ୍ଭରେ ଏସିଏଫ ମାନସ ରଂଜନ ବେହେରା ଅତିଥିଗଣଙ୍କୁ ସ୍ୱାଗତକରି ଆଜିର ବନଦିବସର ଉଦ୍ଦେଶ୍ୟ ଓ ଥିମ “ଜଙ୍ଗଲ ଓ ଅର୍ଥନୀତି” ବିଷୟରେ କହିଥିଲେ । ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବନକର୍ମଚାରୀ ଚିନ୍ମୟ ପଧାନ ଓ ଟିଟିଲାଗଡ ଅଂଚଳର ଜଣେ ଭିଏସଏସ ସଭାପତି ଜଙ୍ଗଲ ସୁରକ୍ଷାର ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଅଂଚଳରେ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ସ୍କୁଲ ଓ ବନସଂରକ୍ଷଣ ସମିତିଗୁଡିକୁ ପୁରସ୍କୃତ କରାଯାଇଥିଲା । ଶେଷରେ ବଙ୍ଗୋମୁଣ୍ଡା ରେଞ୍ଜଅଫିସର ପଦ୍ମନାଭ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଏସିଏଫ ସୁମନ ମାଝୀ, ବଲାଙ୍ଗୀର ରେଞ୍ଜଅଫିସର ନବୀନ କୁମାର ପଣ୍ଡା ସମେତ ଜିଲ୍ଲାର ବିଭିନ୍ନ ଅଂଚଳର ଶତାଧିକ ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା, ବନ କର୍ମଚାରୀ ଓ ସାମ୍ବାଦିକଗଣ ଯୋଗଦେଇଥିଲେ ।

# ଦୁଇ ମହିଳା ସମେତ ୪ମଦବେପାରୀ ଗିରଫ: ବିପୁଳ ପରିମାଣର ମଦ ଜବତ ସହିତ ପୋଚନଷ୍ଟ



ନୀଳଗିରି, ୨୨/୩ (ନି.ପ୍ର): ଅବକାରୀ ବିଭାଗର ବିଚିତ୍ର ନୀତି। ଶେଉଳ ଛାଡି କେରାଣ୍ଡିଧରି ନିଜର ପାରିବାପଣିଆର ମିଛ ଅଭିନୟକୁ ସାଧାରଣରେ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ଦୈନନ୍ଦିନ ନୀଳଗିରି ଅଞ୍ଚଳରେ ନିଶାକାରବାର ବଢ଼ିଚାଲିଥିବା ବେଳେ ନିଶାଡ଼ି ଓ ମଦୁଆଙ୍କ ପ୍ରାଦୁର୍ଭାବ ବୃଦ୍ଧିପାଇଛି। ନୀଳଗିରି ଅବକାରୀବିଭାଗ ସ୍ଥାଣୁ ପାଲଟିଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲା ବେଳେ ନୀଳଗିରି ଅଞ୍ଚଳରେ କାଁ ଭାଁ ଛୋଟକାଟିଆ ମଦ ଏବଂ ଗଞ୍ଜେଇ ଆଦି କାରବାରିଙ୍କୁ ଧରି ବଡ଼ବଡିଆ ବେପାରୀଙ୍କ ଠାରୁ ମୋଟାଅଙ୍କର ହାତଗୁଞ୍ଜାନେଇ ଚୁପ୍ ରହୁଥିବା ସାଧାରଣରେ ଚର୍ଚ୍ଚା ଚାଲିଛି।ଆଜି ନୀଳଗିରି ଅବକାରୀସୀମା ଅନ୍ତର୍ଗତ ବିଭିନ୍ନସ୍ଥାନରେ ବାଲେଶ୍ୱର ଭ୍ରାମ୍ୟମାଣ ୟୁନିଟ ଦ୍ୱାରା ଚଢାଉକରି ବିପୁଳପରିମାଣର ଦେଶୀମଦ ଜବତ କରିବାସହିତ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି ।ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଏବଂ ନୀଳଗିରି ଅବକାରୀ ବିଭାଗର ଏହି ମିଳିତ ଚଢାଉ ହୋଇଥିଲା। ଏହି ଚଢାଉରେ ମିତ୍ରପୁର ଅଞ୍ଚଳର ରାଜେନ୍ଦ୍ର ସିଂ, କୁଅଁରପୁର ମହଲାର ସନ୍ତୋଷ ବେହେରା, ଜାମ୍ବଣି ଗ୍ରାମର ମୀନତି ସିଂ ଏବଂ ଅଯୋଧ୍ୟା ଗୋପାଳପୁର ଗ୍ରାମର ରୀନା ସିଂଙ୍କୁ ଗିରଫକରିଥିବା ବେଳେ ଗୋପାଳପୁର ଗ୍ରାମର ବୀରଭଦ୍ର ସିଂ ଓ ରବୀନ୍ଦ୍ର ସିଂ ଫେରାର ହେବାରେ ସକ୍ଷମ ହୋଇଯାଇଥିଲେ। ଅଭିଯୁକ୍ତ ମଦବେପାରୀଙ୍କ ନିକଟରୁ ୪୩୫ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ପ୍ରାୟ ୨୭୫୦ଲିଟର ପୋଚ ନଷ୍ଟକରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୪ହଜାର ୫ଶହ ହେବବୋଲି ଜଣାଯାଇଛି। ଏହି ଚଢାଉରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀବିଭାଗ ଇନ୍ସପେକ୍ଟର ହରିହର ସିଂ, ସବଇନ୍ସପେକ୍ଟର ଭବେଶ ଦାସ, ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଲମ୍ବୋଦର ମହାନ୍ତ, କନେଷ୍ଟବଳ ସୁନାରାମ ମୁର୍ମୁ, ନାହାନ ମୁର୍ମୁ, ସୁବିରକାନ୍ତ ବେହେରା ପ୍ରମୁଖ ସାମିଲଥିଲେ।

## ମୃତ୍ୟୁ, ସମ୍ମାନ, ଅଧିକାର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

'ଡୁ ନଟ୍ ବି ଜେଣ୍ଟଲ୍'କୁ ଅନେକ ଲୋକ 'ସହାୟତାପ୍ରାପ୍ତ ମୃତ୍ୟୁ' ବ୍ୟବସ୍ଥାକୁ ଘେରି ରହିଥିବା ନୈତିକ ଦ୍ୱନ୍ଦ୍ୱ ସହିତ ଏକ ଉତ୍ତେଜକ ଓ ପ୍ରାୟତଃ ହୃଦୟ ବିଦାରକ ଯୁଦ୍ଧ ଭାବରେ ଦେଖିଛନ୍ତି । ଅନ୍ୟପକ୍ଷରେ, ଅଷ୍ଟ୍ରେଲୀୟ ଲେଖକ ଓ ଲେଖକ ନିକର ମେନାର୍ଡଙ୍କ ବରୁଣର ପୁନରାଗମନ ବିଷୟରେ ଚିନ୍ତା କରନ୍ତି ।

ସିଏନଏ .କମ (CNA.com)ରେ ଲେଖିବା ସମୟରେ, ବ୍ରିଟାନି ଲେଖିଛନ୍ତି , 'ମୋର ପ୍ରଶ୍ନ ହେଉଛି, ମୁଁ ଯେଉଁ ପସନ୍ଦ କରେ ତାହା ପାଇବାକୁ ମୁଁ ଯୋଗ୍ୟ ନୁହେଁ ବୋଲି ମୋତେ କହିବାର ଅଧିକାର କାହାର ଅଛି ? ମୁଁ କ'ଣ ଏକମାତ୍ର ବ୍ୟକ୍ତି ଯାହାକୁ ସପ୍ତାହ କିମ୍ବା ମାସ ଧରି ତୀବ୍ର ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିବାକୁ ପଡ଼େ ? ମୋ ପାଇଁ ଏହି ନିଷ୍ପତ୍ତି ନେବାର ଅଧିକାର ଅନ୍ୟ କାହାର କାହିଁକି ରହିବ ?' 'ଡୋଣ୍ଟ ଗୋ ଜେଣ୍ଟଲ୍' ଓ ବ୍ରିଟାନିଙ୍କ ଲେଖା ସମାଜ ସହିତ ଏକ ଅମିମନୀୟ ଦ୍ୱନ୍ଦ୍ୱରେ ପ୍ରତିଧ୍ୱନିତ ହୁଏ । ଏହିପରି ଆମେ ନିଜକୁ ଏକ ଜଟିଳ, ନୈତିକ ଓ ଭାବପ୍ରବଣ ଚକ୍ରବ୍ୟୁହରେ ପାଉ। ଏହି ନୈତିକ ଦ୍ୱନ୍ଦ୍ୱ ସନ୍ଧ୍ୟା ପର୍ଯ୍ୟନ୍ତ ଆମକୁ ହଇରାଣ କରିଚାଲିଛି ।

'ହରିଶ ରାଣା ' ମାମଲାରେ କୋର୍ଟ ଭାରତରେ ଜୀବନ ଶେଷ ନିଷ୍ପତ୍ତି 'ନିଷ୍କ୍ରିୟ ଇଚ୍ଛାମୃତ୍ୟୁ' ଉପରେ ଏକ ବ୍ୟାପକ ଆଇନ ପ୍ରଣୟନ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରି ଆଇନ ନିସନ୍ଦେହରେ ଆମ ସମାଜରେ ଉପଯୋଗୀ ହେବ। ତଥାପି ଏହା ସତ୍ୟ ଯେ, ଅନ୍ୟ ଦେଶମାନଙ୍କ ପରି, ଆମକୁ ମଧ ଭବିଷ୍ୟତରେ ଏହି କ୍ଷେତ୍ରକୁ ପୁନଃ ପରିଭାଷିତ କରିବାକୁ ପଡ଼ିପାରେ । ପରବାହ । 'ମର୍ଯ୍ୟାଦାର ସହିତ ମରିବାର ଅଧିକାର' ଓ 'କୋମଳ ଭାବରେ ମରନ୍ତୁ ନାହିଁ' ଏହି ଦୁଇଟି ମେରୁର ଆଲୋକରେ ଏପରି ନିଷ୍ପତ୍ତି ସର୍ବଦା କଷ୍ଟକର ଓ ସମ୍ବେଦନଶୀଳ ହେବ...!!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪ ୭୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱ ଜଳ ଦିବସରେ...

୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହା ସହ ଜଳକୁ ଜୀବନ ପରି ଭଲ ପାଇବା ଓ ଏହାର ସୁରକ୍ଷା ପାଇଁ କାମ କରିବା ଆବଶ୍ୟକ। ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରାଯାଇଛି। ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋଟ୍ ୨ ହଜାର ୬୧୨ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୨ ହଜାର ୨୯୨ କୋଟି ଟଙ୍କାର ୧୭ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ୩୨୦ କୋଟି ଟଙ୍କା ବ୍ୟୟରେ ୧୨୪ଟି ପ୍ରକଳ୍ପର ଉଦଘାଟନ ହୋଇଛି।

### ଆକ୍ରମଣ ଭୟରେ ଲୁଚିଛନ୍ତି ...

ଇସ୍ରାଏଲ ଇରାନର ଶୀର୍ଷ ଅଧିକାରୀଙ୍କୁ କ୍ରମାଗତ ଭାବରେ ହତ୍ୟା କରୁଥିବାରୁ ମୋଜତବା ଲୋକଲୋଚନରୁ ଲୁଚି ରହୁଛନ୍ତି। ଇରାନର ସୁରକ୍ଷା ରଣନୀତି ପରିଚାଳନା ଦାୟିତ୍ୱରେ ଥିବା ଏବଂ ସଂଘର୍ଷ ମଧ୍ୟରେ ତେହେରାନର ଚେହେରା ଥିବା ଅଲି ଲାରିଜାନି ମାର୍ଚ୍ଚ ୧୭ରେ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଥିଲେ। ମାର୍ଚ୍ଚ ୧୬ରେ ଇସ୍ରାଏଲର ବିମାନ ଆକ୍ରମଣରେ ଅନ୍ୟ ଜଣେ ଶୀର୍ଷ କମାଣ୍ଡର ଗୋଲାମରେଜା ସୁଲେମାନୀ ନିହତ ହୋଇଥିଲେ। ତେବେ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ ଇରାନ ଏହାର ଅନେକ ଶୀର୍ଷ ନେତାଙ୍କୁ ହରାଇବା ସତ୍ତ୍ୱେ ଯୁଦ୍ଧ ଜାରି ରଖିବ। ଜଣେ ବ୍ୟକ୍ତିଙ୍କ ଉପସ୍ଥିତି କିମ୍ବା ଅନୁପସ୍ଥିତି ଇରାନର ରାଜନୈତିକ ଓ ଅର୍ଥନୈତିକ ଢାଞ୍ଚାକୁ ପ୍ରଭାବିତ କରେ ନାହିଁ। ଫେବ୍ରୁଆରି ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନର ସରକାରୀ ଗଣମାଧ୍ୟମ ମୃତ୍ୟୁ ସଂଖ୍ୟା ୧,୨୭୦ ବୋଲି କହିଛି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ




ଜଳେଶ୍ୱର, ୨୨/୩ (ନି.ପ୍ର): ଜଳେଶ୍ୱର ପୌରପାଳିକା ଅଧୀନରେ ଥିବା ମହିଳା ମହାବିଦ୍ୟାଳୟ ପରିସରରେ ଜଳେଶ୍ୱର ମଣ୍ଡଳ ପ୍ରଶିକ୍ଷଣ ବର୍ଗ ମାନଙ୍କୁ ନେଇ ଭାରତୀୟ ଜନତା ପାର୍ଟି ଉତ୍ତର ବାଲେଶ୍ୱର ଜିଲ୍ଲା ସଙ୍ଗଠନ ପକ୍ଷରୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଦୁଇ ଦିନିଆ ପ୍ରଶିକ୍ଷଣ ମହା ଅଭିଯାନ କାର୍ଯ୍ୟକ୍ରମ ନଗର ମଣ୍ଡଳ ସଭାପତି ଶିବ ସଙ୍କର ମାହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବାଲେଶ୍ୱର ଜିଲ୍ଲା ସଙ୍ଗଠନର ସଭାପତି ଡ. ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଙ୍କ ସମ୍ପରକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ନିର୍ବାଚନୀ ମଣ୍ଡଳର ବରିଷ୍ଠ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ,କୋଡ଼ିନେଟର ତପନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ଣ୍ଣିମା ପ୍ରିୟ ଦର୍ଶନି ଦାସ,କ୍ରାନ୍ତି କୁମାରୀ ଭଞ୍ଜ ଓ ଦେବ ପ୍ରସାଦ ଦେ ଛାତ୍ର ଛାତ୍ରୀ ପ୍ରଥମେ ବନ୍ଦେ ମାତରଂ ସଙ୍ଗୀତ ଗାନ କରିଥିଲେ। ଶେଷରେ ଯୁବ ନେତା କାଳୀଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସମ୍ମାନ ସମାରୋହ

ଖୋର୍ଦ୍ଧା, ୨୨/୩ (ନି.ପ୍ର): ଶ୍ରୀ ବିବେକାନନ୍ଦ ଶର୍ମା, IPS, ଏସ୍‌ପି, ଖୋର୍ଦ୍ଧାଙ୍କୁ ଆଜି ଭୁବନେଶ୍ୱର ସ୍ଥିତ ପୋଲିସ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ ଓଡ଼ିଶା ପୋଲିସର ଡିରେକ୍ଟର ଜେନେରାଲ ଅଫ ପୋଲିସ ଦ୍ୱାରା ସମ୍ମାନିତ କରାଯାଇଛି । ଏହି ସମ୍ମାନ ୨୦୨୫ ମସିହାରେ ଏକ NDPS ମାମଲାରେ ଉତ୍କୃଷ୍ଟ ତଦନ୍ତ ଓ ପ୍ରଭାବଶାଳୀ ପର୍ଯ୍ୟବେକ୍ଷଣ ମାଧ୍ୟମରେ ସଫଳ ଦଣ୍ଡାଦେଶ ସୁନିଶ୍ଚିତ କରିବା ପାଇଁ ପ୍ରଦାନ କରାଯାଇଛି । ଏହି ସଫଳତା ମାଦକମୁକ୍ତ ସମାଜ ଗଠନ ପ୍ରତି ତାଙ୍କର ନିଷ୍ଠା ଓ ପେଶାଦାରୀ ମନୋଭାବକୁ ପ୍ରକାଶ କରେ। ଏହି ସମ୍ମାନ ସମାରୋହରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କର ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ପୋଲିସ ମାଦକଦ୍ରବ୍ୟ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ସହିତ ଗୁଣବତ୍ତାପୂର୍ଣ୍ଣ ତଦନ୍ତ ଏବଂ ସମୟୋଚିତ ଦଣ୍ଡାଦେଶ ମାଧ୍ୟମରେ ନ୍ୟାୟ ସୁନିଶ୍ଚିତ କରିବାରେ ନିଜର ପ୍ରତିବଦ୍ଧତା ପୁନରୁଚ୍ଚାରଣ କରୁଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ବିଭାଗୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ ଆୟୋଜିତ



ବାଲେଶ୍ୱର, ୨୨/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ବିଭାଗୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବଚିନ୍ତନ ଓ ଉଦ୍ୟମୀ ମନୋଭାବକୁ ପ୍ରୋତ୍ସାହନ ଦିଆଯାଇଛି ।

ଏହାକୁ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଉଦ୍ୟମ ଉଦ୍ଭାବନ କେନ୍ଦ୍ର (ଏଫ୍‌ଏମ୍‌ୟୁ–ଟିବିଆଇ) ଦ୍ୱାରା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସହଯୋଗରେ ଆୟୋଜନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ, ଏଫ୍‌ଏମ୍‌ୟୁ–ଟିବିଆଇର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହି ଙ୍କ ନିରୀକ୍ଷଣରେ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ସୁନେନ୍ଦୁ ନାୟକଙ୍କ ସମନ୍ୱୟରେ କାର୍ଯ୍ୟକ୍ରମଟି ସଂପନ୍ନ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ନବୀନ ଧାରଣା ଚିହ୍ନଟ କରିବା ଓ ଉଦ୍ୟମୀ ମନୋଭାବକୁ ପ୍ରସାରିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖାଯାଇଥିଲା। ମୋଟ ୪୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ଏକକ ଓ ସର୍ବାଧିକ ତିନି ସଦସ୍ୟର ଦଳ ଭାବେ ନିଜ ପ୍ରସ୍ତାବ ଗୁଡିକ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦଳ ତାଙ୍କର ଧାରଣାକୁ ବିସ୍ତୃତ ଭାବେ ଉପସ୍ଥାପନା ମାଧ୍ୟମରେ ପ୍ରଦର୍ଶନ କରିଥିଲେ ଏବଂ ପରେ ନ୍ୟାୟାଧୀଶମାନଙ୍କ ସହ ଆଲୋଚନା ହୋଇଥିଲା । ମୂଲ୍ୟାୟନ ସମୟରେ ସମସ୍ୟା ଚିହ୍ନଟ, ପ୍ରସ୍ତାବିତ ସମାଧାନ, ନବୋନ୍ମେଷ, କାର୍ଯ୍ୟକ୍ଷମତା, ବ୍ୟବସାୟିକ ସମ୍ଭାବନା ଓ ସାମାଜିକ-ଆର୍ଥିକ ପ୍ରଭାବ ଭଳି ମୁଖ୍ୟ ବିଷୟଗୁଡ଼ିକୁ ଗୁରୁତ୍ୱ ଦିଆଯାଇଥିଲା ।

ସମସ୍ତ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରୁ ତିନୋଟି ଉତ୍କୃଷ୍ଟ ଛାତ୍ରଛାତ୍ରୀ/ଦଳକୁ ଚୟନ କରାଯାଇ ଆଗାମୀ ବିଶ୍ୱବିଦ୍ୟାଳୟ ସ୍ତରୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ରେ ପ୍ରତିନିଧିତ୍ୱ କରିବାକୁ ଅବସର ଦିଆଯାଇଛି ।

ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ଯୁକ୍ତିସଙ୍ଗତ ଚିନ୍ତନ ଓ ଉଦ୍ୟମୀ କୌଶଳକୁ ଉନ୍ନତ କରିବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପ୍ରମାଣିତ ହୋଇଛି ଏବଂ ନବୋନ୍ମେଷମୂଳକ ଶିକ୍ଷା ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଆହୁରି ସୁଦୃଢ କରିଛି ।

# ମେଣ୍ଟୁନି ଶୋଷ: ପାଣିମୁନ୍ଦାଏ ପାଇଁ ଗରା, ବାଲଟି ଧରି ରାଜରାସ୍ତାରେ ମହିଳା



ନୀଳଗିରି, ୨୨/୩ (ନି.ପ୍ର): ଜଳ ହିଁ ଜୀବନ ।ଜୀବସତ୍ତାର ବିକାଶ ଓ ବଞ୍ଚିରହିବା ପାଇଁ ଜଳର ପ୍ରମୁଖ ଆବଶ୍ୟକତା ରହିଛି । ଜୀବଜନ୍ତୁ ବିଶେଷକରି ମନୁଷ୍ୟସମାଜ ପାଇଁ ସରକାର ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରି ବିଭିନ୍ନ ଯୋଜନାରେ ସହରାଞ୍ଚଳ ଓ ଗାଁ ମାନଙ୍କୁ ଜଳଯୋଗାଣ କରୁଥିବା ବେଳେ ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଆଡ଼ିଆଖୁଣ୍ଟା ଗାଁର ଜଳକଷ୍ଟ କହିଲେ ନସରେ। ଏହି ଗାଁ ପ୍ରତି ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଅଣଦେଖା କରାଯାଉଥିବାରୁ ଗାଁ ଲୋକମାନେ ଦୀର୍ଘବର୍ଷ ଧରି ଜଳକଷ୍ଟ ଭୋଗୁଛନ୍ତି ।ରାଜ୍ୟସରକାର ବସୁଧା ଯୋଜନା ବ୍ୟବସ୍ଥାକରି ଜଳଯୋଗାଣ କରିଥିଲେ ମଧ ଉକ୍ତ ଯୋଜନାରେ ଗାଁଲୋକ ଦୀର୍ଘ ୨ମାସ ଧରି ପିଇବାପାଣି ପାଇବାରେ ବଞ୍ଚିତ ହେଉଛନ୍ତି। ସୋନନଦୀ କୂଳିଆ ଗାଁ ହୋଇଥିଲେ ମଧ ସରକାର ସୋନନଦୀରେ ବନ୍ଧବାନ୍ଧି ମେଗାପାନୀୟ ଜଳ ପ୍ରକଳ୍ପ ଦ୍ୱାରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଜଳଯୋଗାଇ ଆସୁଥିବା ବେଳେ ଏହି ସୁବିଧାରୁ ବଂଚିତ ହେଉଛନ୍ତି ଆଡିଆଖୁଣ୍ଟା ବାସୀ। ଏହି ଗାଁର ଲୋକ ସତେ ଯେମିତି ବାହ୍ୟ ଜଗତରୁ ବିଚ୍ଛିନ୍ନ ।ଏମାନଙ୍କ ପାଇଁ ଜଳ ଯେମିତି ସାତସପନ ପାଲଟିଛି। ମେଗାପାନୀୟ ଜଳଯୋଗାଣର ପାଇପ ଗାଁକୁ ବିଛାଯାଇଥିଲେ ମଧ ଜଳଯୋଗାଣ କରାଯାଉନାହିଁ। ଯାହା ଫଳରେ ଗାଁ ଲୋକ ଶୋଷ ମେଣ୍ଟେଇବାକୁ ଚୁଆପାଣି ସହିତ ନଈପାଣି ଉପରେ ଭରସା କରିଚାଲିଛନ୍ତି। ଉକ୍ତ ଗାଁର ପ୍ରାୟ ୯ଟି ନଳକୂପ ଥିଲେ ମଧ ଆଶାନୁରୂପକ ଜଳ ଦେଉନଥିବାରୁ ଗାଁ ଲୋକମାନେ ପିଇବା ପାଣି ପାଇଁ ଡହଳବିକଳ ହେଉଥିବାରୁ ଶେଷରେ ଆଜି ଶତାଧିକ ମହିଳା ଗରା, ବାଲଟି ଧରି ଆଡ଼ିଆଖୁଣ୍ଟା ନରଣପୁର ଜୟପୁର ରାସ୍ତାର ଆଡିଆଖୁଣ୍ଟା ଠାରେ ରାସ୍ତାଅବରୋଧ କରି ପ୍ରତିବାଦ କରିଛନ୍ତି। ଏନେଇ ବିଭାଗପକ୍ଷରୁ ରାଜରାସ୍ତାରେ ବସି ପ୍ରତିବାଦ କରୁଥିବା ମହିଳାଙ୍କ ଠାରେ ଉପସ୍ଥିତ ନହେବା ଦୁଃଖ ଓ ପରିତାପର ବିଷୟ। ଖରା ଆରମ୍ଭ ନହେଉଣୁ ଯଦି ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ତେବେ ପ୍ରଚଣ୍ଡଖରା ହେଲେ ଏହି ଗାଁ ଲୋକଙ୍କର ଅବସ୍ଥା କଣ ହେବ ଓ କିଏ ଦାୟୀ ରହିବ ତାହାକୁ ନେଇ ଉଠିଛି ପ୍ରଶ୍ନ। ଏନେଇ ଗାଁ ଲୋକ ବିଭାଗୀୟ ଅଧିକାରୀ ମାନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ବିଭାଗୀୟ ଅଧିକାରୀ ଓ ମେଗାପାନୀୟ ଜଳଯୋଗାଣ ଠିକାଦାରଙ୍କ ମନମାନୀ ଯୋଗୁଁ ଗାଁ ଲୋକ ପାଣିପାଇବାରୁ ବଞ୍ଚିତ ହେଉଥିବାର ଶତାଧିକ ଧାରଣକାରି ମହିଳାମାନେ ଅଭିଯୋଗ କରିଛନ୍ତି।

# ବିଜେଡିରୁ ନିଲମ୍ବନ ପରେ ବିଧାୟିକା ସୁବାସିନୀ ଜେନାଙ୍କ ଶକ୍ତି ପ୍ରଦର୍ଶନ

## ଦଳ ଛାଡିଲେ ବହୁ ତୁଙ୍ଗନେତା, ବସ୍ତା ମାଟିରେ ସୁବାସିନୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ବାଲିଆପାଳ , ୨୨/୩ (ନି.ପ୍ର): ଗତକାଲି ଦଳରୁ ନିଲମ୍ବନ ପରେ ଆଜି ବସ୍ତା ବିଧାୟିକା ସୁବାସିନି ଜେନା ନିଜ ନିର୍ବାଚନ ମଣ୍ଡଳୀର ଲଙ୍ଗଳେଶ୍ୱର ଠାରେ ପହଞ୍ଚିବା ପରେ ତାଙ୍କର ହଜାର ହଜାର ସମର୍ଥକ ଭବ୍ୟ ସ୍ୱାଗତ ସହ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏକ ବିରାଟ ଶୋଭାଯାତ୍ରାରେ ସେମାନେ ତାଙ୍କର ପ୍ରିୟ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ସ୍ଥଳୀକୁ ପାଛୋଟି ନେଇଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତର ରେ ବିଧାୟିକା ଜେନା କହିଥିଲେ ମୁଁ ଆପଣ ମାନଙ୍କର ସେବିକା ଏବଂ ଗୋଟିଏ ବ୍ରତ କରି ଘରୁ ଆସିଚି ଯେ କେବଳ ଆପଣମାନଙ୍କର ବା ମୋ ପ୍ରିୟ ବସ୍ତା ବାଲିଆପାଳ ବାସୀଙ୍କର ସେବା କରିବି । ରାଜ୍ୟସଭା ନିର୍ବାଚନର ଭୋଟଦାନ ବାବଦରେ ସେ କହିଥିଲେ ମୋର ଗୋଟିଏ ଭୋଟ ଦଳୀୟ ପ୍ରାର୍ଥୀଙ୍କୁ ଯାଇଥିବା ବେଳେ ଅନ୍ୟଟି ସ୍ୱାଧୀନ ପ୍ରାର୍ଥୀ ଯିଏ ବିଜୁ ବାବୁଙ୍କର ଅତି ଆପଣାର ଅତି ନିଜର ତାଙ୍କ ପୁଅ ଭଳିଆ ତାଙ୍କୁ ନିଜ ପାଖରେ ରଖିବାଠୁ ଆରମ୍ଭ କରି ତାଙ୍କର ମରାଶରୀର ଆଣିବା ପର୍ଯ୍ୟନ୍ତ ଏବଂ ଶେଷ କୃତ ପର୍ଯ୍ୟନ୍ତ ପାଖରେ ଯିଏ ଥିଲେ ମୋର ବିବେକାନୁମୋଦିତ ମୋ ଲୋକଙ୍କ ପାଇଁ ମୁଁ ତାଙ୍କୁ ଗୋଟେ ଭୋଟ ଦେଇଛି । ଏ ବସ୍ତା ବାଲିଆପାଳର ସର୍ବାଙ୍ଗୀନ ବିକାଶ ମୋର ଲକ୍ଷ୍ୟ ଏବଂ ଜୀବନର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ତାହା ଚେଷ୍ଟା କରିବି । ପ୍ରକାଶଥାଉକି ଗତ ଶନିବାର ରାତିରେ ବିଜୁ ଜନତା ଦଳରୁ ବିଧାୟିକା ସୁବାସିନୀ ଜେନାଙ୍କୁ ନିଲମ୍ବନ କରିବାପରେ ଜଣକ ପରେ ଜଣେ ବିଜେଡି ଦଳର ତୁଙ୍ଗ ନେତା ତଥା ନିର୍ବାଚିତ ପ୍ରତିନିଧି ବିଜେଡି ଦଳ ଛାଡିବାରେ ଲାଗିଛନ୍ତି । ଏହି କ୍ରମରେ ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ ମହାନ୍ତି,ମହିଳା ସଭାପତି ଲିପିକା ରାଉଳ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ମହିଳା ସଭାପତି କସ୍ତୁରୀବାଳା ପାତ୍ର,୨୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା କାଞ୍ଚନ ଜେନାଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତା ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ଜିଲ୍ଲାପରିଷଦ ସଭ୍ୟା ସୁଜାତାରାଣୀ ଦଣ୍ଡପାଟ, ଦେବୀକା ସୋରେନ, କାଞ୍ଚନ ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବରିଷ୍ଠ ନେତୃବୃନ୍ଦ ଏବଂ ବହୁ ସଂଖ୍ୟାରେ ସୁବାସିନୀଙ୍କ ମହିଳା, ପୁରୁଷ, ଯୁବ ଓ ଛାତ୍ର ସମର୍ଥକ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ରଗ୍‌ବୀରେ 'ଫ୍ୟୁଚର ଷ୍ଟାର' ମହିଳା ଦଳ ଶକ୍ତିଶାଳୀ କିସକୁ ହରାଇ ଚାମ୍ପିୟନ୍




ବାରିପଦା , ୨୨/୩ (ନି.ପ୍ର): ଚଳିତ ମାସ ୧୬ ଓ ୧୭ ତାରିଖ କେନ୍ଦୁଝରର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃ-ଜିଲ୍ଲା ବରିଷ୍ଠ ରଗବୀ ୭ ଏସ୍ ପ୍ରତିଯୋଗିତା - ୨୦୨୬ ରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଏକ ଚିତ୍ତାକର୍ଷକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇନାଲ୍ ମ୍ୟାଚ୍‌ରେ ଶକ୍ତିଶାଳୀ 'କିସ୍' ଦଳକୁ ୧୨-୧୦ ପଏଣ୍ଟରେ ପରାସ୍ତ କରି ଏକାଡେମୀ ଇତିହାସ ରଚିଛି। ପୂର୍ବରୁ ଦଳ ବାଲେଶ୍ୱରକୁ ୫୨-୦୦, କେନ୍ଦ୍ରାପଡାକୁ ୫୯-୦୦, ଜଗତସିଂହପୁରକୁ ୪୫-୦୦ ଏବଂ ସେମି ଫାଇନାଲରେ ମୟୂରଭଞ୍ଜକୁ ୨୬-୦୦ ବ୍ୟବଧାନରେ ପରାସ୍ତ କରି ନିଜର ଦବଦବା ବଜାୟ ରଖିଥିଲା। ଏହା ସହିତ ଏକାଡେମୀର ପୁରୁଷ ଦଳ ମଧ କ୍ୱାର୍ଟର ଫାଇନାଲରେ ସାହସିକତାର ସହ ଲଢି ସମସ୍ତଙ୍କର ପ୍ରଶଂସା ସାଉଁଟିଛନ୍ତି। ଏହି ଅବସରରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ସଂଘର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ବିଶେଷ ଭାବେ ଧନ୍ୟବାଦ ଅର୍ପଣ କରାଯାଇଛି। ସଂଘର ପ୍ରୋତ୍ସାହନ ଓ ସହଯୋଗ ଯୋଗୁଁ ଏକାଡେମୀ ପ୍ରଥମ ଥର ପାଇଁ ନିଜସ୍ୱ ନାମରେ ଏହି ରାଜ୍ୟସ୍ତରୀୟ ମଞ୍ଚରେ ଖେଳିବାକୁ ସୁଯୋଗ ପାଇଥିଲା। ଖେଳାଳିମାନଙ୍କର ଏହି କଠିନ ପରିଶ୍ରମ ଓ ସମର୍ପଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଉଦଳାରେ ମୁନି ସମାଜର ଚତୁର୍ଥ ବାର୍ଷିକ ପ୍ରାନ୍ତୀୟ ଅଧିବେଶନ



ଉଦଳା, ୨୨/୩ (ନି.ପ୍ର): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଚତୁର୍ଥ ବାର୍ଷିକ ପ୍ରାନ୍ତୀୟ ଅଧିବେଶନ ଚଳିତ ମାର୍ଚ୍ଚ ୨୧ ତାରିଖ ଶନିବାର ଓ ୨୨ ତାରିଖ ରବିବାର ୨ ଦିନ ଧରି ଉଦଳାସ୍ଥିତ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମୁନି ସମାଜ ଆଜକୁ ୯୦ ବର୍ଷ ଧରି ଯୋଗ, ସ୍ୱାସ୍ଥ୍ୟ, ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାରର ପ୍ରଚାର କରି ମାନବ ଜୀବନର ମହାଉପକାର ସାଧନ କରିଆସୁଅଛି । ଏହି ଅବସରରେ ୨ଦିନ ଧରି ସମୂହ ପ୍ରଣବ ଓ ଶୁଭଭାବନା, ନଗର ପରିକ୍ରମା, ନୂତନ ସଦସ୍ୟ ମାନଙ୍କ ପଂଜିକରଣ, କ୍ରିୟାତ୍ମକ ଯୋଗ ପ୍ରଦର୍ଶନ ଓ ସତସଙ୍ଗର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଗୋରଖପୁରର ମୁନିଶ୍ୱର ପଣ୍ଡିତ ନିରଂଜନ ଶାସ୍ତ୍ରୀ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁନି ସମାଜର ଦର୍ଶନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଓଡ଼ିଶା ପ୍ରାନ୍ତିୟ ମୁନି ସମାଜର ସମ୍ପାଦକ ପ୍ରଶାନ୍ତ କୁମାର ସିଂହ ଦୁଇଦିନ ଧରି ଚାଲିଥିବା ଏହି ଅଧିବେଶନରେ ଅଧକ୍ଷତା ଦାୟିତ୍ୱ ତୁଲାଇଥିବା ବେଳେ ଯୋଗାଚାର୍ଯ୍ୟ ବସନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶାର ବିଭିନ୍ନ ଅଂଚଳ ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ମଧ ବହୁସଂଖ୍ୟାରେ ଭାଇଭଉଣୀ ଏହିକାର୍ଯ୍ୟକ୍ରମରେ ଯୋଗଦେଇଥିବାର ଜଣାଯାଇଛି । ପୃଥିବୀ ତୃତୀୟବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ମୁନି ସମାଜର ଏପରି ଏକ ସତ୍‌ସଙ୍ଗ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇଦେଇଛି ବୋଲି ଅଧାପିକା ଆରତିବାଳା ସାହୁ ତାଙ୍କର ପ୍ରତିକ୍ରୀୟାରେ କହିଛନ୍ତି ।

# କଇଥଗଡିଆ-ଡୁଙ୍ଗୁରା ରାସ୍ତା ଯମ ଯନ୍ତ୍ରଣା ଭୋଗୁଛନ୍ତି ଯାତ୍ରୀ

## ଉଚ୍ଚସ୍ତରୀୟ ତଦନ୍ତ ନହେଲେ ଆନ୍ଦୋଳନ ଚେତାବନୀ



ଖଇରା, ୨୨/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ୬ ପଞ୍ଚାୟତକୁ ସଂଯୋଗ କରୁଥିବା ତଥା କଚ୍ଛପ ଗତିରେ ଚାଲୁଥିବା କଇଥଗଡିଆ-ଡଙ୍ଗୁରା ରାସ୍ତା ନିର୍ମାଣରେ ଅନିୟମିତତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଜଣେ କଳା ତାଲିକାଭୁକ୍ତ ଠିକାଦାରଙ୍କ ତତ୍ୱାବଧାନରେ ବର୍ତ୍ତମାନ ଏହି କାର୍ଯ୍ୟ ଚାଲୁଥିବାରୁ ପ୍ରତ୍ୟେକଟି କାର୍ଯ୍ୟରେ ଦୁର୍ନିତି ଜଳ ଜଳ କରି ବାହାରକୁ ଦେଖାଯାଉଛି । ଯଦି ଶେଷ ହୋଇଥିବା କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ କରାନଯାଏ ବା ବର୍ଷାଦିନ ପୂର୍ବରୁ ରାସ୍ତା ଏବଂ ପୋଲ ଶେଷ କରିବାକୁ ଦୃଷ୍ଟି ଦିଆନଯାଏ ତେବେ ୬ ପଞ୍ଚାୟତର ଜନସାଧାରଣ ସୋର-କୁପାରୀ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବା ଏହି ରାସ୍ତାର ୫.୧୫୬କିମି ରାସ୍ତାରେ କଂକ୍ରିଟ ଓ ପିଚୁ କରାଯିବାକୁ ପାଖାପାଖି ୨କୋଟି ୮୧ଲକ୍ଷ ଟଙ୍କା ଟଙ୍କା ପ୍ରଦାନ କରାଯାଇଥିଲା । ରାସ୍ତାର କାମପାଇଁ ଶୁଭ୍ରାଂଶୁ ଶେଖର ନାୟକ ଟେଣ୍ଡର ନେଇଥିଲେ ହେଁ ଅନ୍ୟ ଜଣେ କଳାତାଲିକାଭୁକ୍ତ ଠିକାଦାରଙ୍କ ଜରିଆରେ ଏହି କାମ ଚାଲିଥିବାରୁ ପେବର ବ୍ଲକ ଟାଇଲ ବିଛାଣ, ମେଟାଲିଂ, ଡଷ୍ଟ ବିଛାଯିବା ଭଳି ପ୍ରତ୍ୟେକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି । ସେହିଭଳି ତୋରାଣିପଦା ପଳସା ମଝିରେ ଗେଙ୍ଗୁଟି ନଦୀ ଉପରେ ପୁରୁଣା ପୋଲ ନିକଟରେ ନୂଆପୋଲ ଫାଉଣ୍ଡେସନ ଖୋଳାରେ ସିମିତ ରହିଛି । ଯାତ୍ରୀ ମାନେ ବିପଦସଂକୁଳ ଅବସ୍ଥାରେ ଥିବା ଏହି ପୁରୁଣା ପୋଲ ଉପରେ ଭୟାତୁର ଅବସ୍ଥାରେ ଯାତାୟାତ କରୁଛନ୍ତି । ରାସ୍ତାର କଇଥଗଡିଆ ନିକଟରେ ପ୍ରଥମେ ରାସ୍ତା କାମ ଆରମ୍ଭ କରି ଅସଂପୂର୍ଣ୍ଣ ଅବସ୍ଥାରେ ଛାଡି ଦିଆଦିଆଯାଇଥିବାରୁ ଏବେ ଲୋକଙ୍କ ଯାତାୟାତ ମୁସ୍କିଲ ହୋଇ ପୋଡିଛି । ସେହିଭଳି ଆଳଦା ଛକରୁ ମଡାପଦା ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା କଡ ମାଟି ଫିଲିଂ କରାଯାଉନଥିବାରୁ ରାସ୍ତାକଡରେ ପାଣି ଜମିରହିବା ସହ ଛୋଟବଡ ଦୁର୍ଘଟଣା ଘଟୁଛି । ୧ମାସ ତଳେ ଉକ୍ତ ରାସ୍ତାରେ ବିଭାଗୀୟ ତଦନ୍ତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଠିକାଦାରଙ୍କ ଉପରେ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଏଭଳି ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କ ପ୍ରତିକ୍ରିୟା ନିଆଯିବାରେ ଠିକାଦାରଙ୍କୁ କାର୍ଯ୍ୟ ସମ୍ପର୍କରେ ଚିଠି କରାଯାଇଛି । ଯଦି କାମର ମାନ ଠିକ ନରୁହେ ତେବେ ବିଲ ଦିଆଯିବ ନାହିଁ ।

# ଦୁଇଦିନିଆ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଯାପିତ



ବାରିପଦା , ୨୨/୩ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଏନ ଏଫ ଡି ସି ର ସହଯୋଗରେ ଆୟୋଜିତ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦଯାପିତ ହୋଇଯାଇଛି ଓ ଶ୍ରେଷ୍ଠ ପ୍ରାମାଣିକ ଚଳଚିତ୍ର ଭାବେ ଫାୟାର ଅନ ଏଜ (ଆସାମ), ୨ୟ ଶ୍ରେଷ୍ଠ ଭାବେ ଗୋଟ, ଫିସ, ସ୍ନେକ ସ୍କେରୋ (ପଶ୍ଚିମବଙ୍ଗ), ୩ୟ ଶ୍ରେଷ୍ଠ ଭାବେ ଧୀରଜ କଶ୍ୟପ ମୋଲାଇ (ଆସାମ) ଓ ଦି ଆର୍ଟ ଅଫ ବାବଯୋଲା (ଓଡିଶା)କୁ ସ୍ୱତନ୍ତ୍ର ପୁରସ୍କାର ଏବଂ ସୁଜିତ ଦେବ ବର୍ମା (ଆସାମ) ଶ୍ରେଷ୍ଠ ନିର୍ଦ୍ଦେଶକ, ଫାଲ୍ଗୁନୀ ଭକ୍ତା (ପଶ୍ଚିମବଙ୍ଗ) ଶ୍ରେଷ୍ଠ ମହିଳା ପ୍ରଯୋଜିକା ଓ ନିର୍ଦ୍ଦେଶିକା ଭାବେ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ଲଘୁ ଚଳଚିତ୍ର ଭାବେ ପୁଇସେ ଦାରେ (ଓଡିଶା), ୨ୟ ଶ୍ରେଷ୍ଠ ଭାବେ କାଚିଚିଣ୍ଡୁ (ଆସାମ), ୩ୟ ଶ୍ରେଷ୍ଠ ଭାବେ ଦ୍ୱିଧା (ଓଡିଶା) ଓ ବ୍ରେକିଙ୍ଗ ବେରିୟାର (ଓଡିଶା) ଏବଂ ଶ୍ୟାମ ସୁନ୍ଦର ମୁର୍ମୁ (ଓଡିଶା) ଶ୍ରେଷ୍ଠ ଅଭିନେତା , ଖୁସି ଟୁଡୁ (ଓଡିଶା) ଶ୍ରେଷ୍ଠ ଅଭିନେତ୍ରୀ, କାହ୍ନୁ କିଓସ୍କ (ଓଡିଶା) ଶ୍ରେଷ୍ଠ ଶିଶୁ କଳାକାର, ରମେଶ କୁମାର ହେମ୍ବ୍ରମ (ଓଡିଶା) ଶ୍ରେଷ୍ଠ ନିର୍ଦ୍ଦେଶକ, ରାଜେଶ କୁମାର ମୁର୍ମୁ (ଓଡିଶା) ଶ୍ରେଷ୍ଠ ଏଡିଟର ଓ ସିନେମାଟୋଗ୍ରାଫର, ରାଜମୋହନ ସୋରେନ (ଓଡିଶା) ଙ୍କ ହେଣ୍ଡେ ସୋନା ଶ୍ରେଷ୍ଠ କାହାଣୀ, କାହ୍ନୁ ଟୁଡୁ (ଓଡିଶା) ଶ୍ରେଷ୍ଠ ଶବ୍ଦ ସଂଯୋଜକ ଭାବେ ପୁରସ୍କୃତ ହୋଇଛନ୍ତି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟ ପୃଷ୍ଠପୋଷକ ସରୋଜିନୀ ହେମ୍ବ୍ରମ ପୁରସ୍କାର ବିତରଣ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପାୱାର ଫାଇନାନ୍ସ କର୍ପୋରେସନ ଲିମିଟେଡ଼ର ପୂର୍ବତନ ସି ଜି ଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦିଘୀ ମୁର୍ମୁ ମାର୍ଣ୍ଡି, ସି ଡି ପି ଓ ବିଟୁ ଟୁଡୁ, କାହ୍ନୁଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ଡଃ ରାମଚନ୍ଦ୍ର ମୁର୍ମୁ, ଦୀପକ କୁମାର ସୋରେନ, କାନ୍ଦନ ମାଝୀ, ନିହାରିକା ସୋରେନ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଣା ସୋରେନ ଓ ନିରଞ୍ଜନ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ ଓ ଫାଉଣ୍ଡେସନର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଏହି ମହୋତ୍ସବର ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଓ ଦ୍ୱିତୀୟ ଦିନରେ ୭ଟି ଲଘୁ ସିନେମା ଓ ୫ଟି ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ସୁମୀ ହାଁସଦା ବେଶ୍ରା, ସତ୍ୟନାରାୟଣ ହେମ୍ବ୍ରମ, ସୁମାଲି ମୁର୍ମୁ ହେମ୍ବ୍ରମ, ଅର୍ଜୁନ ସୋରେନ, ମିନତୀ ବାସ୍କେ, ପଦ୍ମାପ୍ରିୟା ସୋରେନ, ଡାଙ୍ଗି ସୋରେନ, ଲକ୍ଷ୍ମୀ ମୁର୍ମୁ, ଦେବାଶିଷ ପ୍ରତିହାରୀ ଓ ପାଲୁ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବନବିଭାଗ ଦ୍ୱାରା ଗୋଟିଏ ପିକ୍‌ଅପ୍ ସହିତ ୧୯ଟି ଶାଳଗଣ୍ଡି ଜବତ: ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ନୀଳଗିରି , ୨୨/୩ (ନି.ପ୍ର): ବେଆଇନ ଭାବେ ଜଙ୍ଗଲ ଆଇନକୁ ଉଲଂଘନକରି ଶାଳଗଣ୍ଡି ଭର୍ତ୍ତିକରିଯାଉଥିବା ଏକ ପିକଅପ୍ ଗାଡ଼ିକୁ ପୋଲିସ ସହାୟତାରେ ଜବତକରି ଦୁଇଜଣଙ୍କୁ କୋର୍ଟ ଚାଲାଣକରିଛି କୁଲଡିହା ବନବିଭାଗ। ସୂଚନା ଅନୁଯାୟୀ ଆଜି ଏକ ପିକଅପ୍ ଭ୍ୟାନରେ ୭୮ସିଫ୍ଟ (୧୯ଟି ଶାଳଗଣ୍ଡି) ଭର୍ତ୍ତିକରି ଯାଉଥିବା ସମୟରେ କୁଲଡିହା ବନବିଭାଗ ବିଶେଷ ସୂତ୍ରରୁ ଖବରପାଇ ଛତ୍ରପୁର ଠାରେ ବରହମପୁର ପୋଲିସ ସହାୟତାରେ ଜବତ କରିବାସହିତ ବାବୁ ନାୟକ ଏବଂ ଜିତେନ୍ଦ୍ର ମଥାନ ନାମକ ଦୁଇଜଣଙ୍କୁ ଗିରଫକରି ଉଭୟଙ୍କୁ ମାନ୍ୟବର ନୀଳଗିରି ଏସଡିଜେଏମଙ୍କ କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି। ଏନେଇ ଓଡ଼ିଶା ଜଙ୍ଗଲ ଆଇନ ଉଲଂଘନ ୧୯୭୨ସେକ୍ସନ ୫୬ଏବଂ ଟ୍ରାଞ୍ଜିଟ ଆଇନ୍ ୧୯୮୦ଅନୁଯାୟୀ କେସ ନଂ ୧୮କେ ୨୦୨୫/୨୬ରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

# ବାଲେଶ୍ୱର ସଦର କଂଗ୍ରେସରେ ମିଶ୍ରଣ ପର୍ବ : ଅନ୍ୟ ଦଳର ଆଗଧାଡି ଯୁବନେତା ହେଲେ ସାମିଲ



ବାଲେଶ୍ୱର , ୨୨/୩ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ଯୁବନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ କୁମାର ଲେଙ୍କା ଙ୍କ ପ୍ରଗାଢ଼ ଉଦ୍ୟମରେ ରେ ଆଜି ଜିଲ୍ଲା କାର୍ଯ୍ୟାଳୟ ରେ ଏକ ବଡ଼ ଧରଣ ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳ ର ପଂଚାୟତ ଓ ଜୋନ ସ୍ତରୀୟ ଯୁବନେତା ମାନେ ନିଜ କର୍ମୀ ଓ ସମର୍ଥକ ମାନଙ୍କ ସହ କଂଗ୍ରେସ ଦଳ ରେ ସାମିଲ ହୋଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା,ପୂର୍ବତନ ସଭାପତି ସଂଜୀବ ଗିରି, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ପ୍ରମୁଖ ନବାଗତ କର୍ମୀ ଙ୍କୁ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ।ସଦର ବ୍ଲକ କମିଟି ସଭାପତି ଜୟକୃଷ୍ଣ ବେହେରା ଙ୍କ ପୌରହିତ୍ୟ ରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ରେ ଜିଲ୍ଲା ଉପସଭାପତି ସରୋଜ ଲେଙ୍କା କହିଥିଲେ କି ସଦର ନିର୍ବାଚନମଣ୍ଡଳୀ ରେ କଂଗ୍ରେସ ଦଳ କୁ ଅଧିକ ସଂଗଠିତ କରିବା ପାଇଁ ମିଳିତ ଭାବେ ରଣ ନୀତି ପ୍ରସ୍ତୁତ କରାଯାଇଛି। ଅନ୍ୟ ଦଳ ର ନିଷ୍ଠାପର ସଂଗଠକ ଓ କର୍ମୀ ମାନଙ୍କୁ କଂଗ୍ରେସ ରେ ମିଶାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଦଳ ପାଇଁ ଯେଉଁ କର୍ମୀ ସମୟ ଓ ଶକ୍ତି ଦେବେ ସେମାନଙ୍କୁ ଦଳ ରେ ନିଆଯିବ। ସିନ୍ଧିଆ, ବଇଞ୍ଚା ଠାରୁ ଦଳ ମିଶ୍ରଣ ପର୍ବ ଆରମ୍ଭ କରିଛି। ଧୀରେ ଧୀରେ ଅନ୍ୟ ପଂଚାୟତ କୁ ଦଳ ପ୍ରବେଶ କରିବ। ପୂର୍ବତନ ସଭାପତି ଶ୍ରୀ ଗିରି ବିଜୁ ଲିଗାସୀ ଓ ଚିନ୍ତାମଣି ଜେନା ଲିଗାସୀ ଉପରେ ଉଲ୍ଲେଖ କରି ଏବେ ବାଲେଶ୍ୱର ରେ 'ଜେନା ବନାମ ନନା 'ଲଢେଇ ଜୋରଦାର ଚାଲିଛି ବୋଲି କଟାକ୍ଷ କରିଥିଲେ। ଦଳ ର ଯୁବ କର୍ମୀ ମାନେ ଦଳ ର କାର୍ଯ୍ୟକ୍ରମ କୁ ସୋସିଆଲ ମିଡ଼ିଆ ରେ ବ୍ୟାପକ ପ୍ରଚାର ପ୍ରସାର କରିବା ସହ ବିରୋଧୀ ଙ୍କ ଭୁଲ, ତ୍ରୁଟି ଓ ଦୁର୍ନୀତି କୁ ଲୋକଙ୍କୁ ଅବଗତ କରାଇବା ପାଇଁ ଏହି ସୋସିଆଲ ମିଡ଼ିଆ କୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମ ରେ ଅର୍ଚ୍ଚନା ନନ୍ଦୀ, ଜୋସ୍ନା ସେନାପତି, ଗୋପୀନାଥ ପାଢ଼ୀ, ୨୫ ନମ୍ବର ଜୋନ ସଭାପତି ଅନନ୍ତ ମହାପାତ୍ର, ଟାଉନ ସଭାପତି ଅନୁପ ସ୍ୱାଇଁ ସଂଖ୍ୟା ଲଘୁ ସେଲ ସଭାପତି ଶେଖ ଅସଗର ଅଲ୍ଲୀ ପ୍ରମୁଖ ଅଭିଭାଷଣ ରଖି ଥିଲେ। ଆଜି ପଚିଶ ନମ୍ବର ଜୋନର ଶ୍ରୀଭୀମ କାନ୍ତ ତରେଇ ଶ୍ରୀକୋଣା ପଂଚାୟତ ରୁ ଆଗ ଧାଡି ର ନେତା ,ଗୋପୀନାଥ ରଣା, ଗୌରାଙ୍ଗ ଖିଲାର, ଶୁକୁରା ରାଉତ, ହରି ଖିଲାର, ବାବୁ ଖିଲାର, ସିନ୍ଧିଆ ପଂଚାୟତ ର ପ୍ରକାଶ ଖଟୁଆ, ମୋହନ ଖଟୁଆ, ଶିବ ସାହୁ, ଫକୀର ମୋହନ ଖଟୁଆ, ସନ୍ତୋଷ ଦାସ ପ୍ରମୁଖ ନିଜ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି।

## ବସ୍ତା କ୍ରିକେଟ ଆସୋସିଏସନର କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: ଦି' ଲାୟନସ ଦଳ ଚମ୍ପିୟାନ




ବସ୍ତା, ୨୨/୩ (ନି.ପ୍ର): ବସ୍ତା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଦୀର୍ଘ ପନ୍ଦର ଦିନ ବ୍ୟାପି ଚାଲିଥିବା ଖେଳ ଆଜି ମହା ସମାରୋହରେ ଉଦଯାପିତ ହୋଇଯାଇଛି। ଏଥିରେ ଆଠଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଚୂଡାନ୍ତ ଖେଳକୁ 'ଦି' ଲାୟନସ' ଓ 'ଗୋଲଡେନ ଇଗଲ' ଦଳ ଉନ୍ନୀତ ହୋଇଥିଲେ। ଏହି ଦୁଇ ଦଳ ପରସ୍ପରକୁ ମୁକାବିଲା କରି ଶେଷରେ ଦି'ଲାୟନସ ଦଳ ଚମ୍ପିୟାନ ହୋଇଥିଲେ। ଏହି ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିବା ବେଳେ ରନର୍ସ ଅପ ଗୋଲଡେନ ଇଗଲ ଦଳକୁ ୨୫ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଏହି କ୍ରୀଡାକୁ ପ୍ରାକ୍ତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଉଦଘାଟନ କରିଥିଲେ। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ସୁବାସିନୀ ଜେନା ମୁଖ୍ୟ ଅତିଥି, 'ରିଷ୍ଟ କଲେଜ'ର ପ୍ରତିଷ୍ଠାତା କାଳୀ ଚରଣ ସେଠୀ ମୁଖ୍ୟ ବକ୍ତା, ପ୍ରାକ୍ତନ ସରପଞ୍ଚ ଅନୀଲ କୁମାର ମହାନ୍ତି, ସମାଜସେବୀ ସୁଧାଂଶୁ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଭାପତି ଗୌତମ ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ସାମ୍ବାଦିକ ରବି ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚେଙ୍ଗୁଆ ମଙ୍ଗଳପୁର ଆନନ୍ଦାନନ୍ଦ ଶିବମୁନି ଯୋଗାଶ୍ରମର ୩୨ ତମ ବାର୍ଷିକ ଉତ୍ସବ ପାଳିତ



ବଡସାହି, ୨୨/୩ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ଚେଙ୍ଗୁଆ ମଙ୍ଗଳପୁର ଶିବ ମୁନି ଯୋଗାଶ୍ରମର ୩୨ତମ ବାର୍ଷିକ ଅଧିବେଶନ ଆଜି ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଆଶ୍ରମର ଆଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି ସତ୍ୟ ପତାକଓ ଉତ୍ତୋଳନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ । ଆଶ୍ରମର ସଭାପତି ଯୋଗୀ ମୁରଲୀ ମୁନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶକ୍ଷ ପ୍ରାନ୍ତ ମୁନିସମାଜର ଅଧକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗର ଗୂଢ଼ତତ୍ତ୍ୱ ବର୍ଣ୍ଣନା କରି ପ୍ରତ୍ୟେକ ଗୃହସ୍ଥଙ୍କୁ ଯୋଗୀ ହେବାକୁ କହିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବି.ବି. ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ତଥା ଜିଲ୍ଲା ମୁନି ସମାଜର ସଂପାଦିକା ଡ଼ଃ ଅଳକା ମଞ୍ଜରୀ ଭୂୟାଁ ନାରୀ ଜୀବନରେ ଯୋଗର ଆବଶ୍ୟକତା ସମ୍ପର୍କରେ କହିଥିଲେ । ସମ୍ମାନିତ ବକ୍ତାଭାବେ ଜ୍ଞାନଦୀପ ପତ୍ରିକାର ସଂପାଦକ ଯୋଗୀ ସଞ୍ଜୟ ମୁନି ଜ୍ଞାନ ନିଷ୍ଠ ଓ କର୍ମନିଷ୍ଠ ସମ୍ପର୍କରେ କହିଥିବାବେଳେ ସମ୍ମାନିତ ଅତିଥି ଯୋଗୀ ବରେନ୍ଦ୍ର ମୁନି ଶିବମୁନିଙ୍କ ସିଦ୍ଧାନ୍ତ ଓ ଦର୍ଶନ ବ୍ୟାଖ୍ୟା କରିଥିଲେ । ଆଶ୍ରମ ଆଚାର୍ଯ୍ୟ ତଥା ଜିଲ୍ଲା ମୁନିସମାଜ ଅଧକ୍ଷ ଯୋଗୀ ହରେକୃଷ୍ଣ ମୁନି ମଞ୍ଚ ପରିଚାଳନା ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ମୁନିସୈନିକ ନରୋତ୍ତମ ଜେନା ଆଶ୍ରମର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ନିଆଯାଇଥିବା ପଦକ୍ଷେପର ସୂଚନା ପ୍ରଦାନ କରିଥିଲେ କ୍ଷ ମୁନିମତୀ ଗୀତାଞ୍ଜଳି ଭୂୟାଁ ପ୍ରାରମ୍ଭିକ ସଂଗୀତ ରଖିଥିବାବେଳେ ମୁନିସଙ୍ଗୀତ ଗାନ କରିଥିଲେ ଯୋଗୀ ନିଳାମ୍ବର ଧିନ୍ଦା । ଆଶ୍ରମର ସଂପାଦକ ଯୋଗୀ ପରମେଶ୍ୱର ମୁନି ବାର୍ଷିକ ବିବରଣୀ ପାଠ କରିଥିଲେ । ସହଯୋଗ କରିଥିଲେ ବାବୁଲା ମୁନି, ରବି ମୁନି, ମୁନିମତୀ ପ୍ରଜ୍ଞାସ୍ମିତା, ମୁନି ଜଗନ୍ନାଥ, ରତିକାନ୍ତ, ନିରଞ୍ଜନ ମୁନି, ବିଶ୍ୱନାଥ ମୁନି ତଥା ଡୁମୁରିଆ ମୁନି ସମାଜର ମୁନି ଓ ମୁନିମତୀ ଗଣ । ଶେଷରେ ନରୋତ୍ତମ ମୁନି ଧନ୍ୟବାଦ ପ୍ରଦାନ କରିଥିଲେ ।

## ସାମନ୍ତିଆ ପଲ୍ଲୀ ବନାଂଚଳରେ ବାଘ ଆତଙ୍କ

ଗଂଜାମ, ୨୨/୩ (ନି.ପ୍ର): ପାତ୍ର ପୁରବ୍ଲକ ସାମନ୍ତିଆ ପଲ୍ଲୀ ଅଂଚଳରେ କଲରାପତିଆ ବାଘ ଆତଙ୍କ ଦେଖାଦେଇଛି । ଗତକାଲି ଦିଗପହଣ୍ଡି ଲଂକାଗାଁ ସୁନାଖଳା ପାହାଡଉପରେ କଲରା ପତିଆ ବାଘ ବସିଥିବା କିଛିଲୋକ ଦେଖିବାକୁ ପାଇଥିଲେ । ବାଘର ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାରେ ସ୍ଥାନୀୟ ଲୋକେ ଆତକିଂତ ହୋଇ ପଡିଛନ୍ତି । ସାମନ୍ତିଆ ପଲ୍ଲୀ ବନ ବିଭାଗ ପକ୍ଷରୁ ଘଟଣାର ଅନୁଧାନ କରାଯାଉଛି ଓ ଲୋକେ ସତର୍କ ରହିବାକୁ ବନବିଭାଗ ପକ୍ଷରୁ ସଚେତନ କରାଯାଇଛି ।

# ଡ. ଶ୍ରୀହରି ପଣ୍ଡାଙ୍କ ସଂକ୍ଷିପ୍ତ ଶ୍ରୀମଭାଗବତ କଥାମୃତ ପୁସ୍ତକର ଲୋକାର୍ପଣ



ଉଦଳା, ୨୨/୩ (ନି.ପ୍ର): ଆଜି କପ୍ତିପଦା ନିକଟସ୍ଥ ଗୌଡଗାଁ ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ କପ୍ତିପଦା ମହାବିଦ୍ୟାଳୟ, ନୂଆସାହିର ବରିଷ୍ଠ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧାପକ ଡ. ଶ୍ରୀହରି ପଣ୍ଡାଙ୍କ ଆଲୋଚିତ ସଂକ୍ଷିପ୍ତ ଶ୍ରୀମଦ୍ ଭାଗବତ କଥାମୃତ ପୁସ୍ତକ ସଭାପତି ତଥା ଶ୍ରୀରାମଚରିତ ମାନସର ବିଶିଷ୍ଟ ପ୍ରବଚକ ଆଚାର୍ଯ୍ୟ ବିଜୟ କୁମାର ବ୍ରହ୍ମଚାରୀଙ୍କଦ୍ୱାରା ଲେଖକଙ୍କ ଇଷ୍ଟଦେବ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କୁ ଅର୍ପଣ ପୂର୍ବକ ଲୋକାର୍ପଣ ହୋଇଯାଇଅଛି । ସଭାପତି ନିଜର ପ୍ରାରମ୍ଭିକ ଭାଷଣରେ ବର୍ତ୍ତମାନର ଯୁବପିଢୀ ପାଶ୍ଚାତ୍ୟ ଶିକ୍ଷା ସହ ଆମର ପୁରାଣ, ଐତିହ୍ୟ ଏବଂ ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଜାଣିବାର ଆବଶ୍ୟକତା ଅଛି ବୋଲି ମତ ଦେବା ସହ ଅତୀତ ସମାଜରେ ଭାଗବତ ମହାପୁରାଣ କିଭଳି ସମାଜ ଶୃଙ୍ଖଳା ଦିଗରେ ସହାୟକ ହେଉଥିଲା ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଶିଷ୍ଟ କର୍ମକାଣ୍ଡ ବିଶାରଦ ଶ୍ରୀଯୁକ୍ତ ପିତାମ୍ବର ପଣ୍ଡା ପୁସ୍ତକଟି ବହୁ ଭାଗବତ ପିପାସୁଙ୍କ ତୃଷ୍ଣା ମେଣ୍ଟାଇବା ସହ ଆଧୁନିକ ପୀଢି ଅତି ସ୍ୱଳ୍ପରେ ଭାଗବତ ମହାପୁରାଣ ସମ୍ପର୍କରେ ଜାଣିବାରେ ସହଜ ହେବ ବୋଲି ମତ ରଖିଥିଲେ । ପୁସ୍ତକର ସମ୍ପର୍କରେ ନିଜର ଅଭିଜ୍ଞତା ଆଲୋଚକ ଶ୍ରୀହରି ପଣ୍ଡା କହିବା ସହ ନିଜ ମାଙ୍କ ମୁହଁରୁ ପୁରାଣ ଶୁଣି ସେଥିପ୍ରତି ଆଗ୍ରହର ଫଳ ସ୍ୱରୂପ ଆଜି ମା'ଙ୍କ ସହ ପୁସ୍ତକ ଅନାବରଣ କରିବାର ସୌଭାଗ୍ୟ ପାଇଥିବାରୁ ନିଜକୁ ଧନ୍ୟ ମଣିଥିଲେ ତଥା ପୁସ୍ତକର ପ୍ରକାଶନ ଦାୟିତ୍ୱ ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ବାଲେଶ୍ୱର ନେଇ ସ୍ୱଳ୍ପ ସମୟ ମଧରେ ପ୍ରକାଶ କରିଥିଭାରୁ ସମ୍ପାଦକ ଡ.କାଳୀପଦ ପଣ୍ଡାଙ୍କର ଭୂୟଅସୀ ପ୍ରଶଂସା କରିଥିଲେ । ଭିନ୍ନ କାର୍ଯ୍ୟକ୍ରମ ଥିବାରୁ ପ୍ରକାଶକ ସଭାରେ ଅନୁପସ୍ଥିତ ଥିଲେ ହେଁ ନିଜର ବାର୍ତାରେ ପୁସ୍ତକର ସଫଳତା କାମନା କରିବା ସହ ଆଲୋଚକ ନିଜ ମାତା, ପିତା, ଗୁରୁ, ପତ୍ନୀଙ୍କ ସହ ଇଷ୍ଟଦେବ ଶାଳଗ୍ରାମ ବିଗ୍ରହ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କୁ ଅର୍ପଣ କାରଣରୁ ଖୁସି ବ୍ୟକ୍ତ କରିଥିଲେ । ଇତ୍ୟବସରରେ ଉକ୍ତ ପୁସ୍ତକର ଅଧିକାଂଶ ଅଧ୍ୟାୟ ଧାରାବାହିକ ଭାବରେ ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ଧରି ସାପ୍ତାହିକ ଭାବରେ ଦୈନିକ ଧ୍ୱନିପ୍ରତିଧ୍ୱନି ଖବର କାଗଜ ପୃଷ୍ଠାରେ ପ୍ରକାଶ କରିଥିବାରୁ ଡ.ପଣ୍ଡା ଦୈନିକ ଧ୍ୱନିପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ମହୋଦୟା ଏବଂ ପରିଚାଳକ ସୃଷ୍ଟିଧର ଭାଇ ମହୋଦୟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଅତିଥି ପରିଚୟ ସହ ଶେଷରେ ଧନ୍ୟବାଦ ସୁଲେଖିକା, ସ୍ତମ୍ଭକାର ବିଦ୍ୟୁତଲତା ପଣ୍ଡା ଅର୍ପଣ କରିଥିଲେ । ଅଞ୍ଚଳର ବହୁ ସାହିତ୍ୟିକ, କଳାକାର ଏବଂ ବୁଦ୍ଧିଜୀବୀ ଉପସ୍ଥିତ ରହିବା ସହ ପୁସ୍ତକଟିର ପାଠକୀୟ ଶ୍ରଦ୍ଧା ଲଭିବ ବୋଲି ମତବ୍ୟକ୍ତ କରିଥିଲେ । ଏଥି ପୂର୍ବରୁ ଲେଖକଙ୍କର ଅମୃତ ସୋପାନ, ଆଧ୍ୟାତ୍ମିକ ଅନ୍ୱେଷା, ଜୀବନ ଜିଗୀଷା, ଶ୍ରୀଜଗନ୍ନାଥ, ଚିତ୍ତ ରଞ୍ଜନ ଦାସଙ୍କ ପ୍ରବନ୍ଧର ଦିଗ ଓ ଦିଗନ୍ତ, ଆମ ସଂସ୍କୃତିରେ ଓଷା ବ୍ରତ ଓ ପର୍ବପର୍ବାଣି(ଯୁଗ୍ମ), ମୟୂରଭଞ୍ଜିଆ ସାରସ୍ୱତ ସାଧକ(ଯୁଗ୍ମ), ଆମ କଥା ଓ ଆମ ସଂସ୍କୃତି, କାଳଜୟୀ ସୃଷ୍ଟି, ସ୍ରଷ୍ଟା ଓ ଅନ୍ୟନ୍ୟା ପ୍ରବନ୍ଧ ପୁସ୍ତକମାନ ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭକରିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida